ବର୍ଷ-୨୫, ସଂଖ୍ୟା-୧୩୦
ଭୁବନେଶ୍ୱର
୧୩, ମଇ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 130
Bhubaneswar
13,May, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଟେଷ୍ଟରୁ ବିଦାୟ

# ପାକିସ୍ତାନ ଛାତିରେ ଯୁଦ୍ଧ କରିଥିଲା ଭାରତ

## ଅପରେସନ ସିନ୍ଦୂର ଆମ ଦେଶର ମା' ଓ ଉଭଣୀଙ୍କୁ ସମର୍ପିତ : ପ୍ରଧାନମନ୍ତ୍ରୀ

## ପାକିସ୍ତାନର ଗୁହାରି ପରେ କେବଳ ସ୍ଥଗିତ ରଖାଯାଇଛି

## କେବଳ ପିଓକେ ଓ ଆତଙ୍କବାଦ ଉପରେ ହିଁ ଚର୍ଚ୍ଚା ହେବ

**ନୂଆଦିଲ୍ଲୀ,୧୨।୫(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭାରତ ଏବଂ ପାକିସ୍ତାନର ଡିଜିଏମଓଙ୍କ ମଧ୍ୟରେ ନିର୍ଦ୍ଧାରିତ ଆଲୋଚନା ପରେ ଦେଶକୁ ସମ୍ବୋଧିତ କରିଛନ୍ତି। ଅପରେସନ ସିନ୍ଦୂର ପରେ, ସେ ପ୍ରଥମ ଥର ପାଇଁ ଦେଶର ଜନତାଙ୍କ ସମ୍ମୁଖରେ ପାକିସ୍ତାନ, ପିଓକେ, ଅସ୍ତ୍ରବିରତି, ଆତଙ୍କବାଦକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। ଏହି ଅବସରରେ ପାକିସ୍ତାନକୁ କଡ଼ା ଭାଷାରେ ଚେତାବନୀ ଦେଇ କହିଛନ୍ତି, ଆତଙ୍କବାଦ ବିରୋଧରେ ଭାରତର କାର୍ଯ୍ୟାନୁଷ୍ଠାନ ଜାରି ରହିବ। ଭାରତୀୟ ସେନା, ସଶସ୍ତ୍ରବଳ, ଗୁଇନ୍ଦା ଏଜେନ୍ସି, ବୈଜ୍ଞାନିକଙ୍କୁ ଦେଶବାସୀଙ୍କ ତରଫରୁ ସ୍ୟାଲୁଟ୍ କରିଥିଲେ। ଦେଶର ବୀର ଯବାନ ଅପରେସନ ସିନ୍ଦୂରକୁ ଲକ୍ଷ୍ୟ ପର୍ଯ୍ୟନ୍ତ ଅସୀମ ଧୈର୍ଯ୍ୟର ସହ ନେଇଯାଇଥିଲେ। ସେମାନଙ୍କ ବୀରତା, ସାହାସ ଓ ପରାକ୍ରମ ଆଜି ଆମ ଦେଶର ମାଆ, ଉଭଣୀଙ୍କୁ ସମର୍ପିତ। ଅପରେଶନ ସିନ୍ଦୂର କେବଳ ଏକ ନାମ ନୁହେଁ, ବରଂ ଏହା କୋଟି କୋଟି ଭାରତୀୟଙ୍କ ଭାବନା ଓ ଆକ୍ରୋଶର ପ୍ରତିଫଳନ। ଟେରର ଓ ଟ୍ରେଡ୍ ଏକାସଙ୍ଗରେ ଚାଲିବ ନାହିଁ। ପାଣି ଓ ରକ୍ତ ଏକାସଙ୍ଗରେ ବୋହି ପାରିବନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଅପରେଶନ ସିନ୍ଦୁର ପ୍ରଥମଥର ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଦେଶର ସୁରକ୍ଷା ଓ ସାର୍ବଭୌମତ୍ୱ ରକ୍ଷା ପାଇଁ ସେନାର ଅବଦାନକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଆମ ସୈନିକମାନେ ଦେଶର ଗର୍ବ ସୀମାରେ ଥାଇ ସେମାନେ ଆମକୁ ନିରାପଦ ରଖିଛନ୍ତି। ଏହା ସହିତ ପ୍ରଧାନମନ୍ତ୍ରୀ ଗୋଇନ୍ଦା ସଂସ୍ଥା ଓ ଦେଶର ବୈଜ୍ଞାନିକମାନଙ୍କୁ ମଧ୍ୟ ସାଧୁବାଦ ଜଣାଇଛନ୍ତି। ସେମାନଙ୍କ ଅଭିନବ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ଦେଶର ପ୍ରତିରକ୍ଷା ଶକ୍ତିକୁ ଆହୁରି ସୁଦୃଢ଼ କରିଛି।ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ବୈଜ୍ଞାନିକମାନଙ୍କ କାର୍ଯ୍ୟ ବିଶ୍ୱସ୍ତରୀୟ ସେମାନଙ୍କ ଅବଦାନ ଭାରତକୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ଦେଖିଲା ଯେ କିପରି ପାକିସ୍ତାନର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଭାରତ ଆଗରେ ବିଫଳ ହୋଇଥିଲା। ଭାରତର ଶକ୍ତିଶାଳୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସେମାନଙ୍କୁ ଆକାଶରେ ହିଁ ଧ୍ୱଂସ କରିଦେଇଥିଲା। ପାକିସ୍ତାନ ସୀମାରେ ଯୁଦ୍ଧ ପାଇଁ ପ୍ରସ୍ତୁତ ଥିଲା, କିନ୍ତୁ ଭାରତ ପାକିସ୍ତାନର ଛାତିରେ ଯୁଦ୍ଧ କରିଥିଲା । ଭାରତୀୟ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରଗୁଡ଼ିକ ସଠିକତାର ସହିତ ଆକ୍ରମଣ କରିଥିଲେ। ସେମାନେ ପାକିସ୍ତାନୀ ବାୟୁସେନାର ଏୟାରବେସ୍‌ଗୁଡ଼ିକୁ କ୍ଷତି ପହଞ୍ଚାଇଥିଲେ, ଯାହା ଉପରେ ପାକିସ୍ତାନ ବହୁତ ଗର୍ବ କରୁଥିଲା। ପ୍ରଥମ ତିନି ଦିନରେ ଭାରତ ପାକିସ୍ତାନର ଏତେ ଧ୍ୱଂସ କରିଥିଲା, ଯାହା ସେ କଳ୍ପନା ମଧ୍ୟ କରିନଥିଲା।



ପିଏମ ମୋଦି କହିଥିଲେ, ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀମାନେ ଯେଉଁ ବର୍ବରକାଣ୍ଡ ଭିଆଇଥିଲେ ତାହା କେବଳ ଦେଶ ନୁହେଁ ବିଶ୍ୱକୁ ଯନ୍ତ୍ରଣା ଦେଇଥିଲା। ଛୁଟିଦିନ ପାଳିବାକୁ ଯାଇଥିବା ନିର୍ଦ୍ଦୋଷ ନାଗରିକଙ୍କୁ ଧର୍ମ ପଚାରି ନିର୍ମମ ଭାବରେ ହତ୍ୟା କରିଥିଲେ। ଏହାକୁ ନେଇ ସାରା ଦେଶରେ ଆକ୍ରୋଶର ନିଆଁ ଜଳିଥିଲା। ଆତଙ୍କବାଦୀ କଠୋର ଶାସ୍ତି ଦେବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ ଦେଶବାସୀ। ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଆମେ ସଶସ୍ତ୍ର ବାହିନୀକୁ ସ୍ୱାଧୀନତା ଦେଇଛୁ।ଆତଙ୍କବାଦୀ ସଂଗଠନକୁ ଚେତାଇ ଦିଆଯାଇଛି, ଯେ ଆମ ମାଆ-ଭଉଣୀଙ୍କ ମଥାରୁ ସିନ୍ଦୁର କାଢ଼ି ଦେବାର ପରିଣାମ କ'ଣ ତେବେ ଭୟଙ୍କର।ଏହି ଅପରେଶନରେ ଭାରତୀୟ ସେନା, ନୌସେନା ଓ ବାୟୁସେନାର ମିଳିତ ପ୍ରୟାସରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ପାକିସ୍ତାନ ହୃଦୟରେ ବସିଥିବା ଆତଙ୍କବାଦୀ ଭାରତୀୟ ସେନା କଠୋର ଦଣ୍ଡ ଦେଇଛି। ପାକିସ୍ତାନ ଓ ପିଓକେରେ ଥିବା ପ୍ରତିଷ୍ଠିତ ଆତଙ୍କୀଘାଟିକୁ ମିସାଇଲ୍ ଷ୍ଟ୍ରାଇକ୍ କରି ମାଟିରେ ମିଶାଇ ଦିଆଯାଇଛି।

ଭାରତର ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନ ପରେ, ପାକିସ୍ତାନ ଖସିଯିବାର ଉପାୟ ଖୋଜିବା ଆରମ୍ଭ କରିଥିଲା ଏବଂ ପରାସ୍ତ ହେବା ପରେ, ମେ ୧୦ ତାରିଖ ଅପରାହ୍ନରେ, ପାକିସ୍ତାନୀ ସେନା ଆମର ଡିଜିଏମଓଙ୍କ ସହିତ ଯୋଗାଯୋଗ କରିଥିଲା। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଆମେ ପାକିସ୍ତାନରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସାବଶେଷରେ ପରିଣତ କରିଥିଲୁ। ତେଣୁ ଯେତେବେଳେ ପାକିସ୍ତାନ ପକ୍ଷରୁ ଏକ ନିବେଦନ କରାଯାଇଥିଲା ଏବଂ ପାକିସ୍ତାନ ପକ୍ଷରୁ କୁହାଯାଇଥିଲା ଯେ ଏହା ଭବିଷ୍ୟତରେ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ହେବ ନାହିଁ କିମ୍ବା ସାମରିକ ସାହସ ପ୍ରଦର୍ଶନ କରିବ ନାହିଁ, ସେତେବେଳେ ଭାରତ ମଧ୍ୟ ଏହାକୁ ବିଚାର କରିଥିଲା। ଆଗାମୀ ଦିନରେ, ପାକିସ୍ତାନର ପ୍ରତ୍ୟେକ ପଦକ୍ଷେପକୁ ବିଚାର କରିବୁ, ଯଦି ପୁଣି ଥରେ ଆତଙ୍କବାଦୀ ହମଲା ହୁଏ। ତେବେ ଭୀଷଣ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପିଏମ୍ ମୋଦି କହିଛନ୍ତି।

ଆମ ସେନାର ବୀରତ୍ୱ ଓ ଏକତା ଆମର ଗର୍ବ ଅପରେଶନ ସିନ୍ଦୂର କେବଳ ଏକ ସାମରିକ ଜୟ ନୁହେଁ, ଏହା ଭାରତ ମାତାର ସମ୍ମାନ ଓ ନ୍ୟାୟ ପାଇଁ ଆମର ଅଟଳ ପ୍ରତିଜ୍ଞା ।ଏହି ଘଟଣା ଭାରତର ସାମରିକ ଶକ୍ତି ଓ ଦୃଢ଼ତାକୁ ବିଶ୍ୱ ସମ୍ମୁଖରେ ପୁନର୍ବାର ପ୍ରମାଣ କରିଛି। ଯେଉଁମାନେ ଆମ ମହିଳାଙ୍କ ସିନ୍ଦୁର ପୋଛିବାକୁ ଚେଷ୍ଟା କରିଛନ୍ତି, ସେମାନେ ଏବେ ଭାରତର ଶକ୍ତି ଓ ନିଷ୍ପତ୍ତିର ପରିଣାମ ଦେଖିଛନ୍ତି।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଆମେ ଶାନ୍ତି ଚାହୁଁ, କିନ୍ତୁ ଆତଙ୍କବାଦକୁ କେବେ ବରଦାସ୍ତ କରିବୁ ନାହିଁ। ପାକିସ୍ତାନର ଏହି ନିବେଦନ ସେମାନଙ୍କ ଦୁର୍ବଳତା ଓ ଅତେଙ୍କବାଦୀ ସମର୍ଥନର ପରାଜୟକୁ ଦର୍ଶାଉଛି। ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଆନ୍ତର୍ଜାତୀୟ ମଞ୍ଚରେ ଭାରତର ଏହି କାର୍ଯ୍ୟକୁ ନ୍ୟାୟସଙ୍ଗତ ବୋଲି ପ୍ରମାଣ କରିଥିବା ବେଳେ ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲଙ୍କ ନେତୃତ୍ୱରେ ଏହି ଅପରେଶନ ସଫଳ ହୋଇଥିଲା।

ପାକିସ୍ତାନ ସହ କେବଳ ପାକ୍ ଅଧିକୃତ କାଶ୍ମୀର ଓ ଆତଙ୍କବାଦ ଉପରେ ଏହିଁ ଚର୍ଚ୍ଚା ହେବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସୋମବାର ରାଷ୍ଟ୍ର ଉଦ୍ଦେଶ୍ୟରେ ବାର୍ତ୍ତାରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଉଠୁଥିବା ଅନେକ ପ୍ରଶ୍ନର ସିଧା ଉତ୍ତର ଦେଇଛନ୍ତି। ପିଏମ୍ ମୋଦୀ ଏହି ଅବସରରେ ପାକିସ୍ତାନକୁ କଡ଼ା ଚେତାବନୀ ଜାରି କରି ଏହା ବି କହିଛନ୍ତି ଯେ ଏବେ ରକ୍ତ ଓ ପାଣି ଏକାସଙ୍ଗରେ ବୋହିବ ନାହିଁ। ବ୍ୟବସାୟ ଓ ଆତଙ୍କବାଦ ଏକାସଙ୍ଗରେ ଚାଲିବ ନାହିଁ। ଆତଙ୍କବାଦକୁ ପୃଷ୍ଠପୋଷଣ କରୁଥିବା ସରକାର ଏବଂ ଆତଙ୍କୀ ସଂଗଠନମାନଙ୍କୁ ଭାରତ ଅଲଗା ଭାବେ ବିଚାର କରିବ ନାହିଁ। ଆତଙ୍କୀ ଠିକଣାଗୁଡ଼ିକ ଉପରେ ଭାରତ ସଠିକ ଓ ନିର୍ଣ୍ଣାୟକ ପ୍ରହାର କରିବ, ବୋଲି ସେ ଘୋଷଣା କରିଛନ୍ତି। ଏହା ସହ ସେ ପାକିସ୍ତାନର ପରମାଣୁ ଅସ୍ତ୍ର ବ୍ୟବହାରର ଧମକକୁ ବ୍ଲାକମେଲ୍ ବୋଲି ଅଭିହିତ କରି ଏହାକୁ ପୂର୍ଣ୍ଣତଃ ଅଗ୍ରାହ୍ୟ କରିଛନ୍ତି। ଯଦି ସମୟ ଯୁଦ୍ଧର ନୁହେଁ, କିନ୍ତୁ ଆବଶ୍ୟକତା ପଡ଼ିଲେ ଶକ୍ତିର ବ୍ୟବହାର ମଧ୍ୟ ବି ଜରୁରି।

# ଆଉ ସୀମାରେ ଶୁଭିବନି ଗୁଳିର ଶବ୍ଦ

**ନୂଆଦିଲ୍ଲୀ,୧୨।୫(ମହାଭାରତ):** ଭାରତ ଏବଂ ପାକିସ୍ତାନ ମଧ୍ୟରେ ଡିଜିଏମଓ ସ୍ତରୀୟ ବୈଠକ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଭାରତର ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ ଏବଂ ପାକିସ୍ତାନର ମେଜର ଜେନେରାଲ କାସିଫ୍ ଅବଦୁଲାଙ୍କ ମଧ୍ୟରେ ଖୋଲା ଆଲୋଚନା ପରେ ଏହି ଆଲୋଚନା ଶାନ୍ତିପୂର୍ଣ୍ଣ ହୋଇଥିବା ସୂଚନା ମିଳିଛି ।

ଅସ୍ତ୍ରବିରତି ପରେ ଦୁଇ ଦେଶ ମଧ୍ୟରେ ଡିଜିଏମଓ ସ୍ତରରେ ଏହା ପ୍ରଥମ ଆଲୋଚନା ଥିଲା। ଆଲୋଚନା ସମୟରେ ଦୁଇ ପକ୍ଷ ଗୋଟିଏ ବି ଗୁଳି ଚଳାଇବେ ନାହିଁ ବୋଲି ସହମତି ପ୍ରକାଶ କରିଛନ୍ତି। ତା ସହିତ ପରସ୍ପର ପ୍ରତି କୌଣସି ଆକ୍ରମଣାତ୍ମକ ଏବଂ ଶତ୍ରୁତାପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ। ସେହିପରି ସୀମାନ୍ତରେ ଫରୱାର୍ଡ ପୋଷ୍ଟଗୁଡ଼ିକରୁ ସୈନ୍ୟ ସଂଖ୍ୟା ହ୍ରାସ କରିବା ଲାଗି ତତ୍କାଳ ପଦକ୍ଷେପ ନେବା ଦିଗରେ ବିଚାର କରିବେ ବୋଲି ସହମତ ହୋଇଛନ୍ତି। ଭାରତର ଆକ୍ରମଣ ତୀବ୍ର ହେବା ପରେ ପାକିସ୍ତାନୀ ଡିଜିଏମଓ ଭାରତକୁ ଫୋନ କରି ଅସ୍ତ୍ରବିରତି ପାଇଁ କହିଥିଲେ। ଏହା ପରେ ଭାରତର ତିନି ସେନା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର, ଏନଏସଏ ଅଜିତ ଡୋଭାଲ ପ୍ରମୁଖ ଆଲୋଚନା କରି ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାର୍ତ୍ତା ପରେ ସାମ୍ବାରେ ପାକିସ୍ତାନ ପଟୁ ଡ୍ରୋନ୍ ଉଡ଼ିଥିବା ସୂଚନା ମିଳିଛି। ଡ୍ରୋନ ଉଡିବା ନେଇ ଏଏନଆଇରେ ସୂଚନା। ତେବେ ସବୁ ଡ୍ରୋନକୁ ନଷ୍ଟ କରିଛି ଭାରତୀୟ ଏୟାର ଡିଫେନ୍ସ । ପ୍ରଥମ ପର୍ଯ୍ୟାୟ ଡ୍ରୋନ ପରେ ଆଉ ଆସିନଥିବା ସୂଚନା। ତେବେ କିଛି ସମୟ ତଳେ ସାମ୍ବାରେ ବିସ୍ଫୋରଣର ଶବ୍ଦ ଶୁଭିଥିବାର ଖବର ଆସିଥିଲା।ଡ୍ରୋନ ଦେଖାଯିବା ପରେ ସାମ୍ବାକୁ ବ୍ଲାକ ଆଉଟ୍ କରାଯାଇଥିଲା। ସାମ୍ବା ସେକ୍ଟରରେ ବହୁତ କମ୍ ସଂଖ୍ୟକ ଡ୍ରୋନ୍ ଆସିଛି ଏବଂ ପରେ ଆଉ ଆସିନି। ତେଣୁ ଭୟଭୀତ ହେବାର କିଛି ନାହିଁ ବୋଲି ସେନା ସୂତ୍ରରୁ କୁହାଯାଇଛି।

## ପାକିସ୍ତାନର ପୋଲ୍ ଖୋଲିଲା ଭାରତ

# ପାଉଁଶ ହୋଇଗଲା ଚୀନ ମିସାଇଲ୍ ଓ ତୁର୍କୀ ଡ୍ରୋନ୍

**ନୂଆଦିଲ୍ଲୀ,୧୨।୫(ଏଜେନ୍ସି):** ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ମିରାଜ ଯୁଦ୍ଧ ବିମାନ, ଚୀନ କ୍ଷେପଣାସ୍ତ୍ର ଏବଂ ତୁର୍କୀର ଡ୍ରୋନ ଖସାଇଛି ଭାରତ। ଅପରେସନ ସିନ୍ଦୂରକୁ ନେଇ ସୋମବାର ୨ୟ ପ୍ରେସ ବ୍ରିଫିଂରେ ଭାରତୀୟ ବାୟୁସେନା ଏୟାର ମାର୍ଶଳ ଏ.କେ. ଭାରତୀ ଏହା କହିଛନ୍ତି।

ଭାରତୀ କହିଛନ୍ତି ଯେ, ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର(ପିଓକେ)ରେ ଥିବା ଆତଙ୍କବାଦୀ ଆଡ୍ଡାକୁ ଆମେ କେବଳ ଟାର୍ଗେଟ କରିଥିଲୁ।ରବିବାର ବିଳମ୍ବିତ ରାତିରେ ପାକ୍ ସେନା ସ୍ୱୀକାର କରିଥିଲା ଯେ, ତାଙ୍କର କେବଳ ଗୋଟିଏ ଯୁଦ୍ଧ ବିମାନର ଆଂଶିକ କ୍ଷତି ହୋଇଛି। ପାକିସ୍ତାନ ପକ୍ଷରୁ ଭାରତର ସାମରିକ ଘାଟି ଏବଂ ଜନସାଧାରଣଙ୍କୁ ଟାର୍ଗେଟ କରାଯାଇଥିଲା। ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଟାର୍ଗେଟକୁ ଭାରତ ନିଷ୍ଫଳ କରିଦେଇଥିଲା ।ପାକିସ୍ତାନ ଚୀନ କ୍ଷେପଣାସ୍ତ୍ର(ପିଏଲ-୧୫)କୁ ବ୍ୟବହାର




କରିଥିଲା ଯାହାକୁ ଆମ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ନଷ୍ଟ କରିଦିଆଯାଇଥିଲା ସେହିପରି ଶତାଧିକ ତୁର୍କୀ ଡ୍ରୋନ ଇହାକୁ ମଧ୍ୟ ନଷ୍ଟ କରିଦିଆଯାଇଛି ବୋଲି ଭାରତୀ କହିଥିଲେ ।ଯୁଦ୍ଧ ବିମାନର ଆଂଶିକ କ୍ଷତି ହୋଇଥିବା ପାକିସ୍ତାନ ଦର୍ଶାଇଥିଲା ଭାରତର ଆକ୍ରମଣରେ ପାକିସ୍ତାନର ବିଶେଷ କ୍ଷତି ହୋଇନି ବୋଲି କହି ଭାରତର ଦାବିକୁ ଫାଙ୍କି ଦେଉଥିଲା ।କିନ୍ତୁ ଭାରତ ସ୍ପଷ୍ଟ କରିଛି ଯେ, ପାକିସ୍ତାନର ମିରାଜ ଯୁଦ୍ଧ ବିମାନକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦିଆଯାଇଛି ଏହାର ଭଗ୍ନାଂଶଗୁଡ଼ିକୁ ସେନା ପକ୍ଷରୁ ଏକ ଭିଡିଓରେ ପ୍ରଦର୍ଶିତ କରାଯାଇଛି ।ଏହାପୂର୍ବରୁ ଆଜି ପ୍ରେସମିଟ୍ କରି ଏ ବାବଦରେ ବଖାଣିଛନ୍ତି ୩ ସେନା ।ଡିଜିଏମ୍‌ଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ କହିଛନ୍ତି ଯେ, ପାକିସ୍ତାନ ପ୍ରୟୋଗ କରିଥିବା ଚାଇନା ମିସାଇଲ ଏବଂ ତୁର୍କୀ ଡ୍ରୋନକୁ ସୀମାରେ ଖସାଇଥିଲେ ଭାରତୀୟ ଯବାନ। ପାକିସ୍ତାନ ଚୀନ ଠାରୁ ଆଣିଥିବା ପିଏଲ-୧୫ ଏୟାର ଟୁ ଏୟାର ମିସାଇଲକୁ ବି ଭାରତ ଧ୍ୱଂସ କରିଛି ।ସେହିପରି ଭାରତର ଏୟାର ଡିଫେନ୍ସ ସିଷ୍ଟମକୁ ଭେଦିବା କଷ୍ଟକର ବ୍ୟାପାର। ଆମର ୪ ଥାକିଆ। ସୁରକ୍ଷା କବଚ ଥିବାରୁ ଏହାକୁ ଭେଦିବା କଷ୍ଟ , ଯାହା ପାକିସ୍ତାନ ପାଖେ ନାହିଁ ।ତେଣୁ ଆମର କ୍ଷୟକ୍ଷତି କମ୍, ପାକିସ୍ତାନର ଅଧିକ ପାକିସ୍ତାନର ଅନେକ ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିଛନ୍ତି ଭାରତୀୟ ସେନ। ପ୍ରେସମିଟରେ ଭଗ୍ନାବଶେଷର ଚିତ୍ର ଦେଖାଇଛନ୍ତି ।ରାଜୀବ ଘାଇ ପାକିସ୍ତାନର ଚୀନ କ୍ଷେପଣାସ୍ତ୍ର ବିଫେଲ୍ ମାରିଥିବା କହିଛନ୍ତି। ଭାରତର ଡିଜିଏମଓ ଅପରେସନ୍ ସିନ୍ଦୂରରେ ବିଏସଫର ଯୋଗଦାନ ରହିଛି ।ପହଲଗାମରେ ନିରୀହଙ୍କ ଉପରେ ଆକ୍ରମଣ କରାଯାଇଛି ।ଏହାପରେ ଭାରତୀୟ ଯବାନ ଆତଙ୍କୀଙ୍କ ଉପରେ ସଠିକ୍ ଭାବେ ଆକ୍ରମଣ କରିଛନ୍ତି ସୀମା ଅତିକ୍ରମ ନକରି ଆକ୍ରମଣ କରିଛୁ ବୋଲି ଡିଜିଏମଓ ସ୍ପଷ୍ଟ କରିଛନ୍ତି

# ବାରିପଦାରେ ଅଲଚିକି ଲାଇବ୍ରେରୀ ପ୍ରତିଷ୍ଠା

**ରାଇରଙ୍ଗପୁର/ଭୁବନେଶ୍ୱର,୧୨।୫(ମହାଭାରତ):** ସାନ୍ତାଳୀ ଭାଷାର ଅଲଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ଏବଂ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ ତମ ରାଜ୍ୟସ୍ତରୀୟ ଜନ୍ମବାର୍ଷିକୀ ଉତ୍ସବ ଆଜି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅନ୍ତର୍ଗତ ମହୁଲଡିହା ଅଂଚଳରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ, ଦାଣ୍ଡବୋଷ ଅଂଚଳରେ ଥିବା ପଣ୍ଡିତ ମୁର୍ମୁଙ୍କ ବାସଭବନକୁ ସ୍ମାରକୀ ତୀର୍ଥସ୍ଥଳୀ ଓ ତାଙ୍କ ସମାଧି ପୀଠକୁ ଐତିହ୍ୟ ସ୍ମୃତି ପୀଠ ଭାବେ ପରିଣତ କରିବାକୁ ଘୋଷଣା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଛନ୍ତିଯେ, ଅଲଚିକି ଲିପିର ୧୦୦ ବର୍ଷ ପୂରଣ ସମାରୋହ ୧ ବର୍ଷ ବ୍ୟାପି ସାରା ରାଜ୍ୟରେ ହେବ ଓ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ଏକ ଅନ୍ତର୍ଜାତୀୟ ସେମିନାର ଆୟୋଜନ ହେବ। ଏଥିସହିତ, ପଣ୍ଡିତ ମୁର୍ମୁଙ୍କ ରଚିତ ସମସ୍ତ ପୁସ୍ତକ ଗୁଡିକୁ ଜନାଦୃତ କରାଇବା ପାଇଁ, ବାରିପଦାରେ ଅଲଚିକି ଲାଇବ୍ରେରୀ ପ୍ରତିଷ୍ଠା, ପଣ୍ଡିତ ରଘୁନାଥ ମୁର୍ମୁ ଓପନ ଥିଏଟର-ସଂଗ୍ରହାଳୟ, ଏବଂ ତାଙ୍କ କର୍ମଭୂମି ଠାରେ ଐତିହ୍ୟ ଭବନ ପ୍ରତିଷ୍ଠା କରାଯିବ ବୋଲି ସେ ଘୋଷଣା କରିବା ସହିତ ଏହି ସବୁ କାର୍ଯ୍ୟ ପାଇଁ ସମୁଦାୟ ୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ, ମୁଖ୍ୟମନ୍ତ୍ରୀ କହିଥିଲେଯେ, ପଣ୍ଡିତ ମୁର୍ମୁଙ୍କ ଜୀବନ କେବଳ ଜଣେ ବ୍ୟକ୍ତି ଭାବେ ନୁହେଁ, ସେ ଏକ ଆନ୍ଦୋଳନ,



ଏକ ଚେତନା, ଏକ ଶିଳ୍ପ ଓ ସଂସ୍କୃତିର ଅଭିଜ୍ଞାନ ।ଅଲଚିକି ଲିପିର ୧୦୦ ବର୍ଷ ପୂର୍ତ୍ତି ପାଳନ କେବଳ ଜଣେ ଉଦ୍ଭାବକଙ୍କ ମାନସିକ ସୃଷ୍ଟିର ସମ୍ମାନ ନୁହେଁ, ବରଂ ଏହା ଏକ ଜନଜାତିର ଭାଷା, ସଂସ୍କୃତି ଓ ଅସ୍ମିତାର ଏକ ମୁକ୍ତ ଅଭିଯାନର ପରିଚୟ। ତାଙ୍କ ଲିପି ଉଦ୍ଭାବନ କେବଳ ଶାବ୍ଦିକ ପରିବର୍ତ୍ତନ ନୁହେଁ, ତାହା ଥିଲା ଏକ ସଂସ୍କୃତି ଉନ୍ନତିର ନୂଆ ଅଧ୍ୟାୟ। ଆମେ ଅନେକ ସମୟରେ ଭାଷାକୁ କେବଳ ଯୋଗାଯୋଗର ସାଧନ ବୋଲି ଭାବୁ। କିନ୍ତୁ ଭାଷା ହେଉଛି ଅସ୍ମିତା, ଅସ୍ତିତ୍ୱ, ଓ ଅଭିମତର ପ୍ରତିନିଧି। ଯେଉଁ ସମାଜ ନିଜ ଭାଷାରେ ଗର୍ବ ଅନୁଭବ କରେ, ସେହି ସମାଜ ଆଗକୁ ବଢ଼େ। ଅଲଚିକି ଏହି ଗର୍ବର ପ୍ରତୀକ। ଏହା ମନୁଷ୍ୟକୁ ଶିକ୍ଷା, ସଂହତି, ଓ ସଂସ୍କୃତିରେ ଏକ ଜନଶକ୍ତି ରୂପେ ଗଢ଼ିଥାଏ। ଓଡ଼ିଶା ସରକାର ଏହି ଲିପି ଓ ସାନ୍ତାଳୀ ଭାଷା ପ୍ରତି ସଦା ଗଭୀର ଦୃଷ୍ଟି ଓ ପ୍ରଶ୍ରୟ ଦେଇଛି। ପ୍ରାଥମିକ ଶିକ୍ଷାରେ ସାନ୍ତାଳୀ ଭାଷାର ଅନୁଷ୍ଠାନ, ପାଠ୍ୟପୁସ୍ତକ ତିଆରି, ଶିକ୍ଷକ ପ୍ରଶିକ୍ଷଣ, ଓ ଭାଷା ଶୋଧ କେନ୍ଦ୍ର ସୃଷ୍ଟି ଦ୍ୱାରା ଆମେ ଏହାକୁ ଆଗକୁ ନେଉଛୁ ବୋଲି ସେ କହିଥିଲେ।

ସେ ପୁଣି କହିଥିଲେଯେ, ସାନ୍ତାଳ ସମାଜ ପାଇଁ ପଣ୍ଡିତ ମୁର୍ମୁ ଦେଖିଥିବା ପଥ ଆଜି ମଧ୍ୟ ଆଲୋକମୟ। ମୁଁ ଚାହେଁ ଯେ ଆମ ପିଢ଼ି ପିଢ଼ି ତାଙ୍କ ଦେଖିଥିବା ମୂଲ୍ୟବୋଧ, ଜ୍ଞାନ, ଓ ସଂସ୍କୃତି ପ୍ରତି ପ୍ରେମକୁ ଅନୁସରଣ କରୁ। ଅନ୍ୟ ଭାଷା, ଅନ୍ୟ ଧର୍ମ, ଅନ୍ୟ ସଂସ୍କୃତି ପାଇଁ ସମ୍ମାନ ଓ ଆତ୍ମସମ୍ମାନ ହେଉ ସାମ୍ପ୍ରଦାୟିକ ସମନ୍ୱୟର ମୂଳ ଶକ୍ତି। ତାଙ୍କ ଦର୍ଶନ ଓ ଆଦର୍ଶକୁ ଆଗେଇନେବା ଆମ ସମସ୍ତଙ୍କର ଦାୟିତ୍ୱ। ତାଙ୍କ ନାମରେ ଏକ ମେଡିକାଲ କଲେଜ ଖୋଲାଯାଇଛି। ତାଙ୍କ ନାମରେ ଆହୁରି ଅଧିକ ଗବେଷଣା କେନ୍ଦ୍ର, ଶିକ୍ଷାନୁଷ୍ଠାନ ସ୍ଥାପିତ କରିବା ପାଇଁ ଆମେ ସଂକଳ୍ପବଦ୍ଧ ହେବା। ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସାନ୍ତାଳୀ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର କାର୍ଯ୍ୟକୁ ଆହୁରି ଜୋରଦାର କରାଯିବ।

## ଆଣ୍ଡାମାନ ଛୁଇଁବ ମୌସୁମୀ

**ନୂଆଦିଲ୍ଲୀ,୧୨।୫(ମହାଭାରତ):** ଭାରତ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ସୋମବାର ଏକ ବଡ଼ ସୂଚନା ଦିଆଯାଇଛି। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ୨୪ ଘଣ୍ଟା ମଧ୍ୟରେ ଆଣ୍ଡାମାନ ଛୁଇଁବ ବୋଲି ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି ।ବର୍ତ୍ତମାନ ମୌସୁମୀ ବାୟୁ ଅଗ୍ରସର ପାଇଁ ପାଣିପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଭାରତ ପାଣିପାଗ ବିଭାଗ (ଆଇଏମଡି) ଉଲ୍ଲେଖ କରିଛି ଯେ, ୩ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ନିମ୍ନ ଟ୍ରପୋସ୍ଫେରିକସ୍ତରରେ ପଶ୍ଚିମ ବାୟୁ ପ୍ରାୟ ୨୦ ନଟ୍ସ ପର୍ଯ୍ୟନ୍ତ ତୀବ୍ର ହୋଇଛି, ଯାହା ମୌସୁମୀର ଆଗମନ ପାଇଁ ଅନୁକୂଳ ରହିଛି। ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ଯେ, ଚଳିତ ବର୍ଷ ଶୀଘ୍ର ମୌସୁମୀ ଛୁଇଁବ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ୨୭ ମେରେ କେରଳ ପହଞ୍ଚିପାରେ ବୋଲି ପୂର୍ବରୁ ଭାରତ ପାଣିପାଗ ବିଭାଗ ପୂର୍ବନୁମାନ କରିଛି। ସାଧାରଣତଃ ମୌସମୀ ଜୁନରେ କେରଳରେ ପହଞ୍ଚିଥାଏ କିନ୍ତୁ ଚଳିତ ଥର ମୌସୁମୀ ଶୀଘ୍ର କେରଳ ପହଞ୍ଚିବ ବୋଲି ଅନୁମାନ କରିଛି ପାଣିପାଗ ବିଭାଗ।

# ସାରା ଦେଶରେ ଦଶ ଦିନିଆ ତ୍ରିରଙ୍ଗା ଯାତ୍ରା

**ଭୁବନେଶ୍ୱର,୧୨।୫(ମହାଭାରତ) :** ପହଲଗାମ ଆତଙ୍କୀ ଆକ୍ରମଣରେ ୨୬ ନାଗରିକଙ୍କ ହତ୍ୟାର ଜବାବ ଦେବାକୁ ଭାରତ ଲଞ୍ଚ କରିଥିଲା ଅପରେସନ ସିନ୍ଦୂର। ଯେଉଁଥିରେ ପାକିସ୍ତାନରେ ୯ ଆତଙ୍କୀ ଠିକଣାକୁ ଧ୍ୱଂସ କରିଥିଲା ଭାରତୀୟ ସେନା ।ଆଉ ଭାରତର ଏହି ଆକ୍ରମଣରେ ପ୍ରାୟ ୧୦୦ ଆତଙ୍କୀ ସଫା ହୋଇଛନ୍ତି। ହେଲେ ଆତଙ୍କୀଙ୍କ ନିପାତରେ ବିଚଳିତ ହୋଇପଡ଼ିଥିବା ପାକିସ୍ତାନ ଆକ୍ରମଣ କରିବାକୁ ପଛାଇନଥିଲା। ହେଲେ ପାକିସ୍ତାନରୁ ସବୁ ଆକ୍ରମଣର କଡ଼ା ଜବାବ ଦେଇଥିଲା ଭାରତ।



ଅବଶ୍ୟ ଯୁଦ୍ଧବିରତି ପରେ ସଂଘର୍ଷ ଥମିଛି ।ତେବେ ପାକିସ୍ତାନ ସହ ଯୁଦ୍ଧବିରତି ଏବଂ ଅପରେସନ ସିନ୍ଦୂରକୁ ନେଇ ସୋମବାର ବିଜେପିର ବଡ଼ ବୈଠକ ହୋଇଛି। ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ଦଳର ରାଷ୍ଟ୍ରୀୟ ମହାସଚିବଙ୍କ ସହ ବୈଠକ କରିଛନ୍ତି। ଆଉ ଏହି ବୈଠକରେ ବିଜେପି ପୂରା ଦେଶରେ ତିରଙ୍ଗା ଯାତ୍ରା କରିବା ନେଇ ନିଷ୍ପତ୍ତି ହୋଇଛି ।

ଏହି ତିରଙ୍ଗା ଯାତ୍ରା ମେ ୧୩ରୁ ୨୩ ପର୍ଯ୍ୟନ୍ତ ୧୦ ଦିନ ଧରି କରାଯିବ। ଏହି ସମୟରେ ଦଳ ସବୁ ନାଗରିକଙ୍କ ନିକଟରେ ପହଞ୍ଚି ତାଙ୍କୁ ଅପରେସନ ସିନ୍ଦୂରର ଉପଲବ୍ଧି ବିଷୟରେ କହିବ। ସମ୍ବିତ ପାତ୍ର, ବିନୋଦ ତାୱଡ଼େ, ତରୁଣ ଚୁଘ ଏବଂ ଅନ୍ୟ ବରିଷ୍ଠ ନେତା ଅଭିଯାନ ପାଇଁ ତତ୍ତ୍ୱାବଧାନ କରିବେ। ବରିଷ୍ଠ ବିଜେପି ନେତା ଏବଂ ମନ୍ତ୍ରୀ ମାନେଯାତ୍ରାର ନେତୃତ୍ୱ କରିବେ।

ଆତଙ୍କବାଦୀଙ୍କ ବିରୋଧରେ ଭାରତୀୟ ସେନା ପକ୍ଷରୁ କରାଯାଇଥିବା ଅପରେସନ 'ସିନ୍ଦୂର'ର ସଫଳତା ସମ୍ପର୍କରେ ଦେଶବାସୀଙ୍କୁ ଅବଗତ କରାଯିବା ଏହି ଯାତ୍ରାର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଅପରେସନ ସିନ୍ଦୂରରେ ଭାରତ କିପରି ନିଜ ନାଗରିକମାନଙ୍କୁ ସଙ୍କଟରୁ ସୁରକ୍ଷିତ ରଖିଲା ଏବଂ ଜାତୀୟ ସ୍ୱାଭିମାନକୁ ମଜଭୁତ କଲା ସେ ବିଷୟରେ ବିଜେପି ଏହି ଅଭିଯାନ ଜରିଆରେ ଜନସାଧାରଣଙ୍କୁ ବୁଝାଇବ। ଦଳର ମୁଖପାତ୍ର ସାଂସଦ ସମ୍ବିତ ପାତ୍ର ସୋମବାର ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସୂଚନା ଦେବା ସହିତ ଭାରତ ଆତଙ୍କବାଦ ବିରୋଧରେ ଲଢ଼େଇ ଲଢ଼ିଛି ଏବଂ ସେନାର ସାହସ ଏହି ଅପରେସନକୁ ସଫଳ କରିଛି।

# ଭୁବନେଶ୍ୱର ନୂଆ ଷ୍ଟେସନରୁ ୩ ଏକ୍ସପ୍ରେସ ଟ୍ରେନର ଯାତ୍ରା ଆରମ୍ଭ

**ଭୁବନେଶ୍ୱର,୧୨।୫(ମହାଭାରତ) :** ଆଜିଠାରୁ ଭୁବନେଶ୍ୱର ନୂତନ ରେଳଷ୍ଟେସନ ଠାରୁ ଯାତ୍ରା ଆରମ୍ଭ କରୁଛି ୩ ଏକ୍ସପ୍ରେସ୍ ଟ୍ରେନ୍। ଏହି ଟ୍ରେନ୍ ଗୁଡ଼ିକ ହେଲା ଭୁବନେଶ୍ୱର-ସିଏସ୍‌ଏମଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ (୧୧୦୨୦/୧୧୦୧୯), ଭୁବନେଶ୍ୱର - ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ୍ (୧୭୦୧୫/୧୭୦୧୬) ଓ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ (୨୨୮୧୯/୨୨୮୨୦)।

ଭୁବନେଶ୍ୱର ନୂଆ ଷ୍ଟେସନରୁ ଯାତ୍ରା ପ୍ରାରମ୍ଭ କରିଥିବା ଏହି ଟ୍ରେନ୍ ଗୁଡ଼ିକ ଭୁବନେଶ୍ୱର ଉତ୍ତର ଅଂଚଳ ଏବଂ ସଂଲଗ୍ନ ଅଞ୍ଚଳର ଯାତ୍ରୀମାନଙ୍କୁ ବିପୁଳ ଲାଭ ପ୍ରଦାନ କରିବ। ଏହି ଟ୍ରେନଗୁଡ଼ିକ ମଧ୍ୟ ମଞ୍ଚେଶ୍ୱର ରେଳ ଷ୍ଟେସନରେ ପ୍ରତ୍ୟେକ ଦୁଇ ମିନିଟ୍ ପାଇଁ ରହଣି ପ୍ରଦାନ କରିବେ। ଯାହାଫଳରେ କଳାରାହାଙ୍ଗ-ବାରଙ୍ଗ ଅଞ୍ଚଳରେ ଅବସ୍ଥିତ ଅନେକ ଇଞ୍ଜିନିୟରିଂ, ମେଡିକାଲ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଭୁବନେଶ୍ୱର ନୂଆ ଷ୍ଟେସନ ଏକ ସୁବିଧାଜନକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ମେଡିକାଲ ଯାତ୍ରା ଆବଶ୍ୟକ କରୁଥିବା ଯାତ୍ରୀମାନେ ବହୁତ ଉପକୃତ ହେବେ, କାରଣ ଭୁବନେଶ୍ୱର ସହରର ଏହି ଅଂଶରେ ଅନେକ ହସ୍ପିଟାଲ ଅବସ୍ଥିତ। ଭୁବନେଶ୍ୱର ନୂଆ ଷ୍ଟେସନରୁ ଏହି ଟ୍ରେନଗୁଡ଼ିକ ଯାତ୍ରା ପ୍ରାରମ୍ଭ କରିବା ସହିତ, ସ୍ଥାନୀୟ ବାସିନ୍ଦାମାନେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ଯିବା ଆସିବା ସମସ୍ୟା ଏଡ଼ାଇବା ସହିତ ଏଠାରେ କମ୍ ଭିଡ଼ ଅନୁଭବ କରିବେ।

# ଡଷ୍ଟବିନ୍‌ରୁ ମୃତ ନବଜାତ ଶିଶୁପୁତ୍ର ଉଦ୍ଧାର

**ଭଞ୍ଜନଗର,୧୨।୫(ମହାଭାରତ):** ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟ ପ୍ରସୂତି ୱାର୍ଡ ଡଷ୍ଟବିନରେ ଏକ ମୃତ ନବଜାତ ଶିଶୁପୁତ୍ର ପଡ଼ିଥିବାସୋମବାର ଦେଖିବାକୁ ମିଳିଛି। ତେବେ ମୃତ ନବଜାତ ଶିଶୁପୁତ୍ରଟି କାହାର ତାହା ସଠିକ୍ ଭାବେ ଜଣାପଡ଼ିନାହିଁ। ଅପରପକ୍ଷେ ମେଡିକାଲ ରେକର୍ଡରେ ମଧ୍ୟ ସଂପୃକ୍ତ ଗର୍ଭବତୀ ମହିଳାଙ୍କ କୌଣସି ସଠିକ୍ ଠିକଣା ନାହିଁ। ତେଣୁ ମୃତ ନବଜାତ ଶିଶୁପୁତ୍ର ଟି ବୈଧ ନା ଅବୈଧ ସନ୍ତାନ ତାହା ସଠିକ୍ କିଛି ଜଣାପଡିନାହିଁ। ଏ ନେଇ ମେଡିକାଲ ଅଧିକ୍ଷକ ଡାକ୍ତର ସିତାଶୁଂ ଶେଖର ଶତପଥୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ମାଛ ମୁଣ୍ଡା



**ଆବଶ୍ୟକୀୟ ସାମଗ୍ରୀ :** ମାଛ ୫୦୦ ଗ୍ରାମ, ଛୋଟ ଛୋଟ କଟା ଅଦା ୧ ଚାମଚ, କଟା ରସୁଣ ୧ ଚାମଚ, ୨ଟି କଟା ପିଆଜ, ଗୋଟେ ସିଝା ଆଳୁ, ୧ ଛୋଟ ଚାମଚ ହଳଦି ଗୁଣ୍ଡ, ୧ ଚାମଚ ଲଙ୍କା ଗୁଣ୍ଡ, ୧ ଚାମଚ ଗୋଲ ମରିଚ ଗୁଣ୍ଡ, ୨ କପ୍ ତେଲ, ଲୁଣ ସ୍ୱାଦ ଅନୁସାର, ଭଜା ବ୍ରେଡ ଗୁଣ୍ଡ, ଧନିଆ ପତ୍ର ଓ କର୍ନଫ୍ଲୋର।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଏକ ବାଉଲରେ ଦୁଇ କପ୍ ପାଣି ପକାନ୍ତୁ। ସେଥିରେ ଲୁଣ ଏବଂ ହଳଦୀ ପକାଇ ୧୦ ମିନିଟ୍ ମାଛକୁ ସିଝାଇ ଦିଅନ୍ତୁ। ଏହାପରେ ସିଝା ମଛରୁ କଣ୍ଟାକୁ ଭଲଭାବେ ବାହାର କରି ଦିଅନ୍ତୁ। ତା'ପରେ ମଛରେ ସିଝା ଆଳୁ, କଟା ପିଆଜ, ରୁଷଣ, ଅଦା, ଲଙ୍କା ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଧନିଆ ପତ୍ର, ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗୋଳା ହଆଇଥିବା ମାଛକୁ ଛୋଟ ଛୋଟ ଆକାରରେ ଗୋଲ କରିଦିଅନ୍ତୁ। ଏହାପରେ ଆଉ ଗୋଟିଏ ପାତ୍ରରେ ୨ କପ୍ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗୋଲ ଆକାର ଦିଆଯାଇଥିବା ମାଛକୁ କର୍ନଫ୍ଲୋରରେ ବୁଡାଇବା ପରେ ସେଥିରେ ବ୍ରେଡ କ୍ରମ୍ବସ୍ ଲଗାଇ ତେଲରେ ଛାଣି ଦିଅନ୍ତୁ। ଅଳ୍ପ ନାଲି ହେବା ପରେ ମାଛକୁ ପ୍ଲେଟକୁ ବାହାର କରି ପରଷନ୍ତୁ।

## ..... ପରଦା ଖବର .....

# ଆୟରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି ରେଡ-୨



ଅଜୟ ଦେବଗନଙ୍କ ଫିଲ୍ମ ରେଡ୍ ୨ ବକ୍ସ ଅଫିସରେ ଭଲ ପ୍ରତିକ୍ରିୟା ପାଉଛି। ଏହି ଫିଲ୍ମଟି ୧୦୦ କୋଟି କ୍ଲବରେ ପ୍ରବେଶ କରିଛି ଏବଂ ଏବେ ବି ରୋଜଗାର କରୁଛି। ରିପୋର୍ଟ ଅନୁଯାୟୀ, ଫିଲ୍ମଟି ଏହାର ଦ୍ୱିତୀୟ ଶନିବାରରେ ୮ କୋଟି ଟଙ୍କା ରୋଜଗାର କରିଛି। ଫିଲ୍ମର ଆୟରେ ବୃଦ୍ଧି ଘଟିଛି। ଦଶମ ଦିନରେ ଫିଲ୍ମଟି ୮ କୋଟି ରୋଜଗାର କରିଛି, ଆଉ ଏପର୍ଯ୍ୟନ୍ତ ଫିଲ୍ମର ମୋଟ ବକ୍ସ ଅଫିସ୍ କଲେକ୍ସନ ୧୦୮.୭୫ କୋଟି ଟଙ୍କା ହୋଇଛି।ସୂଚନା ଥାଉ କି ଯେ ଫିଲ୍ମଟି ୧୯.୨୫ କୋଟିର ଓପନିଂ କରିଥିଲା।ଯ ଦ୍ୱିତୀୟ ଦିନରେ ଫିଲ୍ମଟି ୧୨ କୋଟି ଟଙ୍କା ରୋଜଗାର କରିଥିଲା। ତୃତୀୟ ଦିନରେ ଫିଲ୍ମର ଆୟ ବୃଦ୍ଧି ପାଇଛି ଏବଂ ଫିଲ୍ମଟି ୧୮ କୋଟି ଟଙ୍କା ରୋଜଗାର କରିଛି। ଚତୁର୍ଥ ଦିନରେ ଫିଲ୍ମଟି ୨୨ କୋଟି ଟଙ୍କା ରୋଜଗାର କରିଥିଲା। ପଞ୍ଚମ ଦିନରେ ଫିଲ୍ମର ବ୍ୟବସାୟ ବହୁତ ହ୍ରାସ ପାଇଥିଲା। ଏହି ଫିଲ୍ମଟି ମାତ୍ର ୭.୫ କୋଟି ଟଙ୍କା ରୋଜଗାର କରିଥିଲା। ଫିଲ୍ମଟି ଷଷ୍ଠ ଦିନରେ ୭ କୋଟି ଟଙ୍କା କଲେକ୍ସନ କରିଥିଲା। ଫିଲ୍ମଟି ଅଷ୍ଟମ ଦିନରେ ୫.୨୫ କୋଟି ଟଙ୍କା ରୋଜଗାର କରିଥିଲା।ପ୍ରଥମ ସପ୍ତାହରେ ଫିଲ୍ମଟି ୯୫.୭୫ କୋଟି ଟଙ୍କା ସଂଗ୍ରହ କରିଥିଲା। ତା'ପରେ ନବମ ଦିନରେ ଫିଲ୍ମଟି ୫ କୋଟି ଟଙ୍କା କଲେକ୍ସନ କରିଥିଲା। ସୂଚନା ଥାଉ କି ଯେ ଅଜୟ ଦେବଗନଙ୍କ ବ୍ୟତୀତ ବାଣୀ କପୁର, ରିତେଶ ଦେଶମୁଖ, ସୌରଭ ଶୁକ୍ଳା, ରଜତ କପୁର, ଅମିତ ସିଆଲ୍ ଏହି ଫିଲ୍ମଟି ରାଜ କୁମାର ଗୁପ୍ତା ନିର୍ଦ୍ଦେଶନା ଦେଇଛନ୍ତି। ଏହି ଫିଲ୍ମଟି ୨୦୧୮ରେ ମୁକ୍ତିଲାଭ କରିଥିବା ରେଡ୍ର ସିକ୍ୱେଲ। ରେଡ୍ ମଧ୍ୟ ରାଜ କୁମାର ଗୁପ୍ତା ତିଆରି କରିଥିଲେ। ଏହି ଫିଲ୍ମଟି ବକ୍ସ ଅଫିସରେ ହଇଚଇ ସୃଷ୍ଟି କରିଥିଲା।

## ଦୈନିକ ପିଅନ୍ତୁ ୧ କପ୍ କଫି

ଅଧିକାଂଶ ଭାରତୀୟଙ୍କର ଚା ପିଇବାର ଅଭ୍ୟାସ ରହିଛି। ମାତ୍ର ଆପଣ ଜାଣନ୍ତି କି ଚା ଅପେକ୍ଷା କଫି ପିଇବା ଶରୀର ପକ୍ଷେ ବେଶି ଭଲ ହୋଇଥାଏ? ଯଦି ଆପଣଙ୍କର ଚା ଅଭ୍ୟାସ ରହିଛି ଆପଣ ତା ପରିବର୍ତ୍ତେ ସେହି ସମୟରେ କଫି ପିଇପାରିବେ।

: କଫି ପିଇବା ଦ୍ୱାରା ଶରୀର ସକ୍ରିୟ ରହିଥାଏ। ଅଧିକ କାମ କରିବା ପାଇଁ ଶକ୍ତି ମିଳିଥାଏ। ଆପଣ ଏକ କାର୍ଯ୍ୟ କରିବା ପାଇଁ ଯେତିକି କ୍ଷମ ହୋଇଥିବେ କଫି ପିଇବା ଦ୍ୱାରା ତାହା ପ୍ରାୟ ୧୧ରୁ ୧୨ ପ୍ରତିଶତ ବୃଦ୍ଧି ପାଇଥାଏ।

: କଫି ପିଇବା ଦ୍ୱାରା ଶରୀରର ଓଜନ ହ୍ରାସ କରାଯାଇ ପାରେ। କଫିରେ ପ୍ରଚୁର ପରିମାଣ ମ୍ୟାଗ୍ନେସିୟମ୍ ଓ ପଟାସିୟମ ରହିଛି। ଏହା ଶରୀରରେ ଶର୍କରା ଭାଗକୁ ନିୟନ୍ତ୍ରଣରେ ରଖେ।

କଫିରେ ଥିବା କଫିନ୍ ଶରୀରରୁ ଫ୍ୟାଟ୍ ଦୂର କରିବା ସହ ବ୍ୟକ୍ତିକୁ ସୁସ୍ଥ ରଖିଥାଏ।

: କଫି ପିଇବା ଦ୍ୱାରା କର୍କଟ ରୋଗ ହେବାର ସମ୍ଭାବନା କମ୍ ରହିଥାଏଯ ମହିଳାଙ୍କ କ୍ଷେତ୍ରରେ ୨୫ ପ୍ରତିଶତ ଓ ପୁରୁଷଙ୍କ କ୍ଷେତ୍ରରେ ୨୦ ପ୍ରତିଶତ କର୍କଟ ସମ୍ଭାବନା ହ୍ରାସ ପାଇଥାଏ।

: ମଧୁମେହ ରୋଗୀମାନଙ୍କ ପାଇଁ ବି କଫି ଖୁବ୍ ଭଲ ହୋଇଥାଏ। ମଧୁମେହ ରୋଗୀମାନେ ଦୈନିକ ବିନା ଚିନିରେ କଫି ପିଇଲେ ଭଲ।

: ମସ୍ତିଷ୍କ ପାଇଁ ମଧ୍ୟ କଫି ଖୁବ୍ ଉପକାରୀ। କଫି ପିଇବା ଦ୍ୱାରା ମାନସିକ ରୋଗର ସମ୍ଭାବନା କମ୍ ରହିଥାଏ।



# ଝାଡୁ ସହ ଜଡିତ ନିୟମ : ପାଳନ କଲେ ହେବ ଧନବର୍ଷା

ଝାଡୁର ବ୍ୟବହାର ପ୍ରତ୍ୟେକ ଘରେ କରାଯାଏ। ଘରକୁ ସଫାସୁତୁରା କରିବା ପାଇଁ ବ୍ୟବହାର କରାଯାଉଥିବା ଝାଡୁରେ ମା'ଲକ୍ଷ୍ମୀ ବାସ କରିଥାଆନ୍ତି ବୋଲି ମାନ୍ୟତା ରହିଛି। ତେଣୁ ଶାସ୍ତ୍ରରେ ଝାଡୁକୁ ନେଇ ଅନେକ ନିୟମ ମଧ୍ୟ ବର୍ଣ୍ଣନା କରାଯାଇଛି। ଝାଡୁ ସହ ଜଡିତ କିଛି ନିୟମ ପ୍ରତି ଧ୍ୟାନ ଦେବା ନିତାନ୍ତ ଆବଶ୍ୟକ। ଏହି ନିୟମର ପାଳନ କରିବା ଦ୍ୱାରା ଆର୍ଥିକ କ୍ଷେତ୍ରରେ ଥିବା ସମସ୍ୟା ଦୂର ହୋଇ ଧନଲାଭ ହୋଇଥାଏ।

ଝାଡୁ କିଣିବା ପୂର୍ବରୁ କିମ୍ବା ଫୋପାଡିବା ପୂର୍ବରୁ ବାରର ଗୁରୁତ୍ୱ ରହିଛି। ଝାଡୁ ସହ ଜଡିତ ନିୟମର ପାଳନ କରିବା ଦ୍ୱାରା ଧନପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ। ଜାଣନ୍ତୁ..



ପୁରୁଣା ଝାଡୁକୁ କଦାପି ଗୁରୁବାର କିମ୍ବା ଶୁକ୍ରବାର ଏହାକୁ ଫିଙ୍ଗିବା ଉଚିତ ନୁହେଁ। ଏହି ଦିନ ମା'ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କୁ ସମର୍ପିତ। ଏହିଦିନ ଝାଡୁକୁ ବାହାରେ ଫିଙ୍ଗିବା ଦ୍ୱାରା ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଥାଆନ୍ତି। ଝାଡୁରେ କଦାପି ଗୋଡ ମାରନ୍ତୁ ନାହ।ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଝାଡୁ କିଣିବା ପାଇଁ ମଙ୍ଗଳବାର ଓ ଶନିବାର ଦିନ ଖୁବ ଶୁଭଯ ଏହାଦ୍ୱାରା ବ୍ୟକ୍ତିଙ୍କ ଆର୍ଥିକ ସ୍ଥିତିରେ ଶୁଭ ପରିବର୍ତ୍ତନ ହୋଇଥାଏଯ ଘରେ ସମ୍ପନତା ଆସିଥାଏ। ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ହୋଇଥାଏ। କୃଷପକ୍ଷରେ ଝାଡୁ କିଣିବା ଶୁଭଙ୍କର ବୋଲି କୁହାଯାଏ। ଝାଡୁକୁ ସର୍ବଦା ଏପରି ସ୍ଥାନରେ ରଖନ୍ତୁ,ଯେପରି ଏହା ଉପରେ କାହାରି ନଜର ପଡିବ ନାହିଁ। ଝାଡୁକୁ ଭୁଲରେ ମଧ୍ୟ ଖଟ ତଳେ ରଖନ୍ତୁ ନାହ। ସୂର୍ଯ୍ୟୋସ୍ତ ପରେ ଘରେ କଦାପି ଝାଡୁ କରନ୍ତୁ ନାହିଁ। ଏହାଦ୍ୱାରା ମା'ଲକ୍ଷ୍ମୀ ଅସନ୍ତୁଷ୍ଟ ହୋଇ ଥାଆନ୍ତି।

# ଘର କୋଣକୁ କରନ୍ତୁ ନାହିଁ ନଜର ଅନ୍ଦାଜ୍, କରିପାରିବେ ଏପରି ଡେକୋରେଟ୍

ପ୍ରାୟ ଲୋକ ଘର ସଜାଇବା ସମୟରେ ଘରର କୋଣକୁ ହିଁ ସର୍ବାଧିକ ଅବହେଳା କରିଥାନ୍ତି ।ଏପରିକି ଘରକୋଣକୁ ଖାଲି ଛାଡି ଦେଇଥାନ୍ତି । ଫଳରେ ଘରେ ଥିବା ସ୍ଥାନର ଉପଯୁକ୍ତ ସ୍ପେଶ୍ ମ୍ୟାନେଜମେଣ୍ଟ□ ହୋଇପାରେନା। କେହି କେହି କୋଣରେ ଅତି ବେଶିରେ ଗଛଟିଏ ରଖି ଦେଇଥାନ୍ତି । ଯଦି ଉପଯୁକ୍ତ ଭାବେ ସ୍ପେଶ୍ ମ୍ୟାନେଜ୍ କରିବାକୁ ଚାହୁଁଥାନ୍ତି, ତେବେ ଘରର କୋଣକୁ ଖୁବ୍ ସୁନ୍ଦର ଭାବେ ଡେକୋରେଟ୍ କରିପାରିବେ। ଯାହା ଲୋକଙ୍କର ଖୁବ୍ ଦୃଷ୍ଟି ଆକର୍ଷଣ କରିପାରିବ ।ଛୋଟ ଲାଇବ୍ରେରୀ : ଯଦି ଆପଣ ପଢାପଢିକୁ ବେଶି ଗୁରୁତ୍ୱ ଦେଉଥାନ୍ତି, ତେବେ ଘରର ଲିଭିଙ୍ଗ୍ ଏରିଆରେ ଥିବା କୋଣକୁ ଛୋଟ ଲାଇବ୍ରେରୀର ରୂପ ଦେଇପାରିବେ । ଘରର କୋଣରେ ଥାକ ବ୍ୟବସ୍ଥା କରି ସେଥିରେ କିଛି ଭଲ ବହି ରଖି ଦେଇପାରିବେ, ଯାହାକୁ ଆପଣ ଯେକୌଣସି ସମୟରେ ନେଇ ପଢାପଢି କରିପାରିବେ । ଏହା ଘରର ଲୁକରେ ପରିବର୍ତ୍ତନ ଆଣି ଦେଇଥାଏ । ମିନି ଅଫିସ୍: ଯଦି ଆପଣ ସମ୍ପୂର୍ଣ୍ଣ ଘରୁ କାମ କରୁଥାନ୍ତି କିମ୍ବା କେବେ କେବେ ଘରୁ ଅଫିସ୍ କାମ କରୁଥାନ୍ତି, ତେବେ ଘରର ଖାଲି କୋଣକୁ ମିନି ଅଫିସ୍ ଭାବେ ବ୍ୟବହାର କରିପାରିବେ । କୋଣରେ ୱାର୍କ ଟେବଲ୍ ରଖି ତା' ଉପରେ ଫ୍ଲୋଟିଙ୍ଗ୍ ସେଲ୍ଫ ରଖି ଅଫିସ୍ ଫାଇଲ୍ ରଖିପାରିବେ ।



ବସିବା ପାଇଁ ସ୍ଥାନ: ଘରର ଖାଲି କୋଣକୁ ବସିବା ପାଇଁ ସ୍ଥାନ ବା ସିଟିଙ୍ଗ ଏରିଆ ଭାବେ ବ୍ୟବହାର କରିପାରିବେ। କେବେ କେବେ ଆମେ ନିଜ ସହ ସମୟ ବିତାଇବାକୁ ପସନ୍ଦ କରିଥାଉ । ଏହି ସମୟରେ ଘରର କୋଣକୁ ବ୍ୟବହାର କରିପାରିବେ । ଫଟୋ କର୍ଣ୍ଣର୍: ଯଦି ଚାହିଁବେ ଘରର କୋଣକୁ ଫଟୋ ଏରିଆ ଭାବେ ଡେକୋରେଟ୍ କରିପାରିବେ। ପରିବାରର ସମସ୍ତଙ୍କ ଫଟୋକୁ ନେଇ ଏହି କୋଣର କାନ୍ଥକୁ ସୁନ୍ଦର ଭାବେ ସଜାଇପାରିବେ ।ସୁନ୍ଦର ଫଟୋଗୁଡିକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବ ନିଶ୍ଚୟ । ଯଦି ଆପଣଙ୍କ ଘର ଛୋଟ ହୋଇଥାଏ, ତେବେ ଏହି କୋଣକୁ ଖାଲି ନ ପକାଇ ସୁବିନିଯୋଗ ନିଶ୍ଚୟ କରନ୍ତୁ ।

# ଛଚିନ୍ଦ୍ରା ଖାଉଛନ୍ତି କି ? ଏହି ସବୁ ରୋଗରୁ ମିଳିବ ମୁକ୍ତି

ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ଏତେ ଲାଭଦାୟକ ଯେ ଏହାକୁ ଖାଇବା ଦ୍ୱାରା ଆପଣ ଅନେକ ଗମ୍ଭୀର ରୋଗରୁ ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଆଜି ଛଚିନ୍ଦ୍ରାର ପୁଷ୍ଟିକର ଗୁଣ ଏବଂ ଏହାର ଉପକାରିତା ବିଷୟରେ ଜାଣିନେବା।



ଶରୀରକୁ ଫିଟ୍ ଏବଂ ସୁସ୍ଥ ରଖିବା ପାଇଁ ପନିପରିବା ଖାଇବା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପନିପରିବା ମଧ୍ୟରେ ଅନ୍ୟତମ ଛଚିନ୍ଦ୍ରା । ଏଥିରେ ରହିଥାଏ ପୋଷକ ତ□, ଯାହା ଆମ ଶରୀରକୁ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଛଚିନ୍ଦ୍ରାରେ ପ୍ରଚୁର ପରିମାଣର ପ୍ରୋଟିନ୍ ଏବଂ ଫାଇବର ଥାଏ, ଯାହା ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଛଚିନ୍ଦ୍ରାରେ ଏତେ ପରିମାଣର କ୍ୟାଲ୍ସିୟମ୍ ଥାଏ ଯେ ଏହା ଆମ ହାଡ ଏବଂ ଦାନ୍ତକୁ ଶକ୍ତିଶାଳୀ କରିପାରେ । ମଧୁମେହ ରୋଗୀଙ୍କ ପାଇଁ ଛଚିନ୍ଦ୍ରା ବେଶ୍ ଲାଭଦାୟକ ।ମଧୁମେହ ରୋଗୀମାନେ ଏହାକୁ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ବୃଦ୍ଧି ହୁଏନାହିଁ। ଏଥିରେ ମଧୁମେହକୁ ନିୟନ୍ତ୍ରଣ କରିବାରେ ବେଶ୍ ସହାୟକ ହୋଇଥାଏ । ଛଚିନ୍ଦ୍ରା ରୋଗ ପ୍ରତିରୋଧକ ଶକ୍ତି ବଢାଇ ଥାଏଯ ଏଥିରେ ଆୟୋଡିନ୍ ରହିଥାଏ, ଯାହା ପ୍ରତିରକ୍ଷା ପ୍ରଣାଳିକୁ ବୃଦ୍ଧି କରିବା ସହ ଥାଇରଏଡ୍ ପରି ରୋଗକୁ ରୋକିବାରେ ବେଶ୍ ସହାୟକ ହୋଇଥାଏ । ଏହାବ୍ୟତୀତ ଛଚିନ୍ଦ୍ରା ହଜମ ପ୍ରକ୍ରିୟାକୁ ଠିକ କରିପାରିବାରେ ସହାୟକ ହୋଇଥାଏ ।ଛଚିନ୍ଦ୍ରା ଖାଇବା ଦ୍ୱାରା କିଡ୍ନୀ ରୋଗର ଆଶଙ୍କା କମ୍ ହୋଇଥାଏ ।ଏହା ଆମ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ଏହାବ୍ୟତୀତ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଛଚିନ୍ଦ୍ରା ଅତ୍ୟନ୍ତ ଲାଭଦାୟକ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏଯ ଏହି ପନିପରିବା ହୃଦ୍ଘାତରେ ପୀଡିତ ଲୋକଙ୍କ ପାଇଁ ମଧ୍ୟ ଲାଭଦାୟକ। ଛଚିନ୍ଦ୍ରା ଖାଇବା ଦ୍ୱାରା ଲୋକଙ୍କ ନିଦ୍ରା ସମସ୍ୟା ମଧ୍ୟ ଦୂର ହୋଇଥାଏ । ଏଥିରେ ଭିଟାମିନ୍ ଈ୬ ଭରପୂର ରହିଥାଏ । ଏହା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ମଜବୁତ କରିପାରେ।

# ପରିବେଶଗତ ସ୍ଥିରତା ପାଇଁ ପ୍ରଯୁକ୍ତିବିଦ୍ୟା ଜରୁରୀ

**ଭୁବନେଶ୍ୱର,୧୨।୫ (ମହାଭାରତ):** ସମାବେଶୀ ଅଭିବୃଦ୍ଧି, ପରିବେଶଗତ ସ୍ଥିରତା ଏବଂ ସାମାଜିକ କଲ୍ୟାଣ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଚଳିତ ମଇ ୧୧ ତାରିଖ ଦିନ ଭୁବନେଶ୍ୱରଠାରେ 'ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ' ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରସ୍ (ଭାରତ)ର ୬୪ତମ ବୈଷୟିକ ଅଧିବେଶନକୁ ମୁଖ୍ୟ ଅତିଥିଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଆମ ଜାତୀୟ କ୍ୟାଲେଣ୍ଡରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ଦିନଟି ଭାରତର ଉଲ୍ଲେଖନୀୟ ଯାତ୍ରାର ଗର୍ବର ସ୍ମରଣକାରୀ ଭାବେ ପରିଚିତ ହୋଇଛି। ଯାହା ସାହସ, ନବସୃଜନ ଏବଂ ଉତ୍କର୍ଷତାର ଏକ ନିରନ୍ତର ପ୍ରୟାସ। ୧୯୯୮ ମସିହାର ଏହି ଦିନ, ୧୧ ମଇରେ ଭାରତ ରାଜସ୍ଥାନର ପୋଖରାଣରେ ଅପରେସନ



ଶକ୍ତି ନାମରେ ସଫଳ ପରମାଣୁ ପରୀକ୍ଷଣ କରିଥିଲା । ଏହା ଭାରତକୁ ପରମାଣୁ-ସଶସ୍ତ୍ର ରାଷ୍ଟ୍ରଗୁଡ଼ିକର ଆଭିଜାତ୍ୟ ଗୋଷ୍ଠୀ ମଧ୍ୟରେ ସ୍ଥାନିତ କରିଥିଲା। ଏହି ସଫଳତାକୁ ସମ୍ମାନ ଜଣାଇ ପ୍ରତିବର୍ଷ ଏହି ଐତିହାସିକ ଘଟଣା ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବରେ ପାଳନ କରାଯାଏ। ଜାତୀୟ ପ୍ରଯୁକ୍ତି ବିଦ୍ୟା ଦିବସ କେବଳ ଆମର ବୈଜ୍ଞାନିକ ସଫଳତା ପ୍ରତି ସମ୍ମାନ ନୁହେଁ - ଏହା ସ୍ୱପ୍ନ ଦେଖିବା, ନବସୃଜନ, ପ୍ରତ୍ୟେକ ଚ୍ୟାଲେଞ୍ଜକୁ ସାମ୍ନା କରିବା ଏବଂ ନେତୃତ୍ୱ ନେବା ପାଇଁ ଆମର ସାମୂହିକ ଭାବନାର ପୁନର୍ନିର୍ମାଣ । ଆଜି ଯେତେବେଳେ ଆମେ ଏକ ପରିବର୍ତ୍ତନଶୀଳ ଯୁଗର ଦ୍ୱାରଦେଶରେ ଛିଡା ହୋଇଛୁ, ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱ ଆହୁରି ବଢ଼ି ଯାଇଛି। ଏହା ଏକ ନୂତନ ଭାରତର ଆକାଂକ୍ଷା ପଛରେ ପ୍ରେରଣାଦାୟକ ଶକ୍ତି ହୋଇ ରହିଛି। ଭାରତ ଏକ ନୂତନ ପୁନର୍ଜାଗରଣର ପାର୍ଶ୍ୱରେ ଠିଆ ହୋଇଛି। ଏପରି ଏକ ଯୁଗରେ ଯେଉଁଠାରେ ଦ୍ରୁତ ପ୍ରଯୁକ୍ତିବିଦ୍ୟା ଜୀବନର ପ୍ରତ୍ୟେକ ଦିଗକୁ ପୁନଃ ଆକୃତି ଦେଉଛି, ନବସୃଜନ ଏବଂ ଗବେଷଣା ଆମ ବିକାଶ ଯାତ୍ରାର ମୂଳରେ ରହିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ ।

ପୁଣି ରାଜ୍ୟପାଳ କହିଥିଲେ ଯେ, ପ୍ରଯୁକ୍ତିବିଦ୍ୟା ହେଉଛି ଆଶା, ପ୍ରଗତି ଏବଂ ସମ୍ଭାବନାର ଭାଷା। ଆମର ଇଞ୍ଜିନିୟର, ବୈଜ୍ଞାନିକ, ପ୍ରଯୁକ୍ତିବିଦ୍ୟାବିତ୍ ଏବଂ ଉଦ୍ଭାବକମାନେ ଏହି ନୂତନ ଯୁଗର ସ୍ଥପତି । ଆଜି ମୁଁ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ - ଇଞ୍ଜିନିୟର, ପ୍ରଯୁକ୍ତିବିଦ୍ୟାବିତ୍‌ମାନେ ସୀମା ବାହାରକୁ ଯାଇ ସ୍ୱପ୍ନ ଦେଖିବା, ଉଦ୍ଦେଶ୍ୟ ସହିତ ନବସୃଜନ କରିବାକୁ ଏବଂ ସଙ୍କୋଚଟତାର ସହିତ ନେତୃତ୍ୱ ନେବାକୁ ଆହ୍ୱାନ କରୁଛି। ଆସନ୍ତୁ ଆମେ ଏପରି ଏକ ଭବିଷ୍ୟତର କଳ୍ପନା କରିବା ଯେଉଁଠାରେ ପ୍ରଯୁକ୍ତିବିଦ୍ୟା ପ୍ରତ୍ୟେକ ନାଗରିକଙ୍କୁ ଉତ୍‌ଥାନ କରିବ, ଆମ ବିଶ୍ୱକୁ ସୁରକ୍ଷା ଦେବ ଏବଂ ଏକ ନ୍ୟାୟପୂର୍ଣ୍ଣ, ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ଆମର ସଂକଳ୍ପକୁ ଦୃଢ କରିବ। ଏହି ମହାନ ପ୍ରୟାସରେ, ଦି ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଭାରତ) ଦୀର୍ଘ ସମୟ ଧରି ଏକ ମଶାଲବାହକର ଭୂମିକା ନିଭାଉଛି । ଏହି ଅନୁଷ୍ଠାନ ସାରା ଦେଶରେ ଇଞ୍ଜିନିୟରିଂ ଶିକ୍ଷା, ଗବେଷଣା ଏବଂ ବୃତିଗତ ଉତ୍କର୍ଷତାକୁ ଆଗକୁ ବଢାଇବାରେ ଅଗ୍ରଣୀ ରହିଛି ବୋଲି ରାଜ୍ୟପାଳ କହିଥିଲେ। ବୈଷୟିକ ଅଧିବେଶନ, ସେମିନାର, ଦକ୍ଷତା ବିକାଶ କାର୍ଯ୍ୟକଳାପ ଆୟୋଜନରେ କେନ୍ଦ୍ରର ପଦକ୍ଷେପଗୁଡ଼ିକ ନୂତନ ପିଢ଼ୀର ଇଂଜିନିୟମାନଙ୍କୁ ସଶକ୍ତ କରୁଛି ବୋଲି ରାଜ୍ୟପାଳ କହିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ

**ଭୁବନେଶ୍ୱର,୧୨।୫ (ମହାଭାରତ):** ଏହି ସ୍ଥାନ ହେଉଛି ମହାପ୍ରଭୁ ଜଗନ୍ନାଥଙ୍କ ଦାରୁ କ୍ଷେତ୍ର ଖୋର୍ଦ୍ଧାର ଦଧିମାଛଗଡିଆର ଜଗନ୍ନାଥ ମନ୍ଦିର। କାକଟ ପୁରର ମା ମଙ୍ଗଳାଙ୍କ ସ୍ୱପ୍ନାଦେଶରେ ୧୯୯୬ ମସିହାରେ ଖୋର୍ଦ୍ଧା ନିକଟସ୍ଥ ଦଧିମାଛ ଗାଡ଼ିଆରୁ ମହାପ୍ରଭୁ ଜଗନ୍ନାଥଙ୍କ ଦାରୁ ପ୍ରାପ୍ତ ହୋଇ ଥିଲା। ମହାପ୍ରଭୁଙ୍କ ଏହି ପବିତ୍ର ଦାରୁ ବୃକ୍ଷ ସ୍ଥାନାନ୍ତର ପରେ ବିଶ୍ୱଶାନ୍ତି ମହାଯଜ୍ଞ ହୋଇ ୧୯୯୮ ମସିହାରୁ ସେହି ସ୍ଥାନରେ ମହାପ୍ରଭୂ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ହୋଇ ମହାପ୍ରଭୁ ଜଗନ୍ନାଥଙ୍କ ସହିତ ଅନ୍ୟ ଦେବା ଦୀ ମାନେ ପୂଜା ପାଇ ଆସୁଛନ୍ତି। ପୁରୀ ଶ୍ରୀମନ୍ଦିର ରୀତି ନୀତି ଅନୁସାରେ ଏହି ପବିତ୍ର ଦାରୁକ୍ଷେତ୍ର ଦଧିମାଛଗାଡ଼ିଆରେ ମହାପ୍ରଭୁ ପୂଜା ପାଇ ଆସୁଛନ୍ତି। ସ୍ଥାନୀୟ ଅଞ୍ଚଳ ଓ ଦୂର ଦୁରାନ୍ତରୁ ଆସିଥିବା ବହୁ ଭକ୍ତଙ୍କ ସମାରୋହରେ ପ୍ରତି ବର୍ଷ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ହୋଇ ଆସୁଛି। ଏହି ପବିତ୍ର ଜଗନ୍ନାଥଙ୍କ ମନ୍ଦିର ଦଧିମାଛ ଗାଡ଼ିଆରେ ପ୍ରତି ବର୍ଷ ବୈଶାଖ ମାସ ଶୁକ୍ଳ ଏକାଦଶୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଓ ପ୍ରାସାଦ ସେବନ ହୋଇ ଆସୁଅଛି। ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ସେବକ ମାନସ ରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ୧୯୯୮ ମସିହାରୁ ଏପର୍ଯ୍ୟନ୍ତ ସମସ୍ତ ନୀତି କ୍ରାନ୍ତି ହୋଇ ଆସୁଛି। ବିଶ୍ୱଶାନ୍ତି ମହାଯଜ୍ଞରେ ମାନସିକ ଧାରୀ ବ୍ରତୀ ମାନଙ୍କ ଦ୍ୱାରା କଳସ ଯାତ୍ରା ହୋଇ ଆସୁଛି ।

# ଶିଶୁ ଯତ୍ନ ପ୍ରତିଷ୍ଠାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

**ଭୁବନେଶ୍ୱର,୧୨।୫ (ମହାଭାରତ):** ରାଜ୍ୟରେ ଥିବା ୩୨୯ଟି ଶିଶୁ ଯତ୍ନ ପ୍ରତିଷ୍ଠାନ (ସିସିଆଇ)ରେ ରହୁଥିବା ଶିଶୁଙ୍କ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ନିୟମିତ ଭାବେ ଶିଶୁଙ୍କ ଶାରୀରିକ, ମାନସିକ ସ୍ଥିତି ଯାଞ୍ଚ କରାଯିବ ବୋଲି ଜଣାପଡିଛି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛନ୍ତି। ନିର୍ଦ୍ଦେଶାବଳୀ ଅନୁଯାୟୀ, ଜିଲ୍ଲା ହସ୍ପିଟାଲ, ସିଏଚସି, ପିଏଚସି, ୟୁପିଏଚସି ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ଏଏଏମ୍) ଭଳି ସିସିଆଇ ନିକଟରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ସହ ସିସିଆଇର ସଂଯୋଗ ସ୍ଥାପନ କରାଯିବ। ଏହି ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ସମସ୍ତ ଶିଶୁଙ୍କ ପାଇଁ ସ୍ୱାସ୍ଥ୍ୟସେବା ମିଳିବ। ପ୍ରତ୍ୟେକ ଶିଶୁକୁ ଟିକାକରଣ, ମସ୍ତିଷ୍କର ଦକ୍ଷତା ବୃଦ୍ଧି ତଦାରଖ, ଡାକ୍ତରୀ ଯାଞ୍ଚ, ଚିକିତ୍ସା ଏବଂ ଅନ୍ୟ ଡାକ୍ତରଖାନାକୁ ରେଫରାଲ୍ ପାଇଁ ଏକ ବ୍ୟକ୍ତିଗତ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବ । ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନ ସମୟରେ ଏହି ରେକର୍ଡ ଅପଡେଟ୍ କରାଯିବ। ସରକାରୀ ଅଧିକାରୀମାନଙ୍କ ଦ୍ୱାରା ସମୟ ସମୟରେ ସମୀକ୍ଷା କରାଯିବ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡ଼ିକ ଏକ ହବ୍ ଭାବରେ କାର୍ଯ୍ୟ କରିବ। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ମୋବାଇଲ୍ ସ୍ୱାସ୍ଥ୍ୟ ଦଳ ଅଛନ୍ତି। ସେମାନେ ସ୍କୁଲ୍ ପିଲାଙ୍କ ଯାଞ୍ଚରେ ନିୟୋଜିତ ଅଛନ୍ତି। ଏହି ଦଳ ମଧ୍ୟ ଶିଶୁ ଯତ୍ନ ପ୍ରତିଷ୍ଠାନ ପରିଦର୍ଶନ କରିବେ।

ସେହିପରି ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟ ଆବଶ୍ୟକତାକୁ ଧ୍ୟାନରେ ରଖି ନିୟମିତ ମୂଲ୍ୟାଙ୍କନ ଏବଂ ପରାମର୍ଶ ସହାୟତା ପାଇଁ ସିସିଆଇଗୁଡ଼ିକୁ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦଳ ସହିତ ସଂଯୋଗ କରାଯିବ। ଏନେଇ ରାଜ୍ୟ ସରକାର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ମଧ୍ୟରେ ସମନ୍ୱୟକୁ ସୁଗମ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିୟମିତ ଶିଶୁଙ୍କ ସ୍ୱାସ୍ଥ୍ୟ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ରାଜ୍ୟରେ ୩୨୯ଟି ଶିଶୁ ଯତ୍ନ ପ୍ରତିଷ୍ଠାନ ରହିଛି । ଅନୁଗୁଳରେ ୬, ବାଲେଶ୍ୱରରେ ୧୬, ବଲାଙ୍ଗିରରେ ୬, ଭଦ୍ରକରେ ୧୦, ବରଗଡ଼ରେ ୧୦, ବୌଦ୍ଧରେ ୩, କଟକରେ ୩୦, ଦେବଗଡ଼ରେ ୩, ଢେଙ୍କାନାଳରେ ୩ ରହିଛି। ସେହିପରି ଗଜପତିରେ ୧୪, ଗଞ୍ଜାମରେ ୧୭, ଜଗତସିଂହପୁରରେ ୩, ଯାଜପୁରରେ ୫, ଝାରସୁଗୁଡ଼ାରେ ୬, କଳାହାଣ୍ଡିରେ ୧୯, କେନ୍ଦ୍ରାପଡ଼ାରେ ୩, କେନ୍ଦୁଝରରେ ୪, କନ୍ଧମାଳରେ ୨୧, ଖୋର୍ଦ୍ଧାରେ ୨୯, କୋରାପୁଟରେ ୨୧ ରହିଛି । ମାଲକାନଗିରିରେ ୯, ମୟୂରଭଞ୍ଜରେ ୧୪, ନବରଙ୍ଗପୁରରେ ୧୪, ନୟାଗଡ଼ରେ ୪, ନୂଆପଡ଼ାରେ ୫, ପୁରୀରେ ୧୪, ରାୟଗଡ଼ାରେ ୯, ସମ୍ବଲପୁରରେ ୬, ସୋନପୁରରେ ୩ ଓ ସୁନ୍ଦରଗଡ଼ରେ ୨୧ଟି ପ୍ରତିଷ୍ଠାନ ରହିଛି।

# ୧୩ରୁ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ' କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୨।୫ (ମହାଭାରତ):** ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଓଡିଶା ଚାଷୀମାନଙ୍କର ଆୟକୁ ଦୁଇ ଗୁଣା କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାତ୍ର ୧୦ ମାସ ଶାସନ କାଳ ମଧ୍ୟରେ ଚାଷୀଙ୍କୁ ସମୃଦ୍ଧି କରିବା ପାଇଁ ବହୁ କୃଷକ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି। ଧାନ କୁଇଂଟାଲ ପିଛା ନୂନତମ ସହାୟକ ମୂଲ୍ୟ ୩୧ ଶହ ଟଙ୍କା ପ୍ରଦାନ କରିବା ସହ ଶୃଙ୍ଖଳିତ ଭାବେ ଓ ସ୍ୱଚ୍ଛତାର ସହ ଧାନ କିଣା କାରବାର କରିଛନ୍ତି। ଚଳିତ ଖରିଫ ଋତୁରେ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କଠାରୁ ୭୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରି ରାଜ୍ୟ ସରକାର ରେକର୍ଡ ସୃଷ୍ଟି କରିଛନ୍ତି। ଚାଷୀମାନଙ୍କର ଅର୍ଥ ନୈତିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ ଏହି ପ୍ରୟାସ ଏକ ଯୁଗାନ୍ତକାରୀ ପଦକ୍ଷେପ।

# ଖୋର୍ଦ୍ଧା ଜିଲ୍ଲା ସର୍ବୋଦୟ ମଣ୍ଡଳ ଗଠିତ

**ଭୁବନେଶ୍ୱର,୧୨।୫ (ମହାଭାରତ):** ମହାତ୍ମାଗାନ୍ଧୀ କହୁଥିଲେ, ପ୍ରକୃତ ଭାରତ ଗାଁରେ ବାସ କରେ। ଭାରତର ସାତ ଲକ୍ଷ ଗାଁର ଉନ୍ନତି ହେଲେ ଯାଇ ଦେଶର ଉନ୍ନତି ହେବ। ଏହି ୭ ଲକ୍ଷ ଗାଁର ଉନ୍ନତି ପାଇଁ ପ୍ରତି ଗାଁରେ ଜଣେ ଜଣେ ଲୋକସେବକ ରହିବେ ଓ ସେମାନଙ୍କର ପ୍ରଚେଷ୍ଟାରେ ଗାଁ ଲୋକେ ଗ୍ରାମ ସ୍ୱରାଜ ଆଧାରରେ ଗାଁର ବିକାଶ ମାଧ୍ୟମରେ ଦେଶର ବିକାଶ କରିବେ। ଗାନ୍ଧୀଜୀ ତାଙ୍କ ଶେଷ ଇଛାପତ୍ରରେ ଏହି ବାବଦରେ ନୀତି ନିର୍ଦ୍ଧାରଣ କରିଥିବା ବେଳେ ୧୯୪୮ ଫେବୃଆରୀ ୩ ତାରିଖରେ ଏଥିପାଇଁ ସେବାଗ୍ରାମ ଆଶ୍ରମରେ ଏକ ସଭା ଡାକିଥିଲେ। ତାଙ୍କ ହତ୍ୟା କାରଣରୁ ସେହି ବର୍ଷ ମାର୍ଚ୍ଚ ମାସରେ ତାଙ୍କର ଅନୁଗାମୀମାନେ ଏହି ସଭାର ଆୟୋଜନ କରି ସର୍ବସେବା ସଂଘ ଅଥବା ଅଖିଳ ଭାରତ ସର୍ବୋଦୟ ମଣ୍ଡଳ ଗଠନ କରିଥିଲେ। ଭୁବନେଶ୍ୱର ଲୋହିଆ। ଏକାଡେମୀ ଠାରେ ଉତ୍କଳ ସର୍ବୋଦୟ ମଣ୍ଡଳର ଉପଦେଷ୍ଟା ବିଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଖୋର୍ଦ୍ଧା ଜିଲ୍ଲା ସର୍ବୋଦୟ ମଣ୍ଡଳ ଗଠନ କରାଯାଇଛି। ଏହି ବୈଠକରେ ଗାନ୍ଧୀ



ଦର୍ଶନ ଆଧାରରେ ଅସ୍ପୃଶ୍ୟତା ନିବାରଣ, ସାମ୍ପ୍ରଦାୟିକ ସଦଭାବ, ନିଶା ନିବାରଣ ଆଦି ୧୮ଟି ରଚନାତ୍ମକ କାମ ସହ ଯୁବ ଛାତ୍ରମାନଙ୍କ ମଧ୍ୟରେ ଗାନ୍ଧୀ ବିଚାରର ପ୍ରଚାର ପ୍ରସାର କରାଯିବା ସହ ସନ୍ଥ ବିନୋବାଙ୍କ ନେତୃତ୍ୱରେ ସଂଗଠିତ ଭୂଦାନ ଆନ୍ଦୋଳନରେ ସଂଗୃହିତ ଜମିର ସୁଷମ ବଣ୍ଟନ ପାଇଁ ଜିଲ୍ଲାପାଳଙ୍କ ସହ ସାକ୍ଷାତ କରିବା ସହ ଏ ସମ୍ପର୍କରେ ଏକ ଦାବୀପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଉକ୍ତ ବୈଠକରେ ଶ୍ରୀ ବୈକୁଣ୍ଠ ନାଥ ମହାପାତ୍ର ସଭାପତି, ଶ୍ରୀ ଶିବ ଚରଣ ମିଶ୍ର ସମ୍ପାଦକ, ଶ୍ରୀ ମନୋଜ କୁମାର ମହାପାତ୍ର ରାଜ୍ୟ ପ୍ରତିନିଧି, ଶ୍ରୀ ପ୍ରିୟନାଥ ମହାପାତ୍ର ଉପସଭାପତି, ଶ୍ରୀ ଅମ୍ବିକା ପ୍ରସାଦ ମହାନ୍ତି ଓ ଶ୍ରୀ ପ୍ରସନ୍ନ କୁମାର ଗୋଛାୟତ ଯୁଗ୍ମ ସମ୍ପାଦକ ଓ ଶ୍ରୀ ନୀଳମଣି ପ୍ରଧାନଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା ବେଳେ ଉପଦେଷ୍ଟା ମଣ୍ଡଳୀରେ ଆଇନଜୀବୀ ଶିବଶଙ୍କର ସେନାପତି, ଶ୍ରୀ ପ୍ରମୋଦ ପ୍ରତାପ ସିଂହ ଓ ଶ୍ରୀ ଗୁଣନିଧି ଜୟସିଂହଙ୍କୁ ସାମିଲ କରାଯାଇଥିଲା। ବୈଠକରେ ଲୋହିଆ। ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ଓ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ ଅତିଥି ଭାବେ ଯୋଗଦେଇ ଦେଶର ସାଂପ୍ରତିକ ସ୍ଥିତି ଓ ସର୍ବୋଦୟ ସଂଗଠନର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଶ୍ରୀ ଗିରିଜା ଶଙ୍କର ମହାପାତ୍ର, ଶରତ ଚନ୍ଦ୍ର ପ୍ରଧାନ, ବିଚିତ୍ରାନନ୍ଦ ମହାନ୍ତି, ଗୋବିନ୍ଦ ବେହେରା, ଆନନ୍ଦ ଚନ୍ଦ୍ର ସାମନ୍ତରାୟ, ତପନ କୁମାର ବେହେରା, ଶ୍ରୀ ରାଜକିଶୋର ସାମଲ, ଶ୍ରୀ ଦିଲ୍ଲୀପ କୁମାର ରାଉତ ଉପସ୍ଥିତ ରହିଥିଲେ।

# ଏକ୍ସପାୟରୀ ଦହି ବିକ୍ରି ସଂପର୍କରେ ହେରିଟେଜ୍ ଫୁଡ୍ସର ବିଜ୍ଞପ୍ତି

**ଭୁବନେଶ୍ୱର,୧୨।୫ (ମହାଭାରତ):** ହେରିଟେଜ୍ ଫୁଡ୍ସ ଲିମିଟେଡ୍‌କୁ ଓଡିଶାର ଜୟପୁର ଅଂଚଳରେ କିଛି ଦୋକାନରେ ଏକ୍ସପାୟରୀ ଦହି ବିକ୍ରି ହେବା ସଂପର୍କରେ ଖବର ମିଳିଛି। ଏକ ଦାୟିତ୍ୱପୂର୍ଣ୍ଣ କମ୍ପାନୀ ଭାବରେ, ହେରିଟେଜ୍ ଫୁଡ୍ସ ସବୁବେଳେ ଏଫ.ଏସ.ଏସ.ଏ.ଆଇ ନିୟମ ଓ ନିର୍ଦ୍ଦେଶକୁ କଠୋର ଭାବରେ ପାଳନ କରେ। ଆମ ପ୍ଲାଟ୍‌ରେ ତିଆରି ଓ ପ୍ୟାକ୍ କରାଯିଥିବା ପ୍ରତ୍ୟେକ ପ୍ରଡକ୍ଟ ଏଫ.ଏସ.ଏସ.ଏ.ଆଇର ନିୟମ ଅନୁସାରେ କ୍ୱାଲିଟି ଯାଂଚ କରାହୋଇଥାଏ । ଆମ ସମସ୍ତ କାରଖାନା ଆଇ.ଏସ.ଓ ସାର୍ଟିଫାଏଡ ଓ ତୃତୀୟ ପକ୍ଷ ଦ୍ୱାରା ନିୟମିତ ଅଡିଟ ହୋଇଥାଏ । ଜୟପୁର ଅଂଚଳରେ ଗୋଟିଏ ଉପଭୋକ୍ତା ଏକ୍ସପାୟରୀ ଡେଟ ପରେ ହେରିଟେଜ ଦହି କିଣିଥିଲେ । ଏଇ ଖବର ପ୍ରକାଶ ପାଇଲା ପରେ ଏଫ.ଏସ.ଏସ.ଏ.ଆଇ ଅଧିକାରୀମାନେ ସେହି ଅଂଚଳରେ କିଛି ଦୋକାନୀମାନଙ୍କୁ ଯାଂଚ କରିଥିଲେ । ତଦନ୍ତ ସମୟରେ ଦେଖାଗଲା କିଛି ଦୋକାନର ଷ୍ଟୋରେଜ୍ ଜାଗା ଅପରିଷ୍କୃତ ଓ ଫଙ୍ଗସ୍ ଲାଗିଥିବା ଅବସ୍ଥାରେ ଥିଲା। ବିଶେଷକରି, "ହେରିଟେଜ୍ ଟୋଟାଲ୍ ଦହି"ର କିଛି ପ୍ୟାକେଟ, ଠିକ୍ ଭାବରେ ରଖାଯାଇନଥିଲା ଏବଂ ବ୍ୟବହାରର ଶେଷ ତାରିଖ (ଏକ୍ସପାୟର) ପରେ ବି ସେଠି ଥିବାର ଦେଖିବାକୁ ମିଳିଥିଲା।

ଏଫ.ଏସ.ଏସ.ଏ.ଆଇ ପକ୍ଷରୁ ଏହି ଅନୁସନ୍ଧାନ ପରେ ଯେଉଁ ଦୋକାନ ନିୟମ ଉଲ୍ଲଂଘନ କରିଥିଲେ, ସେମାନଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ଏମିତି ଦୋଷୀ ଦୋକାନୀଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ନିଆଯିବ। ଆମେ ଏହା ସହିତ ଏହି ଘଟଣା ସମ୍ପର୍କରେ କିଛି ମିଡିଆ ଚ୍ୟାନେଲ୍ ଓ ସୋସିଆଲ ମିଡିଆରେ ଭ୍ରାନ୍ତିମୂଳକ ଖବର ଚାଲିଥିବା ଉପରେ ଧ୍ୟାନ ଆକର୍ଷଣ କରୁଛୁ, ଯାହା ହେରିଟେଜର ସମ୍ମାନ ନଷ୍ଟ କରିବା ଉଦ୍ଦେଶ୍ୟରେ କରାଯାଇଛି। ସମସ୍ତ ଉପଭୋକ୍ତାଙ୍କୁ ଅନୁରୋଧ କରାଯାଉଛି ଯେ ଏମିତି ଭ୍ରାନ୍ତିମୂଳକ ଖବରକୁ ଅନଦେଖା କରନ୍ତୁ ଓ ଦୁଗ୍ଧ ପ୍ରଡକ୍ଟ କିଣିବା ସମୟରେ ସତର୍କ ରୁହନ୍ତୁ।

# ବାଉନ୍ସରଙ୍କୁ ଗୁଳିମାଡ ଘଟଣାରେ ୧୧ ଗିରଫ

**ଭୁବନେଶ୍ୱର,୧୨।୫ (ମହାଭାରତ):** ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ଥିବା ଏକ ବାରରେ ସିକ୍ୟୁରିଟି ଗାର୍ଡ଼ଙ୍କୁ ଗୁଳିକାଣ୍ଡ ଘଟଣାର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। ଏହି ଘଟଣାରେ ୧୧ଜଣଙ୍କୁ ଗିରଫ କରିଛି ପୋଲିସ। ହେଲେ ଖସି ଯାଇଛି ଗୁଳିକାଣ୍ଡର ମାଷ୍ଟର ମାଇଣ୍ଡ ଶିବ ପାତ୍ର। ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି। ସାଲିଆ। ସାହିରେ ରହୁଥିବା ଏବଂ ଚନ୍ଦ୍ରଶେଖରପୁରର କସମସ୍ ବାରରେ ବାଉନ୍ସର ଭାବରେ କାର୍ଯ୍ୟ କରୁଥିବା ସୂର୍ଯ୍ୟକାନ୍ତ ପ୍ରଧାନ ଚନ୍ଦ୍ରଶେଖରପୁର ପୋଲିସରେ ଅଭିଯୋଗ କରିଥିଲେ ଯେ ତାଙ୍କ ଉପରେ କିଛି ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ପ୍ରଧାନ ଦାବି କରିଥିଲେ ଯେ ମେ ୯ ତାରିଖ ଦିନ ୧.୩୦ ରୁ ୨ ଟା ମଧ୍ୟରେ ସେ କିଛି ଲୋକଙ୍କୁ ବାର୍ ଛାଡିବାକୁ ଅନୁରୋଧ କରିଥିଲେ କାରଣ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିବାର ସମୟ ହୋଇଯାଇଥିଲା। କିନ୍ତୁ, ସେମାନେ ବାର୍



ଛାଡିବାକୁ ଚାହୁଁ ନଥିଲେ ଏବଂ ମଦ୍ୟପାନ କରି ତାଙ୍କ ସହିତ ଝଗଡ଼ା କରିଥିଲେ।

ପରେ, ସେମାନେ ବାର୍ ଉପରେ ପଥର ମଧ୍ୟ ଫିଙ୍ଗିଥିଲେ, ଯାହା ଫଳରେ କିଛି କାଚ ଭାଙ୍ଗି ଯାଇଥିଲା। ସେମାନଙ୍କ ମଧ୍ୟରୁ କେତେକ ଅନ୍ୟମାନଙ୍କୁ ଡାକିବାକୁ ଯାଇଥିବା ବେଳେ, ଅନ୍ୟ କେତେକ ପ୍ରଧାନଙ୍କୁ ବାର୍ ବାହାରକୁ ଆସିବା ପାଇଁ ଅପେକ୍ଷା କରିଥିଲେ ଯାହା ଦ୍ୱାରା ସେମାନେ ତାଙ୍କୁ ଆକ୍ରମଣ କରିବେ। ପ୍ରାୟ ସକାଳ ୪ଟା ସମୟରେ, ଯେତେବେଳେ ଅଭିଯୋଗକାରୀ ବାର୍ ଛାଡି ବାହାରକୁ ବାହାରି ଆସିଲେ, ତାଙ୍କୁ ଅପରାଧୀମାନେ ବାଧା ଦେଇଥିଲେ, ଆକ୍ରମଣ କରିଥିଲେ, ଆକ୍ରମଣ କରିଥିଲେ ଏବଂ ଗୁଳି ଚଳାଇଥିଲେ, ଯାହା ଫଳରେ ସେ ଆହତ ହୋଇଥିଲେ। ବର୍ତ୍ତମାନ, ସେ କିମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ଏବଂ ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡିଛି। ତାଙ୍କ ଅଭିଯୋଗ ଆଧାରରେ, ପୋଲିସ ଚନ୍ଦ୍ରଶେଖରପୁର ପିଏସ୍ କେସ୍ ନଂ-୨୩୨ ତାରିଖ ୧୦.୦୫.୨୦୨୫ ରେ ୧୨୬(୨)/୧୦୯(୧)/୩(୫) ବିଏନ୍‌ଏସ୍, ୨୫/୨୭ ଆର୍ମସ୍ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରିଛି ଏବଂ ମାମଲାରେ ସମ୍ପୃକ୍ତ ଅପରାଧୀଙ୍କୁ ଧରିବା ପାଇଁ ତୁରନ୍ତ ବହୁ ଦଳ ଗଠନ କରି ତଦନ୍ତ ଆରମ୍ଭ କରିଛି।

ତଦନ୍ତର ଅଂଶ ସ୍ୱରୂପ, ପୋଲିସ ପୁରୀ, ଢେଙ୍କାନାଳ, ଅନୁଗୁଳ, କଟକ ଏବଂ ଖୋର୍ଦ୍ଧାରେ ଚଢାଉ କରି ଏପର୍ଯ୍ୟନ୍ତ ମୋଟ ୧୧ ଜଣଙ୍କୁ ଗିରଫ କରିଛି। ମାମଲାରେ ସମ୍ପୃକ୍ତ ଅନ୍ୟ ଅପରାଧୀଙ୍କୁ ଧରିବା ପାଇଁ ପ୍ରୟାସ କରାଯାଉଛି। ଗିରଫ ହୋଇଥିବା ୧୧ ଜଣଙ୍କ ନାମ ପୁରୀର ବାଦଲସ୍ୱାମୀ, ଜଜପୁରର ଚିନ୍ମୟ କୁମାର ଦେ, ଢେଙ୍କାନାଳର ସାହିଲ ଦାସ, କଟକ ର ଓମକର ପାତ୍ରା, କଟକ ରଞ୍ଜିତ କୁମାର ସାହୁ, କଟକରୁ ଆଲୋକ କୁମାର ସାହୁ, କେନ୍ଦୁପଡ଼ାର ଅଚ୍ୟୁତାନନ୍ଦ ଲେଙ୍କା, ଜଜପୁର ରାଜେଶ ନାୟକ ଖୁରଡା।

# 'ଇଣ୍ଟେଲିଜେଣ୍ଟ ଆଣ୍ଡ କ୍ଲାଉଡ କମ୍ପ୍ୟୁଟିଙ୍ଗ' କର୍ମଶାଳା

**ଭୁବନେଶ୍ୱର,୧୨।୫ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗ ଅନ୍ତର୍ଗତ ସେଂଟର ଫର୍ ସାଇବର ସିକ୍ୟୁରିଟି ଏବଂ ଆଇଇଇଇ, ଭୁବନେଶ୍ୱର ଏବଂ କୋଲକାତାର ମିଳିତ ସହଯୋଗରେ ମେ ୨ ଏବଂ ୩ ଦୁଇ ଦିନ ଧରି ହାଇବ୍ରିଡ ମୋଡରେ 'ଇଂଟେଲିଜେଂଟ ଆଣ୍ଡ କ୍ଲାଉଡ୍ କମ୍ପ୍ୟୁଟିଙ୍ଗ' ଉପରେ ୩ୟ ଆଇଇଇଇ ଆନ୍ତର୍ଜାତିକ କର୍ମଶାଳା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇସିଓଆଇସିସି - ୨୦୨୫ର ପ୍ରୋଗ୍ରାମ ଚେୟାର ତଥା ଆଇଟିଇଆର୍ ସିଏସ୍ଇ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ





କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ। ସମ୍ମିଳନୀରେ ୟୁଏସ୍ଏ ସ୍ଥିତ ମିସୋରୀ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଡିଷ୍ଟିଂଗୁଇସ୍‌ଡ ପ୍ରଫେସର ସଞ୍ଜୟ ମଦ୍ରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡିଜିଟାଲ୍ ଅପରାଧକୁ ରୋକିବା ଦିଗରେ ସାଇବର ସୁରକ୍ଷା ଅଧିକ ଜରୁରୀ ବୋଲି କହିଥିଲେ। ଏଆଇ ଏବଂ କ୍ଲାଉଡ କମ୍ପ୍ୟୁଟିଙ୍ଗ କ୍ଷେତ୍ରରେ ଭାରତର ଛାତ୍ରଛାତ୍ରୀମାନଙ୍କ ପାରଦର୍ଶିତା ବେଶ ଉନ୍ନତ ବୋଲି ଉଲ୍ଲେଖ କରି ସେମାନେ ଅଧିକରୁ ଅଧିକ ଗବେଷଣା କରିବା ଆବଶ୍ୟକ ବୋଲି ପ୍ରଫେସର ମଦ୍ରିଆ କହିଥିଲେ। ଏହି ଅବସରରେ ଇଂଟିଗ୍ରେଟେଡ ଟେଷ୍ଟ ରେଞ୍ଜ (ଡିଆରଡିଓ)ର ପୂର୍ବତନ ନିର୍ଦ୍ଦେଶକ ହରେକୃଷ୍ଣ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାରେ କମ୍ପ୍ୟୁଟର ସାଇନ୍ସ ପ୍ରଫେସ୍‌ନାଲଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଏକ ଭଲ ସୁଯୋଗ ବୋଲି କହିଥିଲେ। ଭୁବନେଶ୍ୱରରେ ପ୍ରାୟ ୨୦ ହଜାର କମ୍ପ୍ୟୁଟର ସାଇନ୍ସ ଛାତ୍ରଛାତ୍ରୀ ରହିଥିବା ବେଳେ ୫୦୦ରୁ ଅଧିକ ଫ୍ୟାକଲ୍ଟି ଅଛନ୍ତି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରି ସାଇବର ସୁରକ୍ଷା କ୍ଷେତ୍ରରେ ଆଇଟିଇଆରର ସେଂଟର ଫର ସାଇବର ସିକ୍ୟୁରିଟି ଉତମ ଭାବେ କାର୍ଯ୍ୟ କରୁଛି ବୋଲି କହିଥିଲେ। ସୋଆରେ ୨୦ଟି ଗବେଷଣା କେନ୍ଦ୍ର ରହିଥିବା ବେଳେ ସାଇବର ସୁରକ୍ଷା ଏବଂ କମ୍ପ୍ୟୁଟର ସାଇନ୍ସ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ଅନେକ କାର୍ଯ୍ୟ ହାତକୁ ନେଇଛି ବୋଲି ସେ କହିଥିଲେ।

# ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନରେ ନିଶୁଳ୍କ ଫିଜିଓଥେରାପି

**ଭୁବନେଶ୍ୱର,୧୨।୫ (ମହାଭାରତ):** ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପରିସରରେ ଏକ ନିଶୁଳ୍କ ବା ମାଗଣା ଫିଜିଓଥେରାପି କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଉକ୍ତ



ଫିଜିଓଥେରାପି କେନ୍ଦ୍ର ଶ୍ରୀମଦ୍ ସ୍ୱାମୀ ଦୂର୍ଗେଶ ନନ୍ଦିନୀ ମହାରାଜଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଉକ୍ତ କେନ୍ଦ୍ରରେ ସପ୍ତାହର ପ୍ରତ୍ୟେକ ଶୁକ୍ରବାର,ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ବିନା ଦେୟରେ ଫିଜିଓଥେରାପି ସେବା ଯୋଗାଇ ଦେବେ ବୋଲି ଅଭିଜ୍ଞ ଫିଜିଓଥେରାପିଷ୍ଟ ଡ଼ ଏଲିନା ପଟ୍ଟନାୟକ ସହମତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଛୋଟପିଲାଠୁ ଆରମ୍ଭ କରି ଆବାଳ ବୃଦ୍ଧ ବନିତା ଏହାର ସୁଯୋଗ ନେଇପାରିବେ।

ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ଭଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫିଜିଓଥେରାପି ଉଦଘାଟନୀ କାର୍ଯ୍ୟକ୍ରମକୁ ବରିଷ୍ଠ ଟ୍ରଷ୍ଟି ବିଶ୍ୱ ରଞ୍ଜନ ଶତପଥୀ, ପ୍ରତିଷ୍ଠାନର କୋଷାଧ୍ୟକ୍ଷ ରଞ୍ଜନ କୁମାର ରାଉତରାୟ, ସକ୍ରିୟ ସଭ୍ୟ ସୂର୍ଯ୍ୟ ନାରାୟଣ ଦାସ ଓ ବାଞ୍ଛାନିଧି ମଲ୍ଲିକଙ୍କ ପରିଚାଳନାରେ ସମ୍ପାଦନ କରାଯାଇଥିଲା। ମହାବୀର ବରିଷ୍ଠ ନାଗରିକ ସଂଘ ସଦସ୍ୟ ତଥା କାଳୁନନ୍ଦ ନଗର ଅଧିବାସୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପୋଖରୀପୁଟ ଏବଂ ଏହାର ଆଖ ପାଖ ଅଂଚଳର ଯେ କେହି ବ୍ୟକ୍ତି ଏହି ଫିଜିଓଥେରାପି ନିଶୁଳ୍କ ସେବା ପ୍ରତ୍ୟେକ ଶୁକ୍ରବାର, ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ସୁଯୋଗ ନେଇପାରିବେ ବୋଲି ଅନୁଷ୍ଠାନର ସମ୍ପାଦକ ଜଣାଇଛନ୍ତି।

# ପ୍ରତିରକ୍ଷା ସାମଗ୍ରୀ କ୍ରୟ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ସାମଗ୍ରୀ କ୍ରୟ ସଂକ୍ରାନ୍ତୀୟ ଉଚ୍ଚସ୍ତରୀୟ କମିଟି ୭୦ହଜାର ୫୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହା ମଧ୍ୟରେ ଅତ୍ୟାଧୁନୀକ ଗନଠାରୁ ଆରମ୍ଭ କରୁ ସୁପରସୋନିକ ମିଶାଇଲ ପର୍ଯ୍ୟନ୍ତ ଅନେକ ୱିପନ ସିଷ୍ଟମ ରହିଛି। ଏହା ଉଭୟ ସ୍ଥଳସେନା ଏବଂ ନୌସେନାରେ ବ୍ୟବହୃତ ହେବ। ଏହା ଫଳରେ ଭାରତୀୟ ସେନା କେବଳ ସଶକ୍ତ ହେବ ନାହିଁ, ଦେଶର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଶିଳ୍ପ ମଧ୍ୟ ସମୃଦ୍ଧ ହେବ। କାରଣ ପ୍ରସ୍ତାବିତ ୭୦ ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ମଧ୍ୟରୁ ୯୫ ପ୍ରତିଶତ ସ୍ୱଦେଶୀ ସଂସ୍ଥାରୁ କ୍ରୟ କରାଯିବ। ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ ଅନୁମୋଦିତ ପ୍ରତିରକ୍ଷା ସାମଗ୍ରୀ କ୍ରୟ ପରିମାଣ ୨ ଲକ୍ଷ କୋଟି ଟଙ୍କାକୁ ଟପିଛି। ସ୍ୱଦେଶୀ ସାମଗ୍ରୀ କ୍ରୟ ଫଳରେ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ ବାବଦ ବ୍ୟୟ ହ୍ରାସ ପାଇବା ସହିତ ଭାରତ ଏହାକୁ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବ। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଏକ ବହୁତ ବଡ଼ ସଫଳତା। ଏହା ଦ୍ୱାରା ସୁରକ୍ଷା ବ୍ୟବସ୍ଥା କେବଳ ସୁଦୃଢ଼ ହେବ ନି, ପ୍ରତିରକ୍ଷା ଶିଳ୍ପ ମଧ୍ୟ ସମୃଦ୍ଧ ହୋଇପାରିବ। ଭାରତ ଚାରିପଟେ ଚୀନ ଓ ପାକିସ୍ତାନ ଭଳି ଶକ୍ତିଶାଳୀ ଶତ୍ରୁ ରହିଛନ୍ତି। ସେମାନଙ୍କ ସହିତ ଭାରତର ଯୁଦ୍ଧ ସମ୍ଭାବନା ସବୁ ବେଳେ ରହିଛି। ତେଣୁ ଭାରତକୁ ସବୁ ବେଳେ ବିପୁଳ ଅର୍ଥ ପ୍ରତିରକ୍ଷା ବ୍ୟବସ୍ଥା ଲାଗି ବ୍ୟୟ କରିବାକୁ ପଡୁଛି। କିନ୍ତୁ ବିଦେଶରୁ ଲଢୁଆ ବିମାନ, ସବମେରିନ ଓ ମିସାଇଲ ସିଷ୍ଟମ ଆଣି ଭାରତ ଶକ୍ତିଶାଳୀ ଚୀନର ମୁକାବିଲା କରିପାରିବ ନାହିଁ। ଏଥିଲାଗି ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ନିଜକୁ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ ଓ ଲଢୁଆ ବିମାନ ପ୍ରସ୍ତୁତ କରିବାକୁ ପଡ଼ିବ। ଏହା ଦ୍ୱାରା ଆମେ ବିଦେଶକୁ ଏହା ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବା, ସାମରିକ କ୍ଷେତ୍ରରେ ଶକ୍ତିଶାଳୀ ହୋଇପାରିବା ଏବଂ ଚୀନ ଓ ପାକିସ୍ତାନର ମିଳିତ ମୁକାବିଲା କରିପାରିବା। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଏନଡିଏ ସରକାର ଆସିବା ପରେ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାକୁ ଭାରତ ପ୍ରୟାସ କରିଆସୁଛି। ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ ଓ କ୍ଷେପଣାସ୍ତ୍ର ପ୍ରସ୍ତୁତ ହେଉଛି। ଏହାକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଆଗାମୀ ୫ ବର୍ଷ ଭିତରେ ଭାରତ ସରକାର ୫ଲକ୍ଷ କୋଟି ଟଙ୍କାର ସ୍ୱଦେଶୀ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଯୋଜନା କରିଛନ୍ତି। ଏହା ମେକ ଇନ ଇଣ୍ଡିଆ ଅଭିଯାନର ଏକ ମାଇଲଖୁଣ୍ଟ ହେବ। ଏହା ଦ୍ୱାରା ଭାରତର ପ୍ରତିରକ୍ଷା ଶିଳ୍ପ ସମୃଦ୍ଧ ହେବା ସହିତ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ପାଇବେ ଏବଂ ଭାରତକୁ ଆଉ ଅସ୍ତ୍ରଶସ୍ତ୍ର ଲାଗି ଆମେରିକା ବା ଋଷିଆ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ସେହିପରି ୭୦ ପ୍ରତିଶତ ସ୍ୱଦେଶୀ ଜ୍ଞାନ କୌଶଳରେ ଆଇଏନଏସ ବିକ୍ରାନ୍ତ ପ୍ରସ୍ତୁତ ହୋଇଛି। ଏହା ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାର ଏକ ମାଇଲଖୁଣ୍ଟ। ଯଦି ଏହି ପ୍ରକ୍ରିୟା ଜାରି ରହେ ତେବେ ଆଗାମୀ ୨୦ ବର୍ଷ ଭିତରେ ଭାରତ ସାମରିକ ଦୃଷ୍ଟିରୁ ଏକ ବିରାଟ ଶକ୍ତିଭାବେ ଉଭା ହେବ, ଏଥିରେ ସନ୍ଦେହ ନାହିଁ। କେବଳ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ, ସବୁ କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ଉଚିତ। ବିଶେଷ କରି କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ସୁଯୋଗ ରହିଛି। କିନ୍ତୁ ଉଦ୍ୟମ ନାହିଁ। ଯଦି ଏବେଠାରୁ ଏଥିପାଇଁ ଯୋଜନାବଦ୍ଧ ଉଦ୍ୟମ କରାଯାଏ ତେବେ ଏହାର ସୁଫଳ ମିଳିବାକୁ ୧୦ ବର୍ଷ ଲାଗିଯିବ।

# ଜୀବସତ୍ତା ଓ ପାବନା ଆଶ୍ରମର କାହାଣୀ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

*ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି।*

କିଛି ବର୍ଷ ତଳର କଥା ପାବନା ଆଶ୍ରମର ପଦ୍ମାତୀରର ବାଲିଚରରେ ଗୋଟିଏ ଘଟଣା ଘଟେ। ସେତେବେଳେ ଅଳ୍ପ ଅଳ୍ପ ଶୀତ ଅଛି। ପଦ୍ମାନଦୀର ପାଣି କମିଯାଇଛି। ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି। ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡିଯାଉଥିଲେ। ଅତର୍କିତ ଭାବରେ ଗୋଟିଏ ଶିକାରୀ ପକ୍ଷୀ ଦୁଇଟିକୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲା। ଗୁଳି ଡେଣାରେ ବାଜିଲେ ମଧ ପକ୍ଷୀ ଦୁଇଟି ଉଡିଯାଇ ଚରର ଗୋଟିଏ ଜାଗାରେ ବସିଲେ। ସେତେବେଳେ ଶ୍ରୀ ଶ୍ରୀ ଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀର ବାରଣ୍ଡାରେ ଥିଲେ। ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ ! ପକ୍ଷୀ ଦୁଇଟିକୁ ମାରିଲା ବୋଧହୁଏ। ମୁଁ ଏପରି ଅସହାୟ ! ମୁଁ କ'ଣ କରିପାରିବି ? - ଏୟ କହି କୁଟୀରରୁ ତଳକୁ ଓହ୍ଲେଇ ଆସି ବନ୍ଧ କଡ଼େ କଡ଼େ ଆଗେଇ ଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳ ଭାବେ ଦଉଡାଦଉଡି କରିବାକୁ ଲାଗିଲେ। ଏହା ମଧରେ ପକ୍ଷୀ ଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା। ଏଥିରେ ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ 'ହାୟ, ହାୟ ପକ୍ଷୀ ଦୁଇଟି ମଲେ।' କହି ଆର୍ତ୍ତନାଦ କରି ଉଠିଲେ। ତାଙ୍କ ନିଜ ବକ୍ଷରେ ଯେପରି ଗୁଳିବିଦ୍ଧ ହୋଇଛି ଏହିପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ ଛଟପଟ ହୋଇ ମାଟିରେ ପଡ଼ି ଆହା ଉହୁ କରିବାକୁ ଲାଗିଲେ। ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ। ସର୍ବଜୀବ ସହିତ ଏକାତ୍ମତା ଶ୍ରୀ ଶ୍ରୀ ଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି। ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ। ଦିନେ ସେ ଘୋଡ଼ା ଗାଡ଼ିରେ ବସି କୁଷ୍ଟିୟାକୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ। ଘୋଡ଼ାଗାଡ଼ିରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ। ସେମାନଙ୍କ ମଧରେ ଥିଲେ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ। ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ। ତେଣୁ ଶୀଘ୍ର ଚାଲି ନପାରିବାରୁ କୋଚମ୍ୟାନ ପାଏଁ ପାଏଁ ତିନି ପାହାର ଚାବୁକା ମାରେ ଘୋଡ଼ା ପିଠିରେ। ଚାବୁକ ମାରିବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଘୋଡ଼ାର ଖୁବ୍ କଷ୍ଟ ହେଉଛି - ଆସନ୍ତୁ ଆମେ ଚାଲି ଚାଲି ଯିବା। ଏହା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲେଇ ପଡ଼ିବାକୁ କହିଲେ। ତାପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ। ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀ ଶ୍ରୀ ଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ। ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ - ଇଏ କ'ଣ ! ଆପଣଙ୍କ ପିଠିରେ ତିନୋଟି ଚାବୁକ ମାଡ଼ର ଦାଗ ଆସିଲା କିପରି ?

ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି। କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁନାହିଁ। ସେତେବେଳେ ସେ କହିଲେ - ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ବୋଲି ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ। ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି। କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା ମୋର ନଥିଲା। ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ - ଯାହାଙ୍କ ଘରକୁ ଏମାନେ ଯାଇଥିଲେ - ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଚାରିଲି। ସେ ତିନିଜଣ ଯାକ ସମସ୍ତେ କହିଲେ ଯେ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ତିନିଟି ଚାବୁକ୍‌ର ଦାଗ ସେମାନେ ଦେଖିଛନ୍ତି - ଏ କଥା ଧ୍ରୁବ ସତ୍ୟ। କିନ୍ତୁ ଘୋଡ଼ାକୁ ମାରିବା ଚାବୁକର ଦାଗ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି - ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ। ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ ପୃଥିବୀ ଇତିହାସରେ ଏପରି ନଜିର ଅଛି। କଥିତ ଅଛି ଯେ ଭଗବାନ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା। ପରେ ପାଶ୍ଚାତ୍ୟ ଜଗତର ଖ୍ରୀଷ୍ଟଧର୍ମର ଇତିହାସ ଆଲୋଚନା ବେଳେ ଜାଣିଛି ଯେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କ ସମ୍ବନ୍ଧରେ ଗଭୀର ଭାବେ ଚିନ୍ତା କରିବା ଫଳରେ କୌଣସି ଖ୍ରୀଷ୍ଟଭକ୍ତଙ୍କ ଦେହରେ ଅନୁରୂପ କ୍ଷତଚିହ୍ନ ଓ ରକ୍ତ କ୍ଷରଣ ପରିଲକ୍ଷିତ ହୋଇଥିଲା। ଏଇ ବିଂଶ ଶତାବ୍ଦୀରେ ହିଁ ୧୯୬୨ ମସିହାରେ ଜର୍ମାନୀର ଅନ୍ତର୍ଗତ ବ୍ୟାଭେରିୟାର କୋନାର - ସେରିଭୟ ଗ୍ରାମରେ ଥେରେସା ନିଉମ୍ୟାନ ନାମରେ ଜଣେ କ୍ୟାଥଲିକ୍ ମହିଳାର ମଥା, ଛାତି ଓ ପାଦରେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କର ଚିନ୍ତା କରୁ କରୁ ଅନୁରୂପ କ୍ଷତର ସୃଷ୍ଟି ହୁଏ ଏବଂ କ୍ଷତସ୍ଥାନରୁ ଏତେ ପରିମାଣରେ ରକ୍ତପାତ ହୁଏ ଯେ ତାଙ୍କ ଶରୀରର ଓଜନ ଦଶ ପାଉଣ୍ଡ କମିଯାଏ। ଡାକ୍ତର ଫ୍ରିଜ ଜାରଲିକ୍ ନାମରେ ଗୋଟିଏ ଜର୍ମାନ ପତ୍ରିକାର ସମ୍ପାଦକ ଏହା ଏକ ବିରାଟ ଧପ୍‌ପାବାଜି ବୋଲି ମନେକରି ସେଇ ମହିଳାଙ୍କୁ ପରୀକ୍ଷା କରିବାକୁ ଯାନ୍ତି। ସେ ସବୁ ଦେଖିଶୁଣି ଓ ପରୀକ୍ଷା କରି ସନ୍ଦେହମୁକ୍ତ ହୋଇ ଉକ୍ତ ମହିଳାର ଜଣେ ଭକ୍ତ ହୋଇଉଠନ୍ତି ଏବଂ ସ୍ୱୟଂ ସେଇ ମହିଳାର ଜୀବନୀ ଲେଖନ୍ତି। ବାରାଦି ଗ୍ରାମର ଉକ୍ତ ଘଟଣା ସଂଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରେ। ଶ୍ରୀ ଶ୍ରୀ ଠାକୁର କିଶୋରୀମୋହନ ଦାସଙ୍କ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ। ଗୋଟାଏ ଗୋରୁ ସେଠାରେ ଦଉଡିରେ ବନ୍ଧା ହୋଇଥିଲା। ଗୋରୁଟା ଚରୁ ଚରୁ ବେକରେ ଦଉଡି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡିରେ ନଟକି ରହିଥାଏ ଆଉ ପ୍ରାଣପଣେ ଡାକ ଛାଡୁଥାଏ। ତାର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀ ଶ୍ରୀ ଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋରରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀ ଶ୍ରୀ ଠାକୁର ଉପରୁ ସେଇ ଦଉଡି ଧରି ଟାଣୁଥାନ୍ତି। ଏହିପରି କରି ଅତି କଷ୍ଟରେ ଗୋରୁଟାକୁ ଉପରକୁ ଟେକାହୁଏ। ଖୁବ୍ ଜୋରରେ ଦଉଡି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଗୋରୁଟାକୁ ଏହିପରି ଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀ ଶ୍ରୀ ଠାକୁର ଲୁଗାର ଖୋସାଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ। ଆଶ୍ରମକୁ ଫେରିଆସି ଶ୍ରୀ ଶ୍ରୀ ଠାକୁର ବେକରେ ଗୁଡ଼ାଇଥିବା ଲୁଗା ଖୋଲିବା ମାତ୍ରେ କିଶୋରୀଦା ଦେଖିପାରିଲେ - ବେକରେ ଦଉଡି ଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀ ଶ୍ରୀ ଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି। ସେ ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି। ଏ ଦାଗ ଆସିଲା କେଉଁଠୁ ? ଶ୍ରୀ ଶ୍ରୀ ଠାକୁର - ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡି ଟଣାର ଦାଗ ପଡ଼ିଯାଇଥିଲା। ତେଣୁ ମୋ ବେକରେ ବି ସେହିପରି ଦାଗ ହୋଇଛି। କିଶୋରୀଦା ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ବ ହୋଇଗଲେ। ଭାବିବାକୁ ଲାଗିଲେ - ଏହା କିପରି ସମ୍ଭବ ? ତା ହେଲେ କ'ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତପ୍ରୋତ ଭାବେ ଜଡ଼ିତ ? ସେମାନଙ୍କର ସୁଖଦୁଃଖ କଣ ନିଜର ସୁଖଦୁଃଖ ବୋଲି ଅନୁଭବ କରନ୍ତି ? ଉପରୋକ୍ତ ଘଟଣାଟି ଶ୍ରଦ୍ଧେୟ କିଶୋରୀଦାଙ୍କ ପାଖରୁ ଅବଗତ ହେବାପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ମୁଁ ନିଜେ ପଚାରି ଏ ବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇଛି।

ସହ-ପ୍ରତିରତ୍ୱିକ ଓ ପୂର୍ବତନ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,

# ଶବ୍ଦ ପ୍ରଦୂଷଣ ଓ ମନୁଷ୍ୟ ଉପରେ ଏହାର କୁପ୍ରଭାବ

॥ ବିଷ୍ଣୁ ପ୍ରସାଦ ଦାସ ॥

ପୃଥିବୀ ପୃଷ୍ଠ ରେ ଉତ୍ପନ୍ନ ହେଉଥିବା ଶବ୍ଦ ବାୟୁରେ ତରଙ୍ଗ ସୃଷ୍ଟି କରି କର୍ଣ୍ଣ ଗହ୍ୱରେ ପ୍ରବେଶ କରି କର୍ଣ୍ଣ ପରଦାକୁ ଛୁଇଁଲା ପରେ ଆମେ ଶବ୍ଦକୁ ଶୁଣିପାରୁ, ପ୍ରାକୃତିକ ଉପାୟରେ ତଥା କିଛି ଶ୍ରବଣ ଯନ୍ତ୍ର ଜରିଆରେ ଏହି ପ୍ରକ୍ରିୟା ଚାଲିଥାଏ । ପ୍ରକୃତି ମଣିଷ ସହିତ ସବୁ ଜୀବଜନ୍ତୁ , ସରୀସୃପ , ପଶୁ ପକ୍ଷୀ ମାନଙ୍କୁ କର୍ଣ୍ଣ ଦ୍ୱାରା ଶବ୍ଦ ଗ୍ରହଣ କରିବାର ବ୍ୟବସ୍ଥା କରିଛି ଓ । ତେବେ କଥା ହେଉଛି , ଆମ କର୍ଣ୍ଣ କେତେ ଉଚ୍ଚ ଶବ୍ଦ ଗ୍ରହଣ କରିବାକୁ ସକ୍ଷମ ? ଆଉ ଯଦି ଗ୍ରହଣ କରିବା କ୍ଷମତା ଠାରୁ ଅତ୍ୟଧିକ ଶବ୍ଦ ସୃଷ୍ଟି ହୁଏ ତେବେ ଆମର ମାନସିକ ସ୍ଥିତି କଣ ହେବ ? ଅନେକ ବିଜ୍ଞ , ଗୁଣି ବ୍ୟକ୍ତି ଏହାଉପରେ ପୁଙ୍ଖାନୁ ପୁଙ୍ଖ ଗବେଷଣା କରିଛନ୍ତି ଅହୁର ମଧ ଚାଲିଛି । ଶବ୍ଦ ପ୍ରଦୁଷଣ କେବଳ ଭାରତରେ ନୁହେଁ ସାରା ପୃଥିବୀର ଏକ ଜଟିଳ ସମସ୍ୟା, ଆମ ଦେଶରେ ସରକାର ୨୪ ଏପ୍ରିଲ ୨୦୦୦ ମସିହାରେ ଶବ୍ଦ ପ୍ରଦୁଷଣ ନିୟମାକ ଆଇନ ପ୍ରଚଳନ କଲେ । ଦୀର୍ଘ ୨୨ ବର୍ଷ ପରେ ମଧ ଶବ୍ଦ ପ୍ରଦୁଷଣ ରୋକିବା ପାଇଁ ସେମିତି କିଛି ଆଖି ଦୃଶିଆ କାର୍ଯ୍ୟ ହୋଇନାହିଁ । ବିଭାଗୀୟ କର୍ମକର୍ତ୍ତାଙ୍କ ଆନ୍ତରିକତାର ଅଭାବ ତଥା ସରକାରଙ୍କ ଅଙ୍କୁଶ ବୋଧ ହୁଏ ଏହି ବିଭାଗ ଉପରେ କାର୍ଯ୍ୟ କରୁନାହିଁ , ନ' ହେଲେ ଖୁଲମଖୁଲା ଆମମାନଙ୍କୁ ଶବ୍ଦ ପ୍ରଦୁଷଣ ଜନିତ କଷ୍ଟ ସହିବାକୁ ପଡନ୍ତା ନାହିଁ ।

ଅତ୍ୟଧିକ ଶବ୍ଦ ମନୁଷ୍ୟ ତଥା ଅନ୍ୟ ପ୍ରାଣୀ ମାନଙ୍କ ପାଇଁ କ୍ଷତିକାରକ ବୋଲି ସାବ୍ୟସ୍ତ ହୋଇଛି । ମଧୁର ବାଦ୍ୟ ସଙ୍ଗୀତର ମୁର୍ଚ୍ଛନା ଆନନ୍ଦ ଦେଉଥିବା ବେଳେ ଉଚ୍ଚାଙ୍ଗ ସଂଗୀତ ମାନସିକ ଚାପ ବଢାଇଥାଏ । ବିଶେଷଜ୍ଞ ମାନଙ୍କ କହିବା କଥା ଅତ୍ୟଧିକ ଶବ୍ଦ ଆମର ଶରୀର ଉପରେ ଅନେକ କୁପ୍ରଭାବ ପକାଇଥାଏ ଯଥା : ଚାପଗ୍ରସ୍ତ,ହୃଦ୍‌ଘାତ,ଉଚ୍ଚରକ୍ତଚାପ,ଶ୍ରବଣଶକ୍ତି ଚାଲିଯିବା,ନିଦ୍ରାରେ ବ୍ୟାଘାତ, ବୋଧଶକ୍ତି ହରାଇବା , ବାତଲାମି, ଅତ୍ୟଧିକ ମୁଣ୍ଡବ୍ୟଥା,ତଥା ସ୍ନାୟବିକ ଦୁର୍ବଳତା ଦେଖାଦେଇଥାଏ ଓ ରୋଗୀ ଓ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଅତ୍ୟଧିକ ଶବ୍ଦ ଗ୍ରହଣକରିବା ଖୁବ କଷ୍ଟ ଦାୟକ ତଥା ସେମାନଙ୍କୁ ମରଣାନ୍ତକ ଯନ୍ତ୍ରଣା ଦେଇଥାଏ ଓ ତେବେ ଏହି ଶବ୍ଦ କେମିତି ଆଉ କେଉଁଠାରୁ ଉତ୍ପନ୍ନ ହୁଏ ଏବଂ ଆମେ ଏହାକୁ କିପରି ନିୟନ୍ତ୍ରିତ କରିପାରିବା ସେହି ବିଷୟରେ ମୋର ସୀମିତ ଜ୍ଞାନରୁ କିଞ୍ଚିତ ଆଲୋକପାତ କରିବାକୁ ଶ୍ରେୟ ମଣୁଛି ।

ଶବ୍ଦ ଏକପ୍ରକାର ଶକ୍ତି ଏହା କମ୍ପନରୁ ସୃଷ୍ଟି, ଯେତେବେଳେ କୌଣସି ଜିନିଷ ଉପରେ କମ୍ପନ ସୃଷ୍ଟି ହୁଏ ତାହା ନିକଟରେ ଥିବା ବାୟୁ କଣିକା ଉପରେ ପ୍ରଭାବ ପକାଇଥାଏ ଏବଂ କମ୍ପିତ ବାୟୁକଣିକା ତାହା ପାର୍ଶ୍ୱବର୍ତ୍ତୀ କଣିକା ଉପରେ ପ୍ରଭାବ ପକାଏ ଏମିତି ଭାବେ ଶବ୍ଦ ତରଙ୍ଗ ସୃଷ୍ଟିକରି ଚର୍ତୁ ପାର୍ଶ୍ୱ କୁ ବ୍ୟାପି ଥାଏ , ଠିକ ଗୋଟିଏ ଜଳାଶୟ ମଝିରେ ଗୋଟିଏ ଛୋଟ ପ୍ରସ୍ତର ଖଣ୍ଡ ନିକ୍ଷେପ କଲେ ଜଳରେ ଯେପରି ତରଙ୍ଗ ସୃଷ୍ଟି ହୁଏ, ଅଦୃଶ୍ୟ ଭାବେ ଶବ୍ଦ ତରଙ୍ଗ ବାୟୁରେ କେନ୍ଦ୍ରବିନ୍ଦୁ ଠାରୁ ନିଜର ବ୍ୟାସ ବଢ଼ାଇ ଗତିକରିଥାଏ । କମ୍ପନର ତୀବ୍ରତା ଅନୁସାରେ ବାୟୁକଣିକା ନିର୍ଦ୍ଦିଷ୍ଟ ଏକ ଦୂରତା ପର୍ଯ୍ୟନ୍ତ ଯାଇ ଧୀରେ ଧୀରେ ଦୁର୍ବଳ ହୋଇ ଶକ୍ତିହୀନ ହୋଇଯାଏ, ଶବ୍ଦର ତୀବ୍ରତା ଆମେ ଡେସିବିଲ(dB ) ରେ ମାପ କରିଥାଉ , ସାଧାରଣତଃ ଆମ ମସ୍ତିଷ୍କ । କର୍ଣ୍ଣ ଗହ୍ୱର ୭୦ ଡେସି ବିଲ ଶବ୍ଦକୁ ସହଜରେ ଗ୍ରହଣ କରିଥାଏ । ଅତିବେଶୀରେ ଏହା ୮୫ ଡେସି ବିଲ ପର୍ଯ୍ୟନ୍ତ ସହ୍ୟ କରିପାରିବ ସେ ବି ବେଶୀ ସମୟ ନୁହେଁ ଓ ସରକାରୀ ନିୟମ ଅନୁସାରେ କେହି ୬୫ ଡେସି ବିଲ ରୁ ଅଧିକ ତୀବ୍ରତାର ଧ୍ୱନି ଉତ୍ପନ୍ନ କାରି ଯନ୍ତ୍ର ବ୍ୟବହାର କରିପାରିବେ ନାହିଁ । ଶବ୍ଦର ଉତ୍ପତ୍ତିସ୍ଥଳ : ଆମେ ଶୁଣିବା ପାଇଁ ଶବ୍ଦ ତରଙ୍ଗ ୨୦ ହର୍ଜରୁ ୨୦ ହଜାର ହର୍ଜ ଭିତରେ ରହିବା ଦରକାର, ତାହାଠାରୁ ବେଶୀ ବା କମ ହେଲେ ଆମେ ଶୁଣି ପାରିବା ନାହିଁ , ଶବ୍ଦ ଅନେକ ପ୍ରକାର ୧. ଇନ୍‌ଫ୍ରା ସନିକ( ୨୦ ହର୍ଜ ରୁ କମ ), ୨. ସନିକ( ୨୦ ରୁ ୨୦ ହଜାର ହର୍ଜ ମଧ୍ୟରେ ) , ୩. ଅଲଟ୍ରା ସନିକ ( ୨୦ ହଜାର ହର୍ଜ ରୁ ଅଧିକ ) ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଗୋଟିଏ ମଶା କାନପାଖ ଦେଇ ଗଲେ ୨୦ ଡେସି ବିଲ ଶବ୍ଦ କରିଥାଏ , ଆମେ ହସିଲାବେଳେ ୬୦ ରୁ ୬୫ ଡେସି ବିଲ , ସାଧାରଣ କଥା ହେଲେ ୪୦ ରୁ ୫୦ ଡେସି ବିଲ , ଭ୍ୟାକୁମ କ୍ଲିନର ଚଳାଇଲେ ୭୦ ଡେସି ବିଲ , ଟ୍ରକ, ବସ, ଟ୍ରାକ୍ଟର ୮୪ ଡେସି ବିଲ , କାର, ଜିପ ଇତ୍ୟାଦି ୭୦ ରୁ ୭୫ ଡେସି ବିଲ , ଗାଡ଼ିରେ ଲାଗିଥିବା ହର୍ଣ୍ଣ ୧୦୦ ଡେସି ବିଲ, ଉଡ଼ାଜାହାଜ ୧୦୦ ରୁ ୧୩୦ ଡେସି ବିଲ ଶବ୍ଦ ଉତ୍ପନ୍ନ କରୁଥିବା ବେଳେ ଷ୍ଟେରିଓ ସାଉଣ୍ଡ ସିଷ୍ଟମ ୧୩୦ ଡେସି ବିଲ ରୁ ବି ଅଧିକ ଶବ୍ଦ ଉତ୍ପନ୍ନ କରେ ଏଥିରେ ଡ଼ି:ଯେ , ମାଇକ । ଅନ୍ୟାନ୍ୟ ସରଞ୍ଜାମ ବି ସାମିଲ ଓ ରେଳ ଗାଡି ୮୦ ରୁ ୧୦୦ ଡେସି ବିଲ ଶବ୍ଦ ଉତ୍ପନ୍ନ କରେ।

ଜ୍ଞାନୀ, ଗୁଣି, ବିଜ୍ଞ ବ୍ୟକ୍ତି ମାନେ କାହିଁକି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁନାହାନ୍ତି ? ଅନ୍ୟାୟକୁ ଆଉ କେତେ ଦିନ ସହିବା ? ଆଜିକାଲି ଲଗାମଛଡ଼ା ଡ଼ି: ଯେ , ମାଇକ ଆଉ ଜାଣିଶୁଣି କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଶବ୍ଦ ପ୍ରଦୁଷଣ ହେଉଛି ଏହାର କ'ଣ କିଛି ପ୍ରତିକାର ନାହିଁ ? ? ବିଭିନ୍ନ ଅନୁଷ୍ଠାନ ପାଇଁ ବା ରାସ୍ତାରେ ବାଜା ବଜାଇ ଶୋଭାଯାତ୍ରାରେ ଯିବା ପାଇଁ ସରକାରୀ ନିୟମ ଅନୁସାରେ ଥାନାରୁ ଅନୁମତି ମିଳେ, ସବୁ ସର୍ତ୍ତକୁ ମାନିନେଇ ଦରଖାସ୍ତ କାରି ଦସ୍ତଖତ ଦିଅନ୍ତି କିନ୍ତୁ କୁକୁର ଲାଙ୍ଗୁଡ଼ ଯେଉଁ ବଙ୍କା କୁ ସେଇ ବଙ୍କା କେହି ମାନନ୍ତି ନାହିଁ ୬୫ ଡେସି ବିଲ କୁ ବଢ଼ାଇ ୧୩୦ ଡେସି ବିଲ କରିଦିଆ ଯାଏ , ନାଲିପାଣି ହେଉ କି ଅନ୍ୟ ଜୋଶରେ ହେଉ ଅନ୍ୟର ସୁବିଧା ଅସୁବିଧା ଦେଖିବକୁ ବେଳ ନଥାଏ ,ଉଚ୍ଚାଙ୍ଗ ସଙ୍ଗୀତର ତାଳେ ତାଳେ ଗୋଡ଼ ଖାଲି ଉଠୁ ଥାଏ କି ପଡୁଥାଏ , ଡ଼ି;ଯେ ।ଲା ବି ଖୁଶ କାରଣ ଏହା ତାଙ୍କ ପାଇଁ ଏକ ବିଜ୍ଞାପନ ସଦୃଶ ଓ କାନଫଟା ଚିତ୍କାର କ'ଣ ବନ୍ଦ କରି ଶ୍ରୁତିମଧୁର ବାଦ୍ୟ/ସଙ୍ଗୀତ ଶବ୍ଦରେ ଯାଇ ହେବ ନାହିଁ ? ଆଜିକାଲି ସବୁ ଧର୍ମାନୁଷ୍ଠାନରେ ମାଇକ ର ପ୍ରଚଳନ ବହୁଳ ଭାବେ ଦେଖିବାକୁ ମିଳେ, କୌଣସି ଧର୍ମ୍ମ ଖରାପ ନୁହେଁ କି କାହାକୁ ଛୋଟ ଭାବିବା ଉଚିତ ନୁହେଁ, ସବୁ ଧର୍ମମକୁ ମୁଁ ସମ୍ମାନଦିଏ , କିନ୍ତୁ ଭାଇ ! ଟିକେ ହୃଦୟରୁ ଚିନ୍ତା କରନ୍ତୁ ତ' କାହାରି ଇଚ୍ଛା ବିରୁଦ୍ଧରେ କାହାରି ଉପରେ କଣ ଧର୍ମ୍ମ ବା ଧର୍ମ୍ମର ବାଣୀକୁ ମାଇକ ଦ୍ୱାରା ବଳପୂର୍ବକ ଲଦିଦେବା ଠିକ ହେଉଛି କି ? ସମସ୍ତେ କିଛି ନା' କିଛି କାର୍ଯ୍ୟରେ ବ୍ୟସ୍ତ ଆପଣମାନଙ୍କ ସୁବିଧା ପାଇଁ ଆପଣ କାହିଁକି ଅନ୍ୟକୁ କଷ୍ଟ ଦେବେ ? ଘରେ ଯଦି ହନୁମାନ ଚାଳିଶା କରିବାକୁ ଡାକିବେ ତେବେ ଯେଉଁ ଗାୟକ ମାନେ ଆସିବେ ସେମାନେ ନିଶ୍ଚିତ ଭାବେ ମାଇକ ଆଣି ଅତିଉଚ୍ଚ ଶବ୍ଦ କରି ବଜାଇବେ ଯଦି ଆପଣ କହିଲେ ତେବେ ତାଙ୍କର କ୍ଷୋଭ, ପୂଜା ଆପଣଙ୍କ ଘରେ ହେଉଛି ହେଉ କିଏ ମନା କରୁଛିକି ? ତେବେ ଆପଣଙ୍କର କୌଣସି ଅଧିକାର ନାହିଁ ଯେ, ଆପଣ ଅନ୍ୟର ଶାନ୍ତି ଭଙ୍ଗ କରିବେ । ସ୍କୁଲରେ ଛୋଟ ଛୋଟ କୋମଳମତି ପିଲାଙ୍କୁ ପ୍ରାର୍ଥନା ନାମରେ ଅତି ଉଚ୍ଚ ସ୍ୱରରେ ଗାଇବାକୁ 'ମିସ' ମାନଙ୍କର ନିର୍ଦ୍ଦେଶ କାରଣ ସ୍କୁଲର ଏହା ଏକ ପ୍ରକାର ବିଜ୍ଞାପନ ତେଣିକି ପିଲାର ସ୍ୱର ଯନ୍ତ୍ର ଖରାପ ହୋଇଯାଉ ତାଙ୍କର କ'ଣ ଅଛି ? ପିଲାର ବାପା , ମା ' ସେକଥା ବୁଝିବେ ଓ ହିନ୍ଦୁ ହେଉ ବା ଅନ୍ୟ ଧର୍ମ୍ମ ହେଉ ପ୍ରାର୍ଥନା କ'ଣ ଉଚ୍ଚାଙ୍ଗ ସ୍ୱରରେ କରାଯାଏ ନା' ନୀରବରେ କରାଯାଏ ? ପ୍ରାର୍ଥନାର ମାନେ ଆଉ ସଂଜ୍ଞା ଜାଣିବା ପାଇଁ ନିଜେ ନିଜକୁ ସଜାଡ଼ିବା ଜରୁରୀୟ ହଁ! କହିବ କିଏ ? ଆଉ ଶୁଣିବ କିଏ ? ବେଶୀ କହିଲେ କହିବେ ' ଆରେ ଏଇଟା ଗୋଠ ଖଣ୍ଡିଆ ଟାଏ, କାହାରି ଭଲ ଦେଖି ପାରୁନାହିଁ ' ତେଣୁ କଥା ରେ ଅଛି ଯେ ପକ୍ଷୀ ଉଡେ ଯେତେ ଦୂର ସେ ଜାଣେ ତାହାର ବ୍ୟବହାର ଓ କାହାରି ମନରେ ଦୁଃଖ ଦେବାର ଅଭିପ୍ରାୟ ମୋର ନାହିଁ କେବଳ ସଚେତନତା ଉଦ୍ଦେଶ୍ୟରେ ଲେଖୁଛି । ଭାଇ ! ଜୀବନରେ କେବେ ସୁଯୋଗ ଯଦି ଆସେ ତେବେ କୌଣସି ବୌଦ୍ଧ ପୀଠ, ବେଲୁର ମଠ, ସ୍ୱାମୀ ବିବେକାନନ୍ଦଙ୍କ ପ୍ରାର୍ଥନା ସ୍ଥଳୀ, ଆଉ ବିଦେଶରେ ଟିକେ ଥାଇଲାଣ୍ଡ ବା ଶ୍ୟାମ ଦେଶ ବୁଲି ଆସନ୍ତୁ , ବ୍ୟାଙ୍କକ ସହର ଠିକ ମୁମ୍ବାଇ , ଦିଲ୍ଲୀ ପରି ସହର ଏଠି ଲକ୍ଷ , ଲକ୍ଷ ଗାଡି ମୋଟର ରାସ୍ତାରେ ଯା, ଆସ କରୁଥାଏ, କିନ୍ତୁ ସବୁ ନୀରବରେ, କାହାରିକୁ ହର୍ଣ୍ଣ ବଜାଇବାର ଅନୁମତି ନାହିଁ , ସ୍କୁଲ କଲେଜ ସବୁ ନିରବରେ ଚାଲେ , ଠିକ ସେଇ ପରି ଭୁଟାନ ଯାଇ ଦେଖିବା କଥା ସେଠି ବି ସେହିପରି ନୀରବତା ଆଉ ଶାନ୍ତି , ଶବ୍ଦ ପ୍ରଦୁଷଣ ମାତ୍ରା ଶୂନ୍ୟ , କେହି ଗାଡ଼ିରେ ହର୍ଣ୍ଣ ବଜାଇ ପାରିବେ ନାହିଁ, ସର୍ବସାଧାରଣ ସ୍ଥାନରେ ମାଇକ ତ' ଦୂରର କଥା ଉଚ୍ଚ ସ୍ୱରରେ ଟେଲିଭିଜନ କି ରେଡ଼ିଓ ବଜାଇ ପାରିବେ ନାହିଁ ଓ ଆପଣ ମାନେ ଜାଣି ପାରୁନାହାନ୍ତି ପ୍ରତିଦିନ ଶବ୍ଦପ୍ରଦୁଷଣ ଆମ ଜୀବନର ଆୟୁଷ ୧୫ ମିନିଟ କମାଇଦେଉଛି ବୋଲି ପଢିଥିଲି । ଯେତେବେଳେ ଡାକ୍ତରଙ୍କ ପାଖକୁ ଯାଉଛନ୍ତି, ଟଙ୍କା ଦେଇ ତା'ଙ୍କ ପରାମର୍ଶରେ ହଜାର ହଜାର ଟଙ୍କାର ଔଷଧ ଖାଉଛନ୍ତି ସେତେବେଳେ ଆପଣଙ୍କ କଷ୍ଟ କିଏ ନେଉଛି ? ? ତେଣୁ ନିଜେ ବେଳହୁଁ ସତର୍କ ହେବା ଉଚିତ , ଯେତେ ପାରିବେ ଶବ୍ଦ ପ୍ରଦୁଷଣରୁ ନିଜକୁ ମୁକ୍ତ ରଖନ୍ତୁ ।

ଝାଞ୍ଜିରୀ ମଙ୍ଗଳ , କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ଭକ୍ତି କରୁଛୁ, ତଥାପି ଦୁଃଖ ଯାଉନାହିଁ କାହିଁକି ?

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଏ ସଂସାରର ରୀତି ଏହିପରି ଯେ କେହି ଏଠାରେ ଦୁଃଖକଷ୍ଟ ଚାହାନ୍ତି ନାହିଁ କି ତାକୁ ଗ୍ରହଣ କରିପାରନ୍ତି ନାହିଁ। ଯଦି କେହି ଘୋର ସନ୍ତାପରେ ଅଛନ୍ତି ଏବଂ ସେଥିରୁ ମୁକୁଳିପାରୁ ନାହାନ୍ତି ତାହେଲେ ଭଗବାନଙ୍କର ଅସ୍ତିତ୍ୱ ନେଇ ମନରେ ପ୍ରଶ୍ନ ଛିଡ଼ା କରିଦିଅନ୍ତି। ଏହାପରେ ନାସ୍ତିକ ବା ଯୁକ୍ତିବାଦୀମାନଙ୍କ ସହିତ ସଙ୍ଗ ହୋଇଗଲେ ମନ ଆହୁରି ଗୋଳମାଳିଆ ହୋଇଉଠେ। ବିଶ୍ୱାସରୂପକ ବୃକ୍ଷଟି ମନ ଭିତରୁ ଉପୁଡ଼ିଯାଏ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଆଶ୍ରିତ ମାନଙ୍କୁ ସଦାସର୍ବଦା ସୁରକ୍ଷା ଓ କୃପାବର୍ଷଣ କରୁଛନ୍ତି। ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ସତ୍‌ସଙ୍ଗୀ ମାନଙ୍କ ହୃଦୟରେ ପରୋପକାରର ଆବଶ୍ୟକତା ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରି ବିରାଜିତ। ଏହି ସ୍ତରରେ ପହଞ୍ଚିଲା ପରେ ଶ୍ରୀ ଶ୍ରୀ ଠାକୁରଙ୍କ ଆଶ୍ରିତଙ୍କ ଧୈର୍ଯ୍ୟଶକ୍ତି ବୃଦ୍ଧି ପାଇଥାଏ ଓ ରାଗ, ଅହଂକାର ଆଦି ଦୂର ହୋଇଯାଏ। ଏହାପରେ ସ୍ତର ସ୍ତର ଦେଇ ଉନ୍ନତି ପଥରେ ସେ ଯାତ୍ରା କରେ। କିନ୍ତୁ ସବୁ ଭକ୍ତ ଏହିପରି ଉପରକୁ ଉପରକୁ ଯିବାକୁ ସମର୍ଥ ହୋଇପାରନ୍ତି ନାହିଁ। ଅନେକ ଅଧାବାଟରେ ଧୈର୍ଯ୍ୟ ହରାଇ ବସନ୍ତି ଓ ବାଟ ହୁଡ଼ିଯାଆନ୍ତି। ଫଳରେ ସେମାନଙ୍କର ଉନ୍ନତି ପଥ ରୁଦ୍ଧ ହୋଇଯାଏ।

ଏହିପରି ଭକ୍ତମାନେ ମନରେ ନାନାଦି ଅଭିମାନ ପୋଷଣ କରନ୍ତି। ଆମେ ଭଗବାନଙ୍କର ଏତେ ପୂଜା ପାଠ କରୁଛୁ, ବ୍ରତ ଉପାସନା କରୁଅଛୁ, ତଥାପି ଦୁଃଖ ତ ଦୂରହେଉନାହିଁ। ଏହିକଥାକୁ ମନରେ ଧରି ସେମାନେ ଭଗବାନଙ୍କ ନିକଟରୁ ଅର୍ଥାତ୍ ଭକ୍ତି ମାର୍ଗରୁ ହୁଡ଼ି ଯାଆନ୍ତି। ସୁତରାଂ ଈଶ୍ୱରଙ୍କ କୃପାରୁ ଏହିପରି ବ୍ୟକ୍ତିମାନଙ୍କ ଭିତରେ ପ୍ରେରଣା ଜାତ କରି ସଂସାରର ପ୍ରକୃତ ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥାଏ। ଏହି ଅବସରରେ ଭକ୍ତ ପ୍ରହ୍ଲାଦଙ୍କ କାହାଣୀ ଉଲ୍ଲେଖଯୋଗ୍ୟ। ଥରେ ଭାବି ଦେଖନ୍ତୁ ପ୍ରହ୍ଲାଦ କେତେ ବଡ଼ ଭକ୍ତ ନଥିଲେ ! ସବୁକିଛି ହାତ ପାଆନ୍ତାରେ ଥିଲା। ତଥାପି ତାଙ୍କୁ ଏତେ କଷ୍ଟ ଓ ପୀଡ଼ା ଯାତନା ଭୋଗିବାକୁ ପଡ଼ିଲା କାହିଁକି ? ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତେବେ ଭକ୍ତର ସଂଜ୍ଞା କ'ଣ ? ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରେ ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ଦୟାଳ ପ୍ରଭୁଙ୍କୁ କଷ୍ଟ ଦିଏ ଏବଂ ଏହାର ବିପରୀତ ଯିଏ କଷ୍ଟ ସହ୍ୟ କରେ ସେ ପ୍ରେମମୟଙ୍କ ଅତ୍ୟନ୍ତ ପ୍ରିୟ। ସେହିପରି ଆଉ ଜଣେ ଆଦର୍ଶଯୁକ୍ତ ଭକ୍ତ ଥିଲେ ମୀରାବାଈ। ତାଙ୍କ ସମ୍ପର୍କରେ ଅନେକ ଶୁଣିଥିବେ ଓ ପଢ଼ିଥିବେ। ପ୍ରହ୍ଲାଦଙ୍କ ଭଳି ଏହା ବହୁଶହ ବର୍ଷ ତଳର ପୁରୁଣା ଘଟଣା ନୁହେଁ ଯେ କାଳ୍ପନିକ ମନେ ହେବ। ମାତ୍ର ପାଞ୍ଚଶହ ବର୍ଷ ତଳର ଘଟଣା।

ମୀରାବାଈଙ୍କର କଥା ଇତିହାସରେ ମଧ ଉଲ୍ଲେଖ ହୋଇଛି। ସେ ରାଜ ପରିବାରର ସଦସ୍ୟ ଥିଲେ। ଭଗବାନଙ୍କୁ ପାଇବା ପାଇଁ କ'ଣ ତ୍ୟାଗ ନକଲେ। ହେଲେ ଏହି ମହତ୍ କାର୍ଯ୍ୟରେ ତାଙ୍କର ଘର ପରିବାର ଲୋକେ ସହାୟତା କରିବା ପରିବର୍ତ୍ତେ ତାଙ୍କୁ ବିରୋଧ କଲେ କାହିଁକି ? ଖାଲି ବିରୋଧ ତ କଲେ ନାହିଁ ବିଷ ପିଆଇ ମାରିଦେବାକୁ ପ୍ରୟାସ କଲେ କାହିଁକି ? ଏହା ଗୋଟିଏ ଜଟିଳ ପ୍ରଶ୍ନ। ତାଙ୍କର ଲୀଳା ଓ କଥାମାନ ପାଠ କରି ଭକ୍ତିଭାବରେ ରୋମାଞ୍ଚିତ ହୁଅନ୍ତୁ ଏବଂ ସଦାସର୍ବଦା ଈଶ୍ୱରଙ୍କର ସ୍ମରଣ ଓ ସାନ୍ନିଧ୍ୟରେ ରହନ୍ତୁ। ଏବେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସଶରୀରରେ ନାହାନ୍ତି ବୋଲି କେହି ଅନୁଭବ କରୁଥିଲେ ତାଙ୍କୁ ଇଷ୍ଟାନୁରାଗ ଗ୍ରନ୍ଥ ଓ ପୁସ୍ତିକା ଜୀବନ୍ତ ଚେତନାକୁ ଜାଗ୍ରତ କରିଥାଏ। ଏହି କଥାସବୁ ଜୀବନ୍ତ ଚେତନାର ଅନୁଭୂତି ଆଣିଦେବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ କୃପାରୂପୀ ଚରଣକୁ କେବେ ମନ ଭିତରୁ ଦୂର କରନ୍ତୁ ନାହିଁ। ଯଦି ପ୍ରତିକୂଳ ସମୟ ଦେଇ ଗତି କରୁଛନ୍ତି ତାହେଲେ ତାହା ନିଜ ଜୀବନର ସବୁଠାରୁ ଅନୁକୂଳ ସମୟ ମନେ କରି ଶ୍ରୀ ଶ୍ରୀ ଠାକୁରଙ୍କ ନିକଟତର ହେବାକୁ ଚେଷ୍ଟା କରନ୍ତୁ ଏହା ଆମର ଧ୍ୟେୟ ହେଉ।

ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# କ୍ୟାନ୍ସରକୁ ଆମନ୍ତ୍ରଣ କରୁଛି ବଜାରରେ ମିଳୁଥିବା ପାଚିଲା ଆମ୍ବ

ଆସିକା, (ମହାଭାରତ) : ବଜାରରେ ବର୍ତ୍ତମାନ ବିଭିନ୍ନ କିସମର ଆମ୍ବ ବହୁଳ ମାତ୍ରାରେ ବିକ୍ରି ଚାଲିଛି । ଦୈନିକ ହଜାର ହଜାର ଟନ ଆମ୍ବ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ସମ୍ପ୍ରତି ଆମ୍ବ ଋତୁ ଚାଲିଥିବାରୁ ଦର ଯେତିକି ଅଧିକ ହେଲେ ମଧ୍ୟ ଆମ୍ବ ନହେଲେ ପାଟିକୁ ଖାଦ୍ୟ ରୁଚୁନି ।ବଜାରରୁ ଫେରିଲା ବେଳକୁ ବ୍ୟାଗରେ କିଛି ପନିପରିବା ସହ ପ୍ରାୟତଃ ଆମ୍ବ ରହିଥ ?ବା ଦେଖୁବାକୁ ମିଳୁଛି । ହେଲେ ପାଟିକୁ ସୁସ୍ୱାଦ ଲାଗିବା ପାଇଁ ଅଣା ଯାଇଥିବା ଏହି ଆମ୍ବ ଶରୀର ପାଇଁ କେତେ ହିତକର କି ନୁହେଁ ତାହା ଜାଣିବା ପାଇଁ କାହା ପାଖରେ ସମୟ ନଥାଏ । ଆମ୍ବ ଏପରି ଏକ ଫଳ ଯାହା ଉଭୟ କଞ୍ଚା ଓ ପାଚିଲାରେ ଖାଇ ହୁଏ । କିନ୍ତୁ ଯେଉଁ କଞ୍ଚା ଆମ୍ବ ବଜାରରୁ କ୍ରୟ କରି ଅଣାଯାଇଛି, ସେଥିରେ କ୍ୟାନସର ଭଳି ରୋଗକୁ ଆମନ୍ତ୍ରଣ କରାଯାଉଛି ବୋଲି ଅଧିକାଂଶ ଜାଣିନାହାନ୍ତି । ଯେଉଁ ଆମ୍ବ ଗଛରେ ରହିଲେ କିମ୍ବା ତୋଳା ହେବାର କିଛି ଦିନ ମଧ୍ୟରେ ପାଚିବା କଥା, ସେହି ଆମ୍ବ କଞ୍ଚା



ଅବସ୍ଥାରେ ତୋଳି କ୍ୟାଲସିୟମ କାର୍ବାଇଟ ଦେଇ ପଚାଇ ଦିଆଯାଉଥିବା ଦେଖୁବାକୁ ମିଳୁଛି । ଫଳରେ ଆମ୍ବର ଉପର ଅଂଶରୁ ପାଚିଲା ଭଳି ଦେଖାଯାଉଥିବା ଏହି ଆମ୍ବ ଗୁଡ଼ିକ ପାଟିକୁ ସୁସ୍ୱାଦ ଲାଗୁଛି, ଆଉ ଶରୀର ପାଇଁ କ୍ଷତିକାରକ ସାଜୁଛି । ସ୍ୱାସ୍ଥ୍ୟ ପାଇଁ କେଉଁ ଫଳ ହିତକର ଏବଂ କେଉଁ ଫଳ ଅହିତକର ତାହା ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଉନାହିଁ ।କ୍ୟାଲସିୟମ କାର୍ବାଇଟରୁ ଏସିଟିଲିନ ଗ୍ୟାସ ବାହାରୁଥିବାରୁ ଏହାକୁ ବ୍ୟବହାର କରି ଯେଉଁ ଫଳ ପଚା ପଚାଯାଏ, ସେହି ଫଳରେ ଏହି ଗ୍ୟାସ ରହିଥାଏ । ଏହାକୁ ଖାଇଲେ କ୍ୟାନସର, ଥାଇରଡ୍, ପାଟି ଭିତରେ ଘା, ଏଲର୍ଜି ପ୍ରଭୃତି ରୋଗ ଦେଖାଦେଇଥାଏ । ଏପରିକି ବୃଦ୍ଧ ଲୋକଙ୍କ ଶରୀରରେ ଆଜମା ଭଳି ରୋଗ ଦେଖା ଦେଇଥାଏ । କେବଳ ଆମ୍ବ ନୁହେଁ କଦଳୀ, ସେଓ, ସପୁରୀ, ପଣସ, ଖଜୁରୀ ତଥା ବଜାରରେ ମିଳୁଥିବା ପ୍ରାୟ ଫଳରେ କ୍ୟାଲସିୟମ କାର୍ବାଇଟ ବ୍ୟବହାର ହେଉଥ ?ବା ଅଭିଯୋଗ ହେଉଛି । ଆସିକା ଏବଂ ଏହାର ଆଖପାଖ ଅଞ୍ଚଳର ବଜାରରେ ମିଳୁଥିବା ଆମ୍ବ ଠାରୁ ଆରମ୍ଭ କରି ଅନ୍ୟାନ ଫଳରେ କ୍ୟାଲସିୟମ କାର୍ବାଇଟ ବ୍ୟବହାର କରାଯାଉଛି କି ନାହିଁ ତାହାର ଏକ ଯାଞ୍ଚ କରିବା ସାମ୍ପ୍ରତିକ ପରି ସ୍ଥିତିରେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛିବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।

# ହିନ୍ଦୋଳ ହରିହାଟ ମହୋତ୍ସବ ଉଦଘାଟିତ

ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲାର ହରିହାଟ ମହୋତ୍ସବ ଆଜି ବହୁ ଆଡମ୍ବରରେ ଉଦଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଖାଦ୍ୟ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ପ୍ରଦୀପପ୍ରଜ୍ୱଳନ କରି ଉଦଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗ ବିଧାୟକ ବିଭୁତିଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଉପଜିଲ୍ଲାପାଳ ପ୍ରଭାସ ବେଉରା, ତହସିଲଦାର ଦିଲୀପ ସେଠି, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ ଓ ବରିଷ୍ଠ ବିଜେପି ନେତା ତଥା ହିନ୍ଦୋଳ ନଗର ସଭାପତି କୁବେର ବେହେରା,କମିଟି ସଭାପତି ପ୍ରଦୀପ ସାମନ୍ତ, ସମ୍ପାଦକ ବିଶେଶ୍ୱର ସେଠି ପ୍ରମୁଖ ମଞ୍ଚାସିନ ହୋଇଥିଲେ । ହିନ୍ଦୋଳର ଐତିହ୍ୟ ବହନ କରୁଥିବା ହରିହରଙ୍କ ହରିହାଟ ଉତ୍ସବକୁ ମହୋତ୍ସବରେ ପରିଣତ କରାଯାଇ କିଛିବର୍ଷ ହେଲା ହରିହାଟ ମହୋତ୍ସବରେ ପରିଣତ କରାଯାଇ ହିନ୍ଦୋଳର ଐତିହ୍ୟ, ଭାଇଚାରା ଓ



ଧାର୍ମିକ ପରମ୍ପରାକୁ ବଜାୟ ରଖିବାକୁ ସମସ୍ତଙ୍କର ଏହି ଉଦ୍ୟମକୁ ଯୋଗଦେଇଥିବା ଅତିଥିମାନେ ଉଚ୍ଚ ପ୍ରଶଂସା କରି ଆୟୋଜକ ମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ ।ତେବେ କମିଟି ପକ୍ଷରୁ ରାତିରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଂସ୍କୃତିକ, ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରକାର ମନୋହର ଦୋକାନ, ଫାଷ୍ଟଫୁଡ ଦୋକାନ ସାଙ୍ଗକୁ ଛୋଟଛୋଟ ପିଲା ମାନଙ୍କ ପାଇଁ ବିଭିନ୍ନ ପ୍ରକାର ଦୋଳିର ବ୍ୟବସ୍ଥା ରହିଥିଲା । ଏହି ମହୋତ୍ସବ ସ୍ଥାନୀୟ ମହୋତ୍ସବ ହୋଇଥିବାରୁ ପ୍ରବଳ ଜନସମାଗମ ହୋଇଥିଲା । ତେବେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅଣଦେଖା ଓ ଅବ୍ୟବସ୍ଥା ପାଇଁ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଦ୍ୱିତୀୟ ବୌଦ୍ଧକ୍ଷେତ୍ର ଓ ଆଦ୍ୟ ସୁଦର୍ଶନ ଦାରୁ ଅପସରାବୁଡ଼ ଅନୁଷ୍ଠିତ

କାକଟପୁର, (ମହାଭାରତ) : ଓଡିଶା ଇତିହାସ ରେ ପ୍ରାଚୀ ନଦୀ ର କିମ୍ବଦନ୍ତୀ ଅନନ୍ୟ, ଏହି ପ୍ରାଚୀ ନଦୀ ଗଙ୍ଗାଙ୍କଠୁ ସହସ୍ର ବର୍ଷ ବଡ଼ ଓ ପବିତ୍ର, ପ୍ରାଚୀ ତଟ ରେ ଅନେକ ଛୋଟ ବଡ଼ ମନ୍ଦିର ସମେତ ଅନେକ ମଠ ରହିଛି ଯାହା ଐତିହ୍ୟ ସମ୍ପନ୍ନ, ଆଜି ବୈଶାଖ ପୂର୍ଣ୍ଣିମା ଆମ ସନାତନ ଧର୍ମ ର ଚନ୍ଦନ ପୂର୍ଣ୍ଣିମା ଓ ବୌଦ୍ଧ ପୂର୍ଣ୍ଣିମା ବୋଲି ମାନ୍ୟତା ରହିଛି । ଗୌତମବୁଦ୍ଧ ଆଜି ର ପବିତ୍ର ଦିନ ରେ ସମାଜ କୁ ଉଦୟମାନ ସୂର୍ଯ୍ୟ ରୂପେ ଆସିଥିଲେ । ଯାହାର ଅନେକ ପ୍ରମାଣ ଆଜି ଇତିହାସ ପୃଷ୍ଠା ରେ ରହିଛି ସେ ମଧ୍ୟ ଆମ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ପବିତ୍ର ପ୍ରାଚୀ ନଦୀ ତଟ ରେ ଅନେକ ଲୋକଙ୍କୁ ବୌଦ୍ଧ ଦୀକ୍ଷା ଦେଇଥିଲେ । ସେହି ଇତିହାସ ସ୍ୱରୂପ ବୁଦ୍ଧଙ୍କ ଅଗ୍ରଣୀ ଶିଷ୍ୟ ଝାରସୁଗୁଡା ଜିଲ୍ଲା ମହାନଦୀ କୂଳ ରେ ଜନ୍ମଗ୍ରହଣ କରିଥିବା ପଦ୍ମସମ୍ଭବ ଏହି ଅସ୍ତରଙ୍ଗ ବ୍ଲକ ସରିପୁର ଦେଇ ପ୍ରବାହିତ ହେଉଥିବା ପବିତ୍ର ପ୍ରାଚୀ ତଟ ରେ ତପସ୍ୟା କରି ତପସିଦ୍ଧ ହୋଇଥିଲେ । ତତପରେ ମାଦଳା ପାଞ୍ଜିର ତଥ୍ୟ ଅନୁସାରେ ଉତ୍କଳ ସମ୍ରାଟ ପ୍ରତାପ ରୁଦ୍ର ଦେବଙ୍କ ରାଜୁତି ସମୟ ରେ ଆଦ୍ୟ ଗୁରୁ ଶଙ୍କରାଚାର୍ଯ୍ୟ ଙ୍କ ନିର୍ଦ୍ଦେଶ ରେ ପାତାଳି ଚତୁର୍ଥା ମୂର୍ତ୍ତୀଙ୍କ ନୂତନ ଶରୀର ନିର୍ମାଣ ପାଇଁ କାକଟପୁର ପ୍ରାଚୀ କୂଳ ରେ ଥିବା ମା ମଙ୍ଗଳାଙ୍କ ନିକଟରେ ଅଧିଆ ପଡି ନୂତନ ଦାରୁ ସନ୍ଧାନ ପାଇଁ ରାଜା ଓ ଦଇତାପତି ମାନେ ଆସିଥିଲେ ଆଉ ମାଙ୍କ ସ୍ୱପ୍ନାଦେଶରେ ଏହି ସ୍ଥାନରୁ ୧ମ ସୁଦର୍ଶନଙ୍କ ଦାରୁ ଚିହ୍ନଟ ହୋଇଥିଲା, ସେଥିପାଇଁ ଏହାକୁ ଆଦ୍ୟଦାରୁକ୍ଷେତ୍ର ର ମାନ୍ୟତା ମଧ୍ୟ ମିଳିଛି । ଆହୁରି କିମ୍ବଦନ୍ତି ରହିଛି ପୁରାଣ ଯୁଗରେ ଋଷି ମୁନୀ ମାନେ ପବିତ୍ର ନଦୀ ପାହାଡ଼ ପର୍ବତ ଓ ଜଙ୍ଗଲ ଭିତରେ ତପସ୍ୟା କରନ୍ତି ଆଉ ଏହି ପ୍ରାଚୀତଟ ସେମାନଙ୍କ ତପସ୍ୟା କ୍ଷେତ୍ର ଥିଲା ଆଉ ସ୍ୱର୍ଗ ର ଦେବତା ମାନେ ସେମାନଙ୍କ ତପସ୍ୟା ଭଙ୍ଗ କରିବାକୁ ସ୍ୱର୍ଗ ରୁ ଅପ୍ସରୀ ମାନଙ୍କୁ ପଠାଇଥାନ୍ତି ମାତ୍ର ସେହି ସମୟ ରେ ଅପ୍ସରୀ ମାନେ ସେମାନଙ୍କ ତପସ୍ୟା ଭାଙ୍ଗିଥିବାରୁ ସେମାନଙ୍କୁ ଋଷି ମୁନୀ ଅଭିଶାପ ଦେଇ ତାଙ୍କ ସୌନ୍ଦର୍ଯ୍ୟ ହରଣ କରିଥିଲେ । ଆଉ ଏହି କ୍ଷେତ୍ର ରେ ମହାସ୍ନାନ କରି ଅଭିଶାପ ମୁକ୍ତ ହୋଇଥିଲେ, ଅନେକ କିମ୍ବଦନ୍ତୀ, ଇତିହାସ ପ୍ରାଚୀନ ସାହିତ୍ୟ । ମାଦଳା ପାଞ୍ଜି ର ବର୍ଣ୍ଣନା ରେ ସରିପୁର ସ୍ଥିତ ଏହି ପ୍ରାଚୀନ ଅପସରା ଘାଟ ବା ଆଦ୍ୟ ଦାରୁ ସୁଦର୍ଶନ ପିଠ ରେ ଆଜିର ଏହି ପବିତ୍ର ଦିନରେ ହଜାର ହଜାର ଶ୍ରଦ୍ଧାଳୁ ମାନେ ବୁଡ଼ ପକାଇ ନିଷ୍ପାପର ଭାବେ ବ୍ରତକରନ୍ତି । ମହାପ୍ରଭୁଙ୍କ ସ୍ନାନ ମାର୍ଜନା ନୀତି କାନ୍ତି ଆଜିର ଦିନରେ ବେଶ ନିଆରା, ନାମସଂକୀର୍ତ୍ତନ ଓ ଯଜ୍ଞ ରେ ଆଜି ଏହି ସ୍ଥାନରେ ଏକ ପ୍ରକାର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି, ଏହି ବାବଦରେ ପ୍ରାଚୀ ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର । ସରିପୁର ଗ୍ରାମର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ଅନେକ କିମ୍ବଦନ୍ତୀପୂର୍ଣ୍ଣ ମତାମତ ଦେବା ସହ ପୁରାଣ ବର୍ଣ୍ଣିତ ଐତିହାସିକ ଅପସରା ଘାଟ ଓ ସୁଦର୍ଶନ ପିଠ ର ଉନ୍ନତି ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି ।

## ୫୦ତମ ବିଶ୍ୱଶାନ୍ତି ମହାଯଜ୍ଞଙ୍କ ପୂର୍ଣ୍ଣାହୁତି

ଗଣିଆ, (ମହାଭାରତ): ନୟାଗଡ ଜିଲ୍ଲା ଗଣିଆ ବ୍ଲକ ଅତର୍ଗତ ଇନ୍ଦିପଟା ଗ୍ରାମରେ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବଙ୍କର ୫୦ତମ ବିଶ୍ୱଶାନ୍ତି ମହା ଯଜ୍ଞ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଥିଲା । ଇନ୍ଦିପଟା ଗ୍ରାମର ସଭାପତି ଅଖିଳ ବିହାରୀ ପାଣିଗ୍ରାହୀ (ଗଣିଆ ଆଞ୍ଚଳିକ ସାମ୍ବାଦିକ ସଂଘ, ସଭାପତି)ଙ୍କ ସୂଚନା ଅନୁସାରେ ତା-୯/୫/୨୫ ଶୁକ୍ରବାର ଦିନ ଅଧିବେଶ, ୧୦/୫/୨୫ତାରିଖ ରେ ୧୦୮ କଳସ ଯାତ୍ରା ସହିତ ମହିଳା ସଂକୀର୍ତ୍ତନ ସହିତ ଗଣିଆ ସାଂସ୍କୃତିକ ପରିଷଦର ଛୋଟ ଛୋଟ କଳାକାରଙ୍କ ଦ୍ୱାରା ଡ୍ୟାନ୍ସ, ୧୧/୫/୨୫ତାରିଖ ରେ ଅଷ୍ଟପ୍ରହରୀ, ସଂକ୍ରିତନ, ଅନ୍ଧ ମୁକ ବଧିର ଭଂଜନ ସମାରୋହ, ୧୨/୫/୨୫ ତାରିଖ ରେ ସାଧୁସନ୍ଥ ସମିଳନୀ, ଏହି ସବୁ କାର୍ଯ୍ୟସୂଚୀ ଅନୁସାରେ କରାଯାଇଥିଲା । ଏହି ଯଜ୍ଞ ୪ଦିନ ଧରି ଚାଲିଥିଲା । ପ୍ରତେକ ଦିନ ରୁଦ୍ରାଭିଷେକ, ଚଣ୍ଡୀପାଠ, ଅଷ୍ଟପ୍ରହରୀ,ଏହି ଯଜ୍ଞ ରେ ମୁଖ୍ୟ କର୍ତା ଭାବେ ପର୍ଶୁରାମ ପାଣିଗ୍ରାହୀ ଓ ପତ୍ନୀ ଶୈଳବାଳା ପାଣିଗ୍ରାହୀ ଉପବେଶନ କରିଥିଲେ । କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇଥିବା ବେଳେ,ସାତ ମୌଜା ର ସଭାପତି ମାନଙ୍କ ସହିତ ଗ୍ରାମର ସଭାପତି ଅଖିଳ ବିହାରୀ ପାଣିଗ୍ରାହୀ, ସମ୍ପାଦକ ନିରଞ୍ଜନ ବାରିକ ଶ୍ରୀନିବାସ ପାଣିଗ୍ରାହୀ, ପ୍ରହଲ୍ଲାଦ ପାଣିଗ୍ରାହୀ, ପାଣ୍ଡୁ ରଣା, ମଣି ବାରିକ, ପ୍ରତାପ ପାଣିଗ୍ରାହୀ, ନାରାୟଣ ପାଣିଗ୍ରାହୀ, ମିଲୁ ପଣ୍ଡା, ମନ୍ଦର ବେହେରା ଓ ଇନ୍ଦିପଟା ଗ୍ରାମବାସୀ ମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ରେ ପି ସି ଏସ ଅନୁଷ୍ଠାନ ପକ୍ଷରୁ ଭକ୍ତ ମାନଙ୍କ ପାଇଁ ଦହିପଣକ୍ଷ ବଣ୍ଟନ କରାଯାଇଥିଲା । ସଂଧ୍ୟାରେ ଓଁ ଶ୍ରୀ ଦୃଷ୍ଟିହୀନ ଲୋକକଳା ଅନୁଷ୍ଠାନ ତରଫରୁ ଭଜନ ସନ୍ଧ୍ୟା କାର୍ଯକ୍ରମ ଚାଲିଥିଲା । ବ୍ରହ୍ମପୁର ନିବାସୀ ସଞ୍ଜୟ କୁମାର ପାତ୍ର ସଂପୂର୍ଣ୍ଣ ଭାବେ ସହଯୋଗ କରିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା ।

# ରଣ ବୋଝରେ ସ୍ୱୟଂ ସହାୟକ ଗୋଷ୍ଠୀର ଆଦିମ ଜନଜାତି ମହିଳା

କଳାହାଣ୍ଡି, (ମହାଭାରତ) : ଦିନ ଥିଲା ଓଡ଼ିଶା ପାଇଁ ଷ୍ଟ୍ରେବେରୀ ଥିଲା ଏକ ଦୁର୍ଲ୍ଲଭ ବିଦେଶୀ ଫଳ ।ଏହାକୁ ସମ୍ଭବ କରି ଦେଖାଇ ଥିଲେ ଲାଞ୍ଜିଗଡ ଆଦିମ ଜନଜାତି ମହିଳାମାନେ । କିନ୍ତୁ ଷ୍ଟ୍ରେବେରୀ ଚାଷ କରି ସାରା ରାଜ୍ୟରେ ଚର୍ଚ୍ଚିତ ରାଷ୍ଟ୍ରପତି ପୁରସ୍କୃତ ଲାଭ କରିଥିବା ବାରବୁଲି ଗାଁ । ବର୍ତ୍ତମାନ ଷ୍ଟ୍ରେବେରୀ ଚାଷୀକୁ ସମ୍ପୂର୍ଣ୍ଣ ଭୁଲିଯାଇଛି ପ୍ରଶାସନ ଯୋଗାଇ ଦେଉନାହିଁ ଷ୍ଟ୍ରେବେରୀ ଚାରା ।ଏବେ ରଣ ବୋଝରେ ସ୍ୱୟଂ ସହାୟକ ଗୋଷ୍ଠୀର ଆଦିମ ଜନଜାତି ମହିଳାମାନେ ।ଓଡ଼ିଶା ଭଳି ଉଷ୍ମ ଜଳ ଜଳବାୟୁରେ ଏହାକୁ ଚାଷ କରିବା କଳ୍ପନା ବାହାରେ ଥିଲା କିନ୍ତୁ କଳାହାଣ୍ଡି ଜିଲ୍ଲାପାଳଙ୍କ ଆଗ୍ରହ କ୍ରମେ ୨୦୨୩ ମସିହାରେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର ଓଡ଼ିଶା ଆଦିମ ଜନଜାତି ସଶକ୍ତିକରଣ ଓ ଉନ୍ନତିକରଣ କାର୍ଯ୍ୟକ୍ରମ ଦ୍ୱାରା ଷ୍ଟ୍ରେବେରୀ ଚାଷ କରାଯିବାର ପ୍ରଚେଷ୍ଟା ଲାଞ୍ଜିଗଡରେ ସଫଳ ହୋଇ ପାରିଥିଲା ।ଜିଲ୍ଲାରେ ପ୍ରଥମ ଥର ପାଇଁ ଆଦିମ ଜନଜାତି କୁଟିଆ କନ୍ଧ ସମ୍ପ୍ରଦାୟର ଚାଷୀଙ୍କ ଦ୍ୱାରା ଏହି ଉଦ୍ୟମ ଆରମ୍ଭ କରାଯାଇଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉଦ୍ୟାନ କୃଷି ବିଭାଗ ବୈଷୟିକ ସହଯୋଗ କରିଥିବା ବେଳେ ଓ ବିକ୍ରିବଟା ପାଇଁ ମିଶନ ଶକ୍ତି ବିଭାଗ ତରଫରୁ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଦଳକୁ ଦାଇତ୍ୱ ଦିଆଯାଇଥିଲା । ଫଳରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଛତ୍ରପୁର ପଞ୍ଚାୟତ ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ ବାରବୁଲି ଗାଁରେ ବାସ କରୁଥିବା କୁଟିଆ କନ୍ଧ ସମ୍ପ୍ରଦାୟର ଚାଷୀ ଓ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବେ ଷ୍ଟ୍ରେବେରୀ ଚାଷ କରି ସଫଳତା ହାସଲ କରିବା ସହିତ ସାରା ରାଜ୍ୟରେ ଉଦାହରଣ ପାଲଟିଥିଲେ । ୫ ଏକର ଜମିରେ ଏହି ଚାଷ କରିବା ପାଇଁ ଓଡ଼ିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମର ପ୍ରକଳ୍ପ ନିର୍ଦ୍ଦେଶକ ୨୮ ଲକ୍ଷ ୫୮ ହଜାର ୦୩୨ ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା । ସେହିପରି ଷ୍ଟ୍ରେବେରୀ ଚାଷ ପାଇଁ ଉଦ୍ଦିଷ୍ଟ ଜମିକୁ ଜଳ ଯୋଗାଣ ପାଇଁ କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର ଓଡ଼ିଶା ଆଦିମ ଜନଜାତି ସଶକ୍ତିକରଣ ଓ ଉନ୍ନତିକରଣ କାର୍ଯ୍ୟକ୍ରମ ଦ୍ୱାରା ସୌରଚାଳିତ ପମ୍ପ ଯୋଗାଇ ଦିଆଯାଇଥିଲା ।ମିଶନଶକ୍ତି ବିକାଶ ଦ୍ୱାରା ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଏଥିପାଇଁ ଚୟନ କରାଯିବା ପରେ ସମୁଦାୟ ୨୮ ଲକ୍ଷ ୫୮ ହଜାର ୦୩୨ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇ ଏକ ଲକ୍ଷ ଷ୍ଟ୍ରେବେରୀ ଚାରାରୋପଣ କରାଯାଇଥିଲା । ଏଥିପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କୁଟିଆ କନ୍ଧ ସଂସ୍ଥାର ପ୍ରକଳ୍ପ ପ୍ରବନ୍ଧକ ଓ କୃଷି ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମୀ ଉଦ୍ୟାନ କୃଷି ବିଭାଗର ମିଳିତ ତତ୍ତ୍ୱାବଧାନରେ ହିମାଚଳ ପ୍ରଦେଶରୁ ଷ୍ଟ୍ରେବେରୀ ଚାରା ଅଣାଯାଇ ଜାନୁଆରୀ ୧୦ ତାରିଖରେ ରୋପଣ କରାଗଲା ।ଏହାର ପ୍ରଥମ ପାଚିଲା ଫଳ ୨୦୨୩ ଫେବୃଆରୀ ୨୮ ତାରିଖରେ ବଜାରରେ ଉପଲବ୍ଧ ହେବା ପରେ ପ୍ରଥମ ପାଚିଲା ଫଳକୁ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡିଙ୍କୁ ଗ୍ରାମବାସୀ ଦ୍ୱାରା ପ୍ରଦାନ କରାଯାଇଥିଲା । ଚାଷର ସଫଳତା ଦେଖି ଏହାର ସଠିକ ବଜାରୀକରଣ କରିବାକୁ ଜିଲ୍ଲାପାଳ ବାରବୁଲିରେ ଉତ୍ପାଦିତ ଷ୍ଟ୍ରେବେରୀକୁ କଳାହାଣ୍ଡି ଫୁଡ଼ ଏଣ୍ଡ କ୍ରାଫ୍ଟ ଦ୍ୱାରା ବାଜାରୀକରଣ କରିବା ପାଇଁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓର ମାସ ଓ ମିଶନଶକ୍ତି ବିଭାଗକୁ ଦାଇତ୍ୱ ଦେଇଛନ୍ତି ।ଏହି ଚାଷର ସଠିକ ଉଦାହରଣ ହେଲେ ବାରବୁଲି ଗ୍ରାମର ଚାଷୀ ଓ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଲକ୍ଷାଧିକ ଟଙ୍କା ରୋଜଗାର କରିବା ପାଇଁ ଆଶା ରଖି ଷ୍ଟ୍ରେବେରୀ ବିକ୍ରି ଦ୍ୱାରା ପ୍ରାୟ ୨୫ ଲକ୍ଷ ଓ ଚାରା ବିକ୍ରୀ ଦ୍ୱାରା ୫ ଲକ୍ଷରୁ ଅଧିକ ଟଙ୍କା ଉପାର୍ଜନ କରିବାର ସମ୍ଭାବନା ରହି ଚାଷୀ ମଧ୍ୟ କିଛି ଲାଭବାନ ହେଉଥିଲେ ।ସତରେ କଳାହାଣ୍ଡି ଜିଲ୍ଲା ପ୍ରମାଣ କରି ଦେଇଥିଲା ଏହି ମାଟିରେ ଷ୍ଟ୍ରେବେରୀ ଭଳି ମୂଲ୍ୟବାନ ଫସଲ ଉତ୍ପାଦନ ସହିତ ଏହାକୁ ରୋଜଗାରର ମାଧ୍ୟମ ଭାବେ ପରିଣତ କରାଯାଇ ପାରେ ବୋଲି ।ଏହି ଷ୍ଟ୍ରେବେରୀ ଚାଷ ଦେଖିବା ପାଇଁ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ ଗାଁକୁ ଆସି ଗାଁ ବିକାଶର ବିଭିନ୍ନ ପ୍ରତିଶ୍ରୁତି ଦେଇଥିବା ବେଳେ ଏବେ ଯାଏଁ ରାସ୍ତା ଓ ପୋଲ ନିର୍ମାଣ ହୋଇପାରିନି ।ଏହା ପରେ ୨୦୨୩ ମସିହା ଜୁନ ମାସରେ କେନ୍ଦ୍ର ସରକାରଙ୍କ ଆଦିବାସୀ ମନ୍ତ୍ରାଳୟ ପକ୍ଷରୁ ଆଦିମ ଜନଜାତି ସମ୍ମିଳନୀରେ ମହାମହିମ ରାଷ୍ଟ୍ରପତି ଦ୍ରୁପତି ମୁର୍ମୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଷ୍ଟ୍ରେବେରୀ ଚାଷ କରି ଚର୍ଚ୍ଚାରେ ଥିବା ବାରବୁଲି ଗାଁର କର୍ଣ୍ଣ ମାଝୀଙ୍କୁ ନିଜେ ଉପହାର ପ୍ରଦାନ କରିଥିଲେ ।ଏହା ପରେ ବିକାଶର ଆଶା ଦେଖାଉଥିବା ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ ଧୀରେଧୀରେ ବାରବୁଲି ଗାଁକୁ ଭୂଲି ଗଲେ ।ବର୍ତ୍ତମାନ ଚାଷ କରିବା ପାଇଁ ଇଛାଶକ୍ତି ରହିଥିଲେ ମଧ୍ୟ ଚାରା ଆଣିବା ସେମାନଙ୍କ ପାଇଁ ସମ୍ଭବ ହେଉନଥିବା ବେଳେ ପ୍ରଶାସନ ପକ୍ଷରୁ ଯୋଗାଇ ଦେଉନାହାନ୍ତି ଚାରା ।ଏବେ ରଣ ବୋଝ ଆମ ଉପରେ ରହିଛି ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ଆଦିମ ଜନଜାତି ମହିଳାମାନେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି ।

# ତୁନଗାଁରେ ପାନୀୟ ଜଳ ସମସ୍ୟା

କୋକସରା, (ମହାଭାରତ) : କୋକସରା ବ୍ଲକ କନ୍ଧାବୁଟୁରା ଗ୍ରାମ ପଞ୍ଚାୟତର ତୁନଗାଁରେ ପାନୀୟ ଜଳ ସଂକଟ ଦେଖାଦେଇଛି । ଫଳରେ ପାଣି ମୁନ୍ଦେ ପାଇଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି । ଗ୍ରାମର କନ୍ଧାବୁଟୁରା ଯିବା ଛକରେ ଏକ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ରହିଛି । ଏହି ପାନୀୟ ଜଳ ପ୍ରକଳ୍ପ ଉପରେ ତୁନଗାଁ ଗ୍ରାମର ପଟେଲପଡା, ରଣାପଡା ଓ ଜଗନ୍ନାଥ ମନ୍ଦିରପଡ଼ାର ଲୋକେ ନିର୍ଭର କରିଥାନ୍ତି । ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଏହି ପ୍ରକଳ୍ପରୁ ପର୍ଯ୍ୟାପ୍ତ ପରିମାଣରେ ପାଣି ବାହାରୁ ନାହିଁ । ଘଣ୍ଟାଏ ଦୁଇ ଘଣ୍ଟା ଚାଲିଲେ ପାଣି ନିଅଣ୍ଟ ହେଉଛି । ଏମିତିକି ପାଣିରୁ ପୋକ ମଧ୍ୟ ବାହାରୁ ଥିବା ମହିଳା ମାନେ ପ୍ରକାଶ କରିଛନ୍ତି । ଯାହା ଫଳରେ ଗାଁ ଘୋର ପାନୀୟ ଜଳ ସଂକଟ ଦେଖାଦେଇଛି । ଏହି ୩ ପଡ଼ାର ପ୍ରାୟ ୭ଶହ ଲୋକ ଏହି ନଳକୂପ ଉପରେ ଭରସା କରିଥାନ୍ତି । ପାନୀୟ ଜଳ ସମସ୍ୟା ଦିଗରେ ପ୍ରଶାସନକୁ ଜଣାଇ ଆସୁଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଉ ନଥିବା ସରସ୍ୱତୀ ପଟେଲ, ଡାଳିମ୍ବ ରାଉତ, ମୁକ୍ତା ମଞ୍ଜୁରୀ ନାଏକ, ଇନ୍ଦ୍ରା ପୁଝାରୀ ସମେତ ଗାଁ ମହିଳା ମାନେ ଅଭିଯୋଗ କରିଛନ୍ତି । ଆଗକୁ ଜଳ ସମସ୍ୟାର ସମାଧାନ କରିବା ସହ ନିକଟରେ ଥିବା ନଳକୂପକୁ ମରାମତି କରିବା ପାଇଁ ଦାବି କରିଛନ୍ତି । ନଚେତ୍ ଆଗକୁ ଏହି ୩ ପଡାବାସୀଙ୍କ ପାଇଁ ଆହୁରି ଉତ୍କଟ ଜଳ ସମସ୍ୟା ଦେଖା ଦେବାର ଆଶଂକା ରହିଥିବା ଭଗବାନ ପଟେଲ, ଚମାର ପଟେଲ, ମଣ୍ଟୁ ନାଏକ, ପଦ୍ମମୁଖ ପଟେଲ, ହର ପ୍ରସାଦ ପୁଝାରୀ, ଅଭି ନାଏକ ପ୍ରମୁଖ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

# ବିଶିଷ୍ଟ ସାହିତ୍ୟିକ ସାଧକ ପଣ୍ଡିତ ନରସିଂହ ଗୌଡ଼ଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ୟୁଟେକ କମ୍ପ୍ୟୁଟର ଏଜୁକେସନ ସେଣ୍ଟରରେ ଏକ ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ତ୍ରିପତି ପ୍ରସାଦ ପଣ୍ଡା, ସେଞ୍ଚୁରିୟାନ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ ।ର ପ୍ରଫେସର ଡକ୍ଟର ଅନିତା ପାତ୍ର, ସୁରେଶ କୁମାର ସାହୁକାର ପ୍ରମୁଖ ମଞ୍ଚା ସିନ ଥିଲେ । ତ୍ରିପତି ପ୍ରସାଦ ପଣ୍ଡା ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ବିଶିଷ୍ଟ ସାରସ୍ୱତ ସାଧକ ପଣ୍ଡିତ ନରସିଂହ ଗୌଡଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା । ରେଭେନ୍ ସା ବିଶ୍ୱ ବିଦ୍ୟାଳୟ (କଟକ) ଦ୍ୱାରା ପ୍ରାପ୍ୟ ଡକ୍ଟରେଟ ଉପାଧି ଲାଭ କରିଥିବା ନରସିଂହ ଗୌଡଙ୍କୁ ପ୍ରଗତି ମହିଳା ସଂଗଠନ ତରଫରୁ ଉପଢୌକନ ଏବଂ ମେମଣ୍ଟ ପ୍ରଦାନ କରାଯାଇଥିଲା । ଏମ ଆପନା, ମନୋଜ ପଟ୍ଟନାୟକ, ଶରତ ପ୍ରଫୁଲ୍ଲ, ମାନସୀ ପଣ୍ଡା, ମୁରଲୀଧର ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱ ମାତୃ ଦିବସ ପାଳନ

ଗଜପତି, (ମହାଭାରତ) : ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ସ୍ଥାନୀୟ ୟୁ ଟେକ୍ କମ୍ପ୍ୟୁଟର ଏଡୁକେସନ ସେନଟର ଠାରେ ପ୍ରଗତି ମହିଳା ସଙ୍ଗଠନର ପଞ୍ଚମ ବାର୍ଷିକୀ ମହୋତ୍ସବ ଏବଂ ବିଶ୍ୱ ମାତୃ ଦିବସ ପାଳନ ହୋଇଯାଇଛି । ମୁଖ୍ୟ ଅତିଥି ପ୍ରଫେସର୍ ଡକ୍ଟର ଅନିତା ପାତ୍ର ରେଜିଷ୍ଟର୍ ସେଞ୍ଚୁରୀୟନ୍ ବିଶ୍ୱବିଦ୍ୟାଳୟ, ମୁଖ୍ୟବକ୍ତା ଭାବେ ସୁରେଶ କୁମାର ସାହୁକାର,ସମ୍ମାନିତ ଅତିଥି ରଞ୍ଜିତା ତ୍ରିପାଠୀ,ଉପସଭାପତି ଲୋକନାଥ ମିଶ୍ର, ଅନୁଷ୍ଠାନର ସଭାନେତ୍ରୀ କଳ୍ପନା ପଟ୍ଟନାୟକ, ସମ୍ପାଦିକା ତନୁଜା ଶତପଥୀ ପ୍ରମୁଖ ମଞ୍ଚାସିନ ଥିଲେ ।ପ୍ରାକ୍ତନ ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ବିଚିତ୍ରାନନ୍ଦ ବେବର୍ତ୍ତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଶଶୀ ରେଖା ମିଶ୍ର,ରତ୍ନମାଳା ପଟ୍ଟନାୟକ ରଞ୍ଜିତା ତ୍ରିପାଠୀ, ରମା ସ୍ୱାଇଁ, ଓ ରେଣୁ ବାଳକ୍ଷ ବେହେରାଙ୍କୁ ୨୦୨୫ ବର୍ଷର ଶ୍ରେଷ୍ଠ ମା ଭାବେ ସମ୍ବର୍ଦ୍ଧନା କରାଯାଇଥିଲା । ମା ହେଉଛି ଜୀବନ୍ତ ଭଗବାନ ତାଙ୍କର ବିକଳ୍ପ ନାହିଁ ତେଣୁ ସେଇ ମାଙ୍କୁ ପୂଜ୍ୟ ପୂଜା ଆସନରେ ଅଧିଷ୍ଠିତ କରାଯିବ ପ୍ରତ୍ୟେକ ସନ୍ତାନର ପବିତ୍ର କର୍ତ୍ତବ୍ୟ ବୋଲି ବକ୍ତା ମାନେ କହିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶୁଭଶ୍ରୀ ଭୁକ୍ତା ଅତିଥିଙ୍କୁ ସ୍ୱାଗତ କରି ଥିବାବେଳେ ପାୟଲ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ।ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ।ଏହି ଅବସରରେ ମାଆଙ୍କ ସମ୍ପର୍କରେ ପ୍ରାଥମିକ ଶ୍ରେଣୀ ଠାରୁ କଲେଜ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ହୋଇଥିଲା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଇତି ଶ୍ରୀ ମହାପାତ୍ର, ଲିଙ୍ଗରାଜ ପାଣିଗ୍ରାହୀ, ବିନୋଦିନୀ ବିଜ୍ଞାନ କଲେଜର ଅଧ୍ୟକ୍ଷ ମନୋଜ ପଟ୍ଟନାୟକ, ପ୍ରଫୁଲ୍ଲ, ମାନସୀ ପଣ୍ଡା ମୁରଲୀଧର ପରିଚ୍ଛା, ଭାଗବତ ପାଢ଼ୀ, ଅଞ୍ଜନା, ତିରୁପତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ରାଜେଶ୍ୱରୀ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ଭିଜିଲାନ୍ସ କମିଟିର ସଦସ୍ୟା ଭାବେ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ମନୋନୀତ

ପାରାଦୀପ/ଜଗତସିଂହପୁର, (ମହାଭାରତ) : ଜଗତସିଂପୁର ଜିଲ୍ଲାର ଜଣାଶୁଣା ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଙ୍କ ନିଷ୍ପାପର ସେବା କାର୍ଯ୍ୟ ଓ ଦକ୍ଷତାଆଧାରରେ ତାଙ୍କୁ ଜିଲ୍ଲା ଭିଜିଲାନ୍ସ କମିଟିର ସଦସ୍ୟା ଭାବେ ମନୋନୀତ କରାଯାଇଛି । ଏଥିପୂର୍ବରୁ ଶ୍ରୀମତୀ ଆଚାର୍ଯ୍ୟ ଜିଲ୍ଲା ଦୁର୍ନୀତି ନିବାରଣ କମିଟିର ସଦସ୍ୟା, ସମାଗୋଳ ଉପକାରାଗାରର ପର୍ଯ୍ୟବେକ୍ଷିକା ଏବଂ ବିବିଧ କ୍ଷେତ୍ରରେ ସଫଳତାର ସହ କାର୍ଯ୍ୟ କରିଆସୁଛନ୍ତି । ବ୍ୟାସ ଫାଉଣ୍ଡେସନର ଅଧକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ଦୈନନ୍ଦିନ ବିଭିନ୍ନ ସେବା କାର୍ଯ୍ୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଶ୍ରୀମତୀ ଆଚାର୍ଯ୍ୟଙ୍କ ସମେତ ଏହି ଭିଜିଲାନ୍ସ କମିଟିରେ ସୁଶ୍ରୀ ପ୍ରିୟଦର୍ଶିନୀ, ପ୍ରତାପ ଚନ୍ଦ୍ର ବେହେରା, ଦେବେନ୍ଦ୍ର କୁମାର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ମଲ୍ଲ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀ ମାନେ ରହିଛନ୍ତି । ଶ୍ରୀମତୀ ଆଚାର୍ଯ୍ୟଙ୍କ ଏହି ମନୋନୟନକୁ ଆଇନଜୀବୀ ସୁରେଶ ଚନ୍ଦ୍ର ଦାସ, ସଂଗ୍ରାମ ମନ୍ତ୍ରୀ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ସାରଳା ଗବେଷକ ରମାକାନ୍ତ ରାଉଳ, ସାରଦା ପ୍ରସନ୍ନ ଦାସ, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ଜଟାଧାରୀ ଷ୍ଟିଲର ସତ୍ୱାଧିକାରୀ ରଞ୍ଜନ କୁମାର ପ୍ରଧାନ, ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ଏବଂ ବ୍ୟାସ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ମାନେ ସ୍ୱାଗତ କରିବା ସହ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ରେଲୱେ ଟ୍ରାକରେ ଛିଣ୍ଡିଲା ଓଭରହେଡ୍ ତାର

ଭଦ୍ରକ, (ମହାଭାରତ) : ଭଦ୍ରକ ଷ୍ଟେସନ ନିକଟ ତାରିଣୀ ଫାଟକ ପାଖରେ ଅଘଟଣ । ରେଲୱେ ଟ୍ରାକରେ ଓଭରହେଡ ତାର ଛିଣ୍ଡିବା ସହିତ ସହ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଥିବା ସୂଚନା ମିଳିଛି । ଓଭରହେଡ୍ ତାର ଛିଣ୍ଡିବାରୁ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି । ଫଳରେ ଏକାଧିକ ଟ୍ରେନ ଅଟକିଥିବା ଜଣାପଡ଼ିଛି । ଭଦ୍ରକ, ବାଉଦପୁର ଓ ସୋର ଷ୍ଟେସନରେ ଟ୍ରେନଗୁଡ଼ିକ ଅଟକି ରହିଛି । ଘଣ୍ଟାଏରୁ ଅଧିକ ସମୟ ଧରି ଟ୍ରେନଗୁଡ଼ିକ ଅଟକି ରହିଥିବାବେଳେ ଯାତ୍ରୀମାନେ ହନ୍ତସନ୍ତ ହେଉଥିବା ଜଣାପଡ଼ିଛି ।

# ଦାଦାକୁ ହତ୍ୟା କରି ଫାଣ୍ଡିରେ ହାଜର ହେଲା ପୁତୁରା

କେନ୍ଦୁଝର, (ମହାଭାରତ) : କେନ୍ଦୁଝର ଜିଲ୍ଲା ସଦର ଥାନା ଶୁଆକାଠି ଫାଣ୍ଡି ଅନ୍ତର୍ଗତ ତଳକଇଁସାରି ଗାଁରେ ଅଭାବନୀୟ ଘଟଣା ଘଟିଛି । ଗତକାଲି ବିଳମ୍ବିତ ରାତିରେ ପାରିବାରିକ କଳହକୁ କେନ୍ଦ୍ର କରି ପୁତୁରା କବି ଦେହୁରୀ ନିଜ ଦାଦାକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି । ମୃତକ ହରି ଦେହୁରୀ ବୋଲି ଜଣାପଡିଛି ।ହତ୍ୟା କରିବା ପରେ କକାର ମୁଣ୍ଡକୁ ଧରି ଫାଣ୍ଡିରେ ହାଜର ହୋଇଛି ପୁତୁରା । ପୁତୁରାକୁ ପୁଲିସ ଗିରଫ କରିଥିବା ବେଳେ ଘଟଣାସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଏକ୍ସ କ୍ୟାଡର ଶିକ୍ଷକ ସଂଘ ଦ୍ୱାରା ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



କୁନ୍ଦୁରା,((ମହାଭାରତ ):-କୋରାପୁଟ ଜିଲ୍ଲା କୁନ୍ଦ୍ରା ବ୍ଲକ ସ୍ଥାନୀୟ ସାଗରଗୁଡ଼ା ସ୍ଥିତ ଶିକ୍ଷକ ଭବନ ଠାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏକ୍ସ କ୍ୟାଡର ସଙ୍ଘ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷକ ସଙ୍ଘ ସଭାପତି ତ୍ରିନାଥ ହରିଜନ, ସନମାନୀୟ ଅତିଥି ଭାବରେ ବ୍ଲକଶିକ୍ଷକ ସଙ୍ଘ ସଭାପତି ତ୍ରିନାଥ ପଣ୍ଡା, ସମ୍ପାଦକ କେ କ୍ରିଷ୍ଣା ମୋହନ ରାଓ, ଜିଲ୍ଲା ଏକ୍ସକ୍ୟାଡ଼ର ସଭାପତି ସନାତନ ବିଶୋଇ, ବ୍ଲକ ସଭାପତି ରତ୍ନାକର କମାର ବ୍ଲକ ଶିକ୍ଷକ ସଙ୍ଘ ଉପସଭାପତି ପ୍ରମିଳା ଜାଲି, ସି ଆର୍ ସି ସି ବିନାୟକ ପଣ୍ଡା, ଶିକ୍ଷକ ତୁଳା ମିନାରବାଲିଆ, ଲକ୍ଷ୍ମୀ ସମରଥ ପ୍ରମୂଖ ମଞ୍ଚାସୀନ ଥିଲେ । ଏ ଅବସରରେ ଅବସରପ୍ରାପ୍ତ ଶିକ୍ଷକ ହରିଶ୍ଚନ୍ଦ୍ର ହୋତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ।ଆଜିର କାର୍ଯ୍ୟକ୍ରମକୁ ଶିକ୍ଷକ ସୁଜିତ ସାହୁ, ଭକ୍ତ ନାୟକ, ରାକେଶ ଚନ୍ଦ୍ର ଗୁରୁ ପରିଚାଳନା କରିଥିଲେ ଓ ସମସ୍ତ ଏକ୍ସ କ୍ୟାଡର ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

## ବେଆଇନ ଡଙ୍ଗାରେ ଏରେଣ୍ଡେଇ ବାଲି ଘାଟ ରୁ ବାଲି ଉଠାଣ କୁ ଗ୍ରାମବାସୀ ତଦନ୍ତ ଦାବି



ପାଟଣା:-(ମହାଭାରତ) ବେଆଇନ ଭାବେ ନଦୀ ଗଭୀର ଡଙ୍ଗା ରେ ବାଲି ବାହାର କୁ ଚାଲାଣ ହେଉ ଛି । ଯେଉଁଠି ସ୍ଥାନୀୟ ଲୋକେ ଚଢ଼ା ଦରରେ ବାଲି କିଣିବାକୁ ପଡୁ ଛି । ଏପରି ଦୃଶ୍ୟ ବେଆଇନ ଡଙ୍ଗାରେ ବାଲି ଚାଲାଣ କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅନ୍ତର୍ଗତ ଏରେଣ୍ଡେଇ ପଞ୍ଚାୟତ ଅଧିନସ୍ଥ ଏରେଣ୍ଡେଇ ବାଲି ଘାଟରେ ଦେଖିବାକୁ ମିଳିଛି । ବାଲି ଘାଟରେ ବେଆଇନ ଭାବେ ଡଙ୍ଗା ମଧ୍ୟରେ ମେସିନ ସାହାଯ୍ୟରେ ବାଲି ଉଠାଣ କରା ଯାଉଥିବା ଦେଖିବାକୁ ମିଳିଛି ।ଏହି ବାଲି ଘାଟ ଟି ୫ବର୍ଷ ପାଇଁ ତହସିଲ ରୁ ଲିଜି ଆକାର ରେ ୨୦୨୦ ସେପ୍ଟେମ୍ବର ୪ରୁ ଆରମ୍ଭ ହୋଇ ୨୦୨୫ ସେପ୍ଟେମ୍ବର ୪ତାରିଖ ପର୍ଯ୍ୟନ୍ତ ରହିଛି । ଏହି ବାଲି ଘାଟ ର ତହସିଲ ଖାତା ନଂ୩୫୬ ପ୍ଲଟ ନଂ ୧୫୧୩/୧ ମଧ୍ୟରେ କ୍ଷେତ୍ର ଫଳ ୨ଏକକ ୯୦ଡିସିମିଲ ରହିଛି । ଖଣି ଓ ରାଜସ୍ୱ ବିଭାଗ ର ନିୟମ ଅନୁସାରେ ବାଲି ଘାଟ ରୁ ଡଙ୍ଗା ସାହାଯ୍ୟ ରେ ବାଲି ଉଠାଯିବା ନିୟମ ନ ଥିବା ବେଳେ ଯାହା କି ଏହା ବେଆଇନ ଭାବେ ବାଲି ଘାଟ ରୁ ବାଲି ଉଠାଯାଉ ଥିବା ଏରେଣ୍ଡେଇ ଅ□ଳ ବାସୀ ଅଭିଯୋଗ ଆଣି ଛନ୍ତି । ସରକାରୀସ୍ତରେ ଏହା ତଦନ୍ତ କରାଯିବାକୁ ସହ କାର୍ଯ୍ୟାନୁଷ୍ଠାନ ବୃଦ୍ଧିଜୀବୀ ମହଲ ଦାବି କରିଛନ୍ତି ।

## ଡାହୁକା ସେତୁ ନିର୍ମାଣ ରେ ଅହେତୁକ ବିଳମ୍ବ

# ପୂର୍ତ୍ତ ବିଭାଗ ଓ ଠିକାଦାର ଙ୍କ ମନମନି ପାଇଁ ବିପଦ ସଙ୍କୁଳ ଭାବେ ଯାତାୟତ କରୁଛନ୍ତି ଲୋକେ




ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା ର ନୟାଗଡ଼ ରୁ ଖଣ୍ଡପଡ଼ା ଯିବାକୁ ଥିବା ରାସ୍ତାରେ ଡାହୁକା ନଦୀର ପୁରୁଣା ସେତୁ ଦେଇ ଯାତାୟତ କରିବାକୁ ପଡୁଛି । ଯାହାକି ସେତୁ ଟି ଏବେ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ରହିଛି । ଦୀର୍ଘ ୫ ବର୍ଷ ତଳୁ ଏହି ଡାକୁହା ନଦୀ ରେ ନୂତନ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ତାହା ସରିବାର ନାଁ ଧରୁନି । ପ୍ରଥମେ ସେତୁ ର ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା ଅଧାରୁ କାମ ଛାଡ଼ି ଚାଲିଯିବା ପରେ ପୁନଃ ଟେଣ୍ଡର କରାଯାଇ ନୂଆ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ପୂର୍ତ୍ତ ବିଭାଗ ପକ୍ଷରୁ ଏହାର ନିର୍ମାଣ କରାଯାଉଥିବା ବେଳେ ଅଧିକାରୀଙ୍କ ଅବହେଳା ପାଇଁ ଠିକାସଂସ୍ଥା ମଧ୍ୟ ମ୍ୟର ଗତିରେ ନିର୍ମାଣ କରୁଛି । ଗତବର୍ଷ ଠାରୁ ନୂଆ ଠିକାସଂସ୍ଥା କାମ ଆରମ୍ଭ କରିଥିବା ବେଳେ ୨୦୨୪ ମେ ମାସ ସୁଦ୍ଧା ଏହା ଶେଷ ହେବାକୁ ଲକ୍ଷ ରଖାଯାଇଥିଲା । କିନ୍ତୁ ଏବେ ୨୦୨୫ ଜୁନ ମାସ ଶେଷ ହେବାକୁ ବସିଥିବା ବେଳେ ନିର୍ମାଣ କାମ ୩୦% ପ୍ରତିଶତ ଶେଷ ହୋଇନଥିବା ଦେଖାଯାଇଛି । ଏପଟେ ପୁରୁଣା ସେତୁ ତଥା ପୋତାଶଙ୍ଗ ଟି ଅତ୍ୟନ୍ତ ଦୁର୍ବଳ ହୋଇ ପଡିଛି ଯେ ଏକ ବଡ଼ ଧରଣର ବନ୍ୟା ହେଲେ ତାହା ଭୁଶୁଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି । ନୟାଗଡ଼ ସହରଠାରୁ ଖଣ୍ଡପଡ଼ା ରୋଡ ଦେଇ ଗଲା ବେଳେ ନୟାଗଡ଼ ସହର ଠାରୁ ମାତ୍ର ୪ କି.ମି. ଦୁରରେ ପଡ଼େ ଡାହୁକା ସେତୁ । ଏହି ସେତୁ ଦେଇ ନୟାଗଡ଼ ବ୍ଲକ୍ ର ବିଭିନ୍ନ ପଞ୍ଚାୟତ ର ରାସ୍ତା ସଂଯୋଗ ହୋଇଥିବା ବେଳେ ଖଣ୍ଡପଡ଼ା ରୁ ନୟାଗଡ଼ ସହରକୁ ଆସିବା ପାଇଁ ଏହି ସେତୁ ଟି ମୁଖ୍ୟ ଭୂମିକା ନିଭାଇଥାଏ । ଏହି ସେତୁ ଦେଇ ଦୈନିକ ହଜାର ହଜାର ସଂଖ୍ୟାରେ ଯାନବାହାନ ଯିବା ଆସିବା କରୁଛି । ପୁରୁଣା ସେତୁ ଟିର ଦୀର୍ଘ ଦିନ ହେବ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ରହିଛି । ପୁରୁଣା ସେତୁ ଟି ଖୋଳି ହୋଇ ଲୁହା ରଡ଼ ଦେଖାଗଲାଣି । ଏହି ସେତୁ ଦେଇ କେବଳ ଖଣ୍ଡପଡ଼ା ଯିବା ଆସିବା ନୁହେଁ ବରଂ କଟକ ଜିଲ୍ଲା ର ବଡମ୍ବା ଓ ନରସିଂହପୁର ଲୋକେ ଯାତାୟତ କରୁଛନ୍ତି । କିଛି ଉପାୟ ନପାଇ ନିଜ ଜୀବନକୁ ପାଣି ଛଡାଇ ବିପଦ ସଙ୍କୁଳ ଅବସ୍ଥାରେ ଲୋକମାନେ ଏହି ସେତୁ ଦେଇ ଯିବା ଆସିବା କରିବାକୁ ବାଧ ହେଉଛନ୍ତି । ଯାତାୟାତର ସୁବିଧା ପାଇଁ ଏହି ସେତୁର କଡ଼ରେ ପାଞ୍ଚ ବର୍ଷ ପୂର୍ବେ ନୂତନ ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦.୪୭ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛ । ୬ଟି ପିଲର୍ ଦ୍ୱାରା ସୁଉଚ୍ଚ ସେତୁ ନିର୍ମାଣ ଲକ୍ଷ୍ୟ ରଖାଯାଇଛି । କିନ୍ତୁ ଲକ୍ଷ୍ୟ ସାସ୍ତ ହେବାରେ ଅହେତୁକ ବିଳମ୍ବ ଦେଖିବାକୁ ମିଳୁଛି । ପୂର୍ତ୍ତ ବିଭାଗ ପକ୍ଷରୁ ଗତବର୍ଷ ମାର୍ଚ୍ଚ ମାସରୁ ନୂଆ ଠିକାସଂସ୍ଥା କାମ ଆରମ୍ଭ କରିଛି । ୬ ଟି ପିଲର୍ କାର୍ଯ୍ୟ ମଧ୍ୟରୁ ଦୁଇଟି ଶେଷ ହୋଇଥିବା ବେଳେ ୪ଟି ଅଧାଅଧୁରା ଅବସ୍ଥାରେ ରହିଛି । ଏଥିସହ ସେତୁ ନିର୍ମାଣ ଲାଗି ଆବଶ୍ୟକ ଜମି ଅଧିଗ୍ରହଣ ମଧ୍ୟ ହୋଇପାରୁନଥିବା ଜଣାପଡ଼ିଛି । ସେତୁ ର ଉଭୟ ପାର୍ଶ୍ୱର୍ ସଂଲଗ୍ନ ରାସ୍ତା ପାଇଁ ଆବଶ୍ୟକ ଜମି ବିଭାଗ ହାତକୁ ଆସି ନାହିଁ । ସେତୁ ନିର୍ମାଣ ବାବଦକୁ ୧.୪୩ ଏକର ଜମି ଚିହ୍ନଟ ହୋଇଥିଲେ ମଧ୍ୟ ସମସ୍ତ ଜମି ପୂର୍ତ୍ତ ବିଭାଗ ହାତକୁ ଆସିପାରିନଥିବା ଜଣାପଡ଼ିଛି । ଯାହାଦ୍ୱାରା ନିର୍ମାଣ କାର୍ଯ୍ୟ ମ୍ୟର ଗତିରେ ଚାଲିଛି । ଫଳରେ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳୁଛି । ନୟାଗଡ଼ ବ୍ଲକ୍ ସହ ଖଣ୍ଡପଡ଼ା, ଭାପୁର, ଗଣିଆ ବ୍ଲକ୍ ଏବଂ କଟକ ଜିଲ୍ଲା ରୁ ନୟାଗଡ଼ ସହର କୁ ଆସିବା ପାଇଁ ବଡ଼ମ୍ବା ଓ ନରସିଂହପୁର ବ୍ଲକ୍ ଭଳି ଅଞ୍ଚଳରୁ ଲୋକ ମାନେ ଏହି ସେତୁ ଉପରେ ଜାଆ ଆସ କରିବା ପାଇଁ ନିର୍ଭର କରୁଛନ୍ତି । ଭୁବନେଶ୍ୱରର ଏକ ସଂସ୍ଥା ସେତୁର ନିର୍ମାଣ ଦାୟିତ୍ୱ ନେଇଥିବା ବେଳେ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ଲୋକମାନେ ପ୍ରତିଦିନ ବିପଦସଙ୍କୁଳ ଅବସ୍ଥାରେ ପୁରାତନ ସେତୁ ଦେଇ ଯିବା ଆସିବା କରୁଛନ୍ତ । ତୁରନ୍ତ ଯୁଦ୍ଧ କାଳୀନ ଭିତ୍ତିରେ ସେତୁ ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।

## ଆସିକାରେ ମାଳ ମାଳ ସୁଧ ବ୍ୟାପରୀ ଋଣ କିସ୍ତି ସୁଝି ନପାରି ଗରିବ ଲୋକ ନିର୍ଯାତିତ !



ଆସିକା,(ମହାଭାରତ) :- ବିଗତ କିଛି ବର୍ଷ ହେଲା ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ କେତକ ଯୁବକ ଗରିବ ଲୋକଙ୍କୁ ପ୍ରଥମେ ଟଙ୍କା ଦେଇଥାନ୍ତି ପରେ ଚଢ଼ା ଦରରେ ସେମାନଙ୍କୁ ଡରାଇ ଧମକାଇ ମୂଳ ଟଙ୍କା ଠାରୁ ଢେର ଅଧିକ ଟଙ୍କା ସୁଧ ଭାବରେ ଆଦାୟ କରିଥାନ୍ତି ।ଏହି ମାନଙ୍କ ଠାରୁ ଋଣ ଆଣି ବହୁ ଗରିବ ଖଟିଖିଆ ଦିନ ମଜୁରିଆ ଙ୍କ ଠାରୁ ଆରମ୍ଭ କରି ମଧ୍ୟବିତ୍ତ ଶ୍ରେଣୀର ଲୋକ ତଳିତଳାନ୍ତ ହେବାକୁ ବସିଲେଣି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଅଭିଯୋଗ ଜୋର୍ ଧରିଛି । ପ୍ରଥମେ ଏମାନେ ଟଙ୍କା ଦେଇଥାନ୍ତି ପରେ ସେହି ଗୋଷ୍ଠୀର ସଦସ୍ୟ ମାନଙ୍କ ଠାରୁ ସାପ୍ତାହିକ, ପାକ୍ଷିକ ଓ ମାସିକ ଧାର୍ଯ୍ୟ ଦିନରେ ସୁଧମୂଳ ସହ କିସ୍ତି ଅନୁଯାୟୀ ନିଜ ନିଜ ସଂସ୍ଥାମାନଙ୍କ ଏଜେ□ ମାନଙ୍କ ଜରିଆରେ ଅର୍ଥ ଆଦାୟ କରିଥାନ୍ତି । ତେବେ କିସ୍ତି ଅନୁଯାୟୀ ଠିକ୍ ସମୟରେ କୌଣସି କାରଣରୁ ପରିଶୋଧ କରିବାରେ ବିଳମ୍ବ ହେଲେ ବିଭିନ୍ନ ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଋଣଦାତା ମାନେ ଋଣୀଦାରଙ୍କ ଘର ନିକଟରେ ପହଞ୍ଚି ନିର୍ଦ୍ଦିଷ୍ଟ ତାରିଖ ଓ ସମୟରେ କିସ୍ତି ଟଙ୍କା ଦେବା ପାଇଁ ଧମକ ଚମକ ଦେଉଥିବା ସହ ମାଡ଼ ମାରୁଥିବା ମଧ୍ୟ ଅଭିଯୋଗ ହେଉଛି । ଆସିକା ଅଞ୍ଚଳର ବହୁ ଗରିବ ଓ ଖଟିଖିଆ ମାନଙ୍କୁ କେତେକ ସୁଧ ବ୍ୟାପରୀ ଟାର୍ଗେଟ୍ କରି ପୂର୍ବରୁ ଆବଶ୍ୟକୀୟ ଆଧାର କାର୍ଡ ଓ ଫଟୋ ପରିଚୟ ପତ୍ର, ଖାଲି ଚେକ ସଂଗ୍ରହ କରିବା ସାଙ୍ଗକୁ ଇଂରାଜୀରେ ଲିଖିତ ଅନେକ ଦସ୍ତାବିଜରେ ଦସ୍ତଖତ କରିନେଉଥିବା ଅଭିଯୋଗ ହେଉଛି । ଋଣ ପରିଶୋଧ ସମୟରେ କେତେକ ମହିଳା ଗୋଷ୍ଠୀ ନାନା ସମସ୍ୟାର ସମ୍ମୁଖୀନ ହେବା ସାଙ୍ଗକୁ ମୋଟା ରକମର ସୁଧ ଗଣି ତଳିତଳାନ୍ତ ହେଉଥିବା ଏକ ଅନୁସନ୍ଧାନରୁ ଜଣାପଡିଛି । ତେଣୁ ଏହି ବେଆଇନ ଅର୍ଥ ଲଗାଣକାରୀ ବ୍ୟକ୍ତି ବିଶେଷ ଉପରେ ସ୍ଥାନୀୟ ପ୍ରଶାସନ ଲଗାମ ଲଗାଇବା ସହ ସେମାନଙ୍କ ନିକଟରେ ଋଣ ପ୍ରଦାନ କରିବା ପାଇଁ ଉଚିତ କାଗଜ ପତ୍ର ଅଛି କି ନାହିଁ ? ସେମାନେ ଏହା ପ୍ରତିବଦଳରେ ସରକାର ଙ୍କୁ ଠିକ ଭାବେ ଟିକସ ପ୍ରଦାନ କରୁଛନ୍ତି କି ନାହିଁ ତାହା ତଦାରଖ କରିବା ସହ ସେମାନଙ୍କ ଉପରେ ନିୟନ୍ତ୍ରଣ ରଖବା ପାଇଁ ସରକାର ଏକ ଆଇନ ଆଣିବା ଜରୁରୀ ବୋଲି ସଚେତନ ନାଗରିକ ମହଲରେ ଦୃଢ ଦାବି ହେଉଛି ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତପକ୍ଷ ତୁରନ୍ତ ଧ୍ୟାନ ଦେଇ ଗରିବ, ଅଶିକ୍ଷିତ ଓ ଖଟିଖିଆ ମହିଳାଓ ପୁରୁଷ ମାନଙ୍କ ବୃହ□ର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ସୁଧ ବ୍ୟବସାୟୀ ମାନେ ଭାରତୀୟ ରିଜର୍ଭ ବ୍ୟାଙ୍କର ନୀତିନିୟମ ଅନୁଯାୟୀ କାରବାର କରୁଛନ୍ତି କି ନାହିଁ ତାହାରି ଉପରେ ଏକ ଉଚ୍ଚସ୍ତରୀୟ ଯାଞ୍ଚ କରିବା ଦିଗରେ ପଦକ୍ଷେପ ନେବାକୁ ସଚେତନ ନାଗରିକ ବୁଦ୍ଧିଜୀବୀଓ ବିଭିନ୍ନ ମହଲରେ ଦୃଢ ଦାବି ହେଉଛି ।

## ଏକବିଂଶ ଶତାବ୍ଦୀ ରେ ବଞ୍ଚିଛି ଆଧୁନିକତା କିନ୍ତୁ ହଜିନି ସାହିତ୍ୟ

ଅସ୍ତରଙ୍ଗ(ମହାଭାରତ):- ଅସ୍ତରଙ୍ଗ ସ୍ଥିତ ମା ଜାଗୁଳେଇ ପଡିଆ ରେ ଆମ ଓଡିଶା ଅସ୍ତରଙ୍ଗ ସାହିତ୍ୟ ଘର ତରଫରୁ ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛ । ଉପସଭାପତି ରବୀନ୍ଦ୍ରନାଥ ମହାନ୍ତି ପୌରୋହିତ୍ୟରେ ସଭାକାର୍ଯ୍ୟ ରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଅରୁଣ କୁମାର ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ କାକଟପୁର ମଙ୍ଗଳା ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡ଼ଃ ସନ୍ତୋଷ କୁମାର ମିତ୍ର, ସମ୍ମାନିତ ଅତିଥି ଭାବେ ଅସ୍ତରଙ୍ଗ ମହାବିଦ୍ୟାଳୟ ର ପୂର୍ବତନ ଅଧକ୍ଷ ଉପେନ୍ଦ୍ରନାଥ ବିଶ୍ୱାଳ, ଡ଼ଃ ସିଦ୍ଧାର୍ଥଶଙ୍କର ମହାନ୍ତି, ସାହିତ୍ୟ ଘର ଉପଦେଷ୍ଟା ଅମୀୟ କୁମାର ପଟ୍ଟନାୟକ, ସମାଜସେବୀ ଦିବାକର ଛାଟୋଇ, ବ୍ଲକ ଉପାଧକ୍ଷ ଦୁଃର୍ଜ୍ଜୟ ମିଶ୍ର, ସ୍ଥାନୀୟ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଶିଶୁ କବି ପର୍ଶୁରାମ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ, ପ୍ରଥମେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଫୋଟୋ ନିକଟରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇ ରାଷ୍ଟ୍ରୀୟ ସଙ୍ଗୀତ ଗାନ ସହ ଅପେରସନ ସିନ୍ଦୁର ର ସଫଳତା ପାଇଁ ଭାରତ ସରକାରଙ୍କ ଦୀର୍ଘାୟୁ କାମନା ପାଇଁ ପାର୍ଥନା କରାଯାଇଥିଲା, ଶିଶୁ ସାହିତ୍ୟକ କବି ପର୍ଶୁରାମ ସ୍ୱାଇଁ ଙ୍କ ପୁସ୍ତକ, ଅସ୍ତରଙ୍ଗ ମୁଣ୍ଡୀହଟା ଗ୍ରାମ ର କବିବର ସ୍ୱର୍ଗତ ଅଦୈତ ଚରଣ ମହାନ୍ତି ଙ୍କ ସ୍ମରଣେ ଅନ୍ୟ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା, ଏହି ଅବସରରେ ଉପସ୍ଥିତ ଅତିଥି ବୃନ୍ଦ ଆମ ସାହିତ୍ୟ, କଳା ସଂସ୍କୃତି ଓ ଆମ ପରମ୍ପରା ଉପରେ ହୃଦୟସ୍ୱର୍ଶୀ ଉଦବୋଧନ ଦେଇଥିଲେ, ଆଲୋଚନା ରେ ସାହିତ୍ୟ ର ଉଦୟ ଅଛି ମାତ୍ର ଅସ୍ତ ନାହିଁ , ସାହିତ୍ୟ ଅମର ଓ ସମାଜ ରେ ଅପସଂସ୍କୃତି ର କଳା ବାଦଲ ଢାଙ୍କିବା ସେ କହିଥିଲେ, ଆଧୁନିକତା ର ବୃଦ୍ଧି ହୋଇଛି କିନ୍ତୁ ସାହିତ୍ୟ ହଜିନି ଆଉ ଏହାକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ପରବର୍ତ୍ତୀ ପିଢୀ ଦାୟିତ୍ୱସମ୍ପନ୍ନ ହେବାକୁ ପରାମର୍ଶ ମଧ୍ୟ ଦେଇଥିଲେ । ଅଧିବେଶନ ରେ ସାହିତ୍ୟ ଘର ସଦସ୍ୟ ଯଥା ରବୀନ୍ଦ୍ର ମହାନ୍ତି, ରବୀନ୍ଦ୍ର ସାମନ୍ତରାୟ, ବିଜୟ କୁମାର ବିଶ୍ୱାଳ, କାଳନ୍ଦୀ ଚରଣ ଛାଟୋଇ ଓ ଅନ୍ୟ ସଭ୍ୟ ସଭ୍ୟା ମାନେ ହୃଦୟ ସ୍ୱର୍ଶୀ କବିତା ପାଠ କରିଥିଲେ । ଉପସ୍ଥିତ ଛାତ୍ରୀ ମାନେ ଆମ କଳା ସଂସ୍କୃତି କୁ ନେଇ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ, ୨୦୨୩-୨୪ ମସିହା ରେ ହାଇସ୍କୁଲ ରେ ବ୍ଲକ ସ୍ତରୀୟ ଚାମ୍ପିୟାନ ଉତୀର୍ଣ୍ଣ ଛାତ୍ରଛାତ୍ରୀ ଓ ୯ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧନା କରାଯାଇଥିଲା, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଙ୍କୁ ଉତ୍ତମ ସେବା ପାଇଁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା । ବ୍ଲକ ସ୍ତରୀୟ ସାହିତ୍ୟ ଘର ର ବକ୍ତୃତା, କବିତା ଆବୃତ୍ତି ଓ ନୃତ୍ୟଗୀତ ପ୍ରତିଯୋଗିତା ରେ କୃତୀ ହାସଲ କରିଥିବା ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା, ସାହିତ୍ୟଘର ର ସଂଗଠନ ସମ୍ପାଦକ ସତ୍ୟବ୍ରତ ଲେଙ୍କା, ସଂଯୋଜକ ବିପିନ ବିହାରୀ ଦାସ, ଉପଦେଷ୍ଟା ନଟକିଶୋର ମହାନ୍ତି, ତପନ ସାହୁ, ନାରାୟଣ ବାରିକ, ସ୍ମୃତି ରଞ୍ଜନ ସ୍ୱାଇଁ, ସନ୍ତୋଷ ନାୟକ, ବିଜୟ ବିଶ୍ୱାଳ, ଅକ୍ଷୟ ମୁଦୁଲୀ, କୋଷାଧକ୍ଷ ରମେଶ ଚନ୍ଦ୍ର ସ୍ୱାଇଁ, ଦିବାକର ନାୟକ ପ୍ରମୁଖ ଯୋଗ ଦେବା ସହ ଅସ୍ତରଙ୍ଗ ର ପ୍ରତିଷ୍ଠିତ ସବୁଜଶାଖା ଅନୁଷ୍ଠାନ ସମସ୍ତ ବୃନ୍ଦ ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ରହି ପୂର୍ଣ୍ଣମାତ୍ରା ରେ ସହଯୋଗ କରିଥିବାରୁ ଅନୁଷ୍ଠାନ ପକ୍ଷ ରୁ ସେମାନଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା ।

## କାର୍ଯ୍ୟକ୍ଷମ ହେଲା ବି ଏସ ଏନ୍ ଏଲ ଟାୱାର

ଗଣିଆ (ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ ଛାମୁଣ୍ଡିଆ ଗ୍ରାମ ସମେତ ଆଖପାଖ ୧୦/୧୨ ଟି ମୌଜାରେ ନେଟୱାର୍କ ନଥିବା ଯୋଗୁଁ ଅଂଚଳବକ୍ଷସୀ ଦୂର ସଂଚାର ମାଧ୍ୟମରେ ବାର୍ତ୍ତାଳାପ କରିବା ଓ ଓ ଅନଲାଇନ୍ ରେ ଛାତ୍ର ଛାତ୍ରୀ ମାନେ ଶିକ୍ଷା ଗ୍ରହଣ କରିବା ଆଦି କାର୍ଯ୍ୟ କରିବା ରେ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା ।ଏ ନେଇ ଅଂଚଳ ବାସୀଙ୍କ ତରଫରୁ ବାରମ୍ବାର ଅଭିଯୋଗ ପରେ ଛାମୁଣ୍ଡିଆ ଗ୍ରାମରେ ବିଭାଗୀୟ ଅଧିକାରୀ ଙ୍କ ଦ୍ୱାରା ବହୁଦିନ ପୁର୍ବରୁ ଏକ ଟାୱାର ନିର୍ମାଣ କରାଗଲା ହେଲେ , ମାତ୍ର ନିର୍ମାଣ କରାଯାଇ ବର୍ଷ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହାର କାର୍ଯ୍ୟକ୍ଷମ ହେଉନଥିବା ଯୋଗୁଁ ଜନସାଧାରଣ ନାହି ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ । ବହୁ ଦିନ ଅପେକ୍ଷା ର ଅନ୍ତ ଘଟି ଗତ ଶନିବାର ଦିନ ଉକ୍ତ ବି ଏସ ଏନ୍ ଏଲ ଟାୱାର ଟି ବିଭାଗୀୟ ଉପଖଣ୍ଡ ଅଧିକାରୀ ସମିର କୁମାର ଦଳେଇ ଙ୍କ ଉପସ୍ଥିତି ରେ କାର୍ଯ୍ୟକ୍ଷମ କରାଯାଇଥିଲା । ନେଟୱାର୍କ ସକ୍ଷମ ହେବାପରେ ଅଂଚଳ ବାସୀ ଖୁସୀ ଅନୁଭବ କରି ଥିଲେ ।

## ସେବା ନିବୃତ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନା ସମାରୋହ



ପାରଳାଖେମୁଣ୍ଡି(ମହାଭାରତ) : ନୃସିଂହନାଥ ଫଙ୍କସନ ହଲ୍ , କରଣ ସାହି ,ପାରଳାଖେମୁଣ୍ଡି ସ୍ଥିତ ବର୍ଣ୍ଣାଢ୍ୟ ପ୍ରକୋଷ୍ଠ ମଧ୍ୟରେ ଶ୍ରୀ ଶଶି ଭୂଷଣ ପଟ୍ଟନାୟକଙ୍କ ଅବସର କାଳୀନ ବିଦାୟ ସମ୍ମାନାର୍ଥେ ଏକ ସ୍ମୃତି ସଂଧ୍ୟା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ଶ୍ରୀ ଶଶି ଭୂଷଣ ପଟ୍ଟନାୟକଙ୍କ ଶିକ୍ଷକତାର କାର୍ଯ୍ୟକାଳ ମଧ୍ୟରେ ତାଙ୍କ ଦ୍ୱାରା ପ୍ରଦର୍ଶିତ ନିଷ୍ଠା , ପ୍ରତିବଦ୍ଧତା , ମୌଳିକ ଶିକ୍ଷାର ସମୃଦ୍ଧି ପାଇଁ ଅବଦାନ , ଶିଶୁ ଶିକ୍ଷାର ଉନ୍ନତି ନିମନ୍ତେ ତାଙ୍କ ଅଭିନବ ଶୈଳୀରେ ଶିକ୍ଷାଦାନ ଓ ତାଙ୍କ ସାହିତ୍ୟ କବିତା ରଚନାର ସଂପୃକ୍ତି ସମ୍ବନ୍ଧରେ ବିସ୍ତୃତ ଦିଗ ଗୁଡ଼ିକ ଆଲୋଚନା ଓ ପ୍ରଶଂସା କରାଯାଇଥିଲା । ଏହି ସଭାରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶ୍ରୀ ବିଚିତ୍ରାନନ୍ଦ ବେବର୍ତ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ପାରଳାଖେମୁଣ୍ଡିର ସରସ୍ୱତୀ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସରୋଜ କୁମାର ପଣ୍ଡା ଓ ବରିଷ୍ଠ ବିଜ୍ଞାନ ଶିକ୍ଷକ ଶ୍ରୀ ହରିନାଥ ପାତ୍ର ସଭାପତିତ୍ୱ ଗ୍ରହଣ କରି ଶଶି ଭୂଷଣ ପଟ୍ଟନାୟକମୌଳିକ ଶିକ୍ଷା ବ୍ୟବସ୍ଥାର ଜଣେ ପ୍ରବୀଣ ଓ ଦକ୍ଷ ଶିକ୍ଷକ ଯାହାର ଆଦର୍ଶ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ବୋଲି ନିଜ ନିଜ ବକ୍ତବ୍ୟ ରଖିବା ସହ ଏହା ଏକ ପବିତ୍ର କାର୍ଯ୍ୟ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟାନ୍ୟ ବରିଷ୍ଠ ଶିକ୍ଷକ ମାନଙ୍କ ମଧ୍ୟରେ ମନୋଜ କୁମାର ପଣ୍ଡା , ରମାକାନ୍ତ ପଟ୍ଟନାୟକ , ସୁନିତା ମହାରଣା , ହରେକୃଷ୍ଣ ମିଶ୍ର , ବବିତା ପୁରୋହିତ , ବିନୋଦିନୀ ଭୁକ୍ତା , ଶୈଳବାଳା ସାହୁ , ପ୍ରମୋଦ ରଥ , ସୁଜାତା ନନ୍ଦ , ବବିତା ପୁରୋହିତ , ଲକ୍ଷ୍ମୀ ନାରାୟଣ ମିଶ୍ର ଓ ବହୁ ଶିକ୍ଷକ କୃତୀ ଶିକ୍ଷକ ଶଶି ଭୂଷଣ ପଟ୍ଟନାୟକଙ୍କ ଆତ୍ମିୟତା ଓ ପାରଦର୍ଶିତା , ଆଦର୍ଶ ଗୁଣାବଳୀ ସଂକ୍ରାନ୍ତରେ ତଥ୍ୟ ଉପସ୍ଥାପନା କରିଥିଲେ । ଶ୍ୟାମ ସୁନ୍ଦର ଗନ୍ତାୟତ ସମସ୍ତ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିବା ବେଳେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଓ ପୂର୍ଣ୍ଣଚନ୍ଦ୍ର ପାଲକା ସୌମ୍ୟ ରଞ୍ଜନ ନାୟକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେୟ ଏହାର ଆୟୋଜନ ସୁବନ୍ଦୋବସ୍ତ ଥିବା ବେଳେ ସାଂଗଠନିକ ଦାୟିତ୍ୱରେ ଥିବା ସୁହୃଦ ଶିକ୍ଷକ ଗୋଷ୍ଠୀ ଉତ୍ତମ କାର୍ଯ୍ୟ ସଂପାଦନା କରିଥିଲେ ।

## ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ନେଇ ତତ୍ପରତା

# ମୌଳିକ ସୁବିଧା ସୁଯୋଗ ସହ ବିସ୍ଥାପିତଙ୍କୁ କରାଯିବ ଥଇଥାନ



ଦଶପଲ୍ଲା, ( ମହାଭାରତ ) : ନୟାଗଡ଼ ଜିଲ୍ଲାର ବହୁ ପ୍ରତିକ୍ଷୀତ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ଉପରେ ସାରା ଜିଲ୍ଲା ତଥା ରାଜ୍ୟବାସୀଙ୍କ ନଜର ରହିଥିବା ବେଳେ ଏହାର ଅଗ୍ରଗତି ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି । ଏହି ପ୍ରକଳ୍ପ ପାଇଁ ଗତ ବର୍ଷ ଜୁଲାଇ ମାସରେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ମଞ୍ଜୁରୀ ମିଳିଥିବା ବେଳେ ଚଳିତ ବର୍ଷ ଫେବୃଆରୀ ମାସରେ ଦ୍ୱିତୀୟ ପର୍ଯ୍ୟାୟ ପରିବେଶ ମଞ୍ଜୁରୀ ଉପରେ ମୋହର ବାଜିଛି । ପ୍ରକଳ୍ପ ନିର୍ମାଣ ପାଇଁ ମୋଟାମୋଟି ଭାବେ ବାଟ ଫିଟିଥିବା ବେଳେ ପ୍ରଶାସନିକ ସ୍ତରରେ ଏହାକୁ ଅଧିକ କ୍ରିୟାଶୀଳ କରାଯାଇଛି । ଏହି ପ୍ରକଳ୍ପ ପାଇଁ ଏବେ ବିଭିନ୍ନ ଡିଜାଇନ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ପ୍ରାୟ ୭୦% ପ୍ରତିଶତ ଭାଗ ଡିଜାଇନ୍ ପ୍ରସ୍ତୁତ ହୋଇ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟକୁ ପଠା ଯାଇଥିବା ବେଳେ ଅବଶିଷ୍ଟ ୩୦% ପ୍ରତିଶତ ତଥ୍ୟ ଖୁବଶୀଘ୍ର ପଠାଯିବ ବୋଲି ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ପ୍ରକାଶ ପ୍ରଦାନ କହିଛନ୍ତି । ଏହା ପରେ ଜଳ ସଂରକ୍ଷଣ ଓ ଜଳ ଭଣ୍ଡାରରୁ ଜଳ ନିଷ୍କାସନ ପାଇଁ ସମ୍ପୂର୍ଣ୍ଣ ତଥ୍ୟ ପ୍ରସ୍ତୁତ ହୋଇ କେନ୍ଦ୍ରୀୟ ଜଳ କମିସନ ବା ସିଡ଼ବ୍ଲୁସିକୁ ରିପୋର୍ଟ ପଠାଯିବ ବୋଲି କହିଛନ୍ତି । ଏସବୁ ମଧ୍ୟରେ ଜଳସେଚନ ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା ସ୍ଥାନର ଉପଯୁକ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବୟ ଏଥିପାଇଁ ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥୀଙ୍କୁ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପର ଭୂ-ଅର୍ଜନ ଅଧିକାରୀ ବା ଏଲ୍ଏଓ ଭାବେ ନିଯୁକ୍ତି ଦିଆଯାଇଛି । ଗତ ୨୪ ତାରିଖରେ ଏହି ନିର୍ଦ୍ଦେଶନାମା ଜାରି ହୋଇଥିବା ତହସିଲଦାର ଶ୍ରୀ ଶତପଥୀ କହିଛନ୍ତି । ଅନ୍ୟପାର୍ଶ୍ୱରେ ନୂଆ ଆଇନ ଅନୁଯାୟୀ ବିସ୍ଥାପିତ ଙ୍କୁ ଥଇଥାନ କରାଯିବାର ବ୍ୟବସ୍ଥା କରାଯିବୟ ସେମାନଙ୍କ ପାଇଁ ଆବଶ୍ୟକ ବାସଗୃହ ନିର୍ମାଣ କରାଯିବା ସହ ରାସ୍ତା, ପାନୀୟ, ବିଦ୍ୟୁ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ଏଥିପାଇଁ ବିସ୍ଥାପିତଙ୍କୁ କେଉଁଠାରେ ଥଇଥାନ କରାଯିବ ସେନେଇ ଜାଗା ଚିହ୍ନଟ ହୋଇଥିବା ମଧ୍ୟ କହିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ନୟାଗଡ଼ ଜିଲ୍ଲା ତଥା ଦଶପଲ୍ଲା, ଖଣ୍ଡପଡା, ନୂଆଗାଁ, ଓଡ଼ଗାଁ ବ୍ଲକ୍ର ୨୩ ହଜାର ୩ ଶହ ହେକ୍ଟର ଜମି ଜଳସେଚିତ ହେବାନେଇ ଲକ୍ଷ୍ୟ ରଖାଯାଇଛି । ଟାକରା ପଞ୍ଚାୟତର ମଞ୍ଜୁରୀ ନିକଟରେ ଥିବା ମାଇ ଓ ତାବଲଦେଇ ପାହାଡ଼ର ସଂଯୋଗରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ । ସମୁଦାୟ ୩ ହଜାର ୫ ଶହ ୫୨ ହେକ୍ଟର ସ୍ଥାନ ମଧ୍ୟରେ ନିର୍ମାଣ ହେବାକୁ ଥିବାଏହି ପ୍ରକଳ୍ପ ମଧ୍ୟରେ ୧୫୨୪.୧୭ ହେକ୍ଟର ଜଙ୍ଗଲ ଜମି, ୭୯୦.୮୮ ହେକ୍ଟର ସରକାରୀ ଜମି ଓ ୧୨୩୭.୦୧ ହେକ୍ଟର ବେସରକାରୀ ଜମି ଥିବାବେଳେ ୨୧୨୧.୪୧ ହେକ୍ଟର ଜମି ଜଳପ୍ଲାବିତ ହେବ । ଏବେ ମଞ୍ଜାରୀ ଗ୍ରାମକୁ ସାଢ଼େ ୩ କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହେବାସହ ଦଶପଲ୍ଲା ଜଳସମ୍ପଦ କାର୍ଯ୍ୟାଳୟ ପରିସରରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବୃତ୍ତଙ୍ଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ମାଣ କରାଯାଉଛ ।

## ବଲୁଚସ୍ତାନର ୫୧ ଟି ସ୍ଥାନରେ ୭୧ଟି ହମଲା

ନୂଆଦିଲ୍ଲୀ : ଭଲ ନାହିଁ ପାକିସ୍ତାନର ବେଳା । ଏପଟେ ଭାରତର ଏୟାରଷ୍ଟ୍ରାଇକରେ ଘାଇଲା ହୋଇଥିବା ପାକିସ୍ତାନର ଅଣ୍ଟା ଭାଙ୍ଗିଲା ଈଖଇ। ପାକିସ୍ତାନର ୫୧ଟି ସ୍ଥାନରେ ଆଟାକ କରିଛି ବେଲୁଚ ଲିବରେସନ ଆର୍ମି। ବଲୁଚସ୍ତାନର ୫୧ ଟି ସ୍ଥାନରେ ୭୧ଟି ହମଲା କରିଥିବା କହିଛି ନିଜେ ବିଏଲଏ । ପାକିସ୍ତାନୀ ସାମରିକ ଏବଂ ଗୁପ୍ତଚର ସ୍ଥାନଗୁଡ଼ିକୁ ଟାର୍ଗେଟ କରି ଏହି ଆଟାକ ହୋଇଛି । ଏହା ସହ ଚେତାବନୀ ଦେଇ କହିଛି, ଦକ୍ଷିଣ ଏସିଆରେ ଏକ ନୂଆ ୱାର୍ଲ୍ଡ ଅର୍ଡର ନିଶ୍ଚିତ । ପାକିସ୍ତାନକୁ ତୀବ୍ର ନିନ୍ଦା କରି ଈଖଇ କହିଛି ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ରାଷ୍ଟ୍ର । ଏହା ସହ ଭାରତକୁ ସିଧାସଳଖ ସମ୍ବୋଧନ କରି କହିଛି, ପାକିସ୍ତାନର ଶାନ୍ତି, ଅସ୍ତ୍ରବିରତି ଏବଂ ଭାଇଚାରାର ପ୍ରତ୍ୟେକ ବାର୍ତ୍ତା କେବଳ ଏକ ପ୍ରତାରଣା, ଏକ ଯୁଦ୍ଧ କୌଶଳ ଏବଂ ଏକ ଅସ୍ଥାୟୀ ଚାଲ । ବିଶ୍ୱ ଏବଂ ଭାରତକୁ, ପାକିସ୍ତାନର ଆତଙ୍କବାଦକୁ ବନ୍ଦ କରିବା ଅପିଲ କରିଛି ବଲୁଚ ଲିବରେସନ ଆର୍ମି ।

## ସାମ୍ବାରେ ଶୁଭିଲା ବିସ୍ଫୋରଣ ଶବ୍ଦ

ଜମ୍ମୁ: ଜମ୍ମୁ-କାଶ୍ମୀର ସାମ୍ବାରେବଡ଼ ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଛି। ପାକିସ୍ତାନୀ ଡ୍ରୋନ ସାମ୍ବାରେ ଉଡୁଥିବା ଦେଖିବାକୁ ମିଳିଥିଲା। ଫଳରେ ସମ୍ପୂର୍ଣ୍ଣ ସହରକୁ ବ୍ଲାକ ଆଉଟ କରି ଦିଆଯାଇଥିଲା। ସେନା ପକ୍ଷରୁ ସମସ୍ତ ଡ୍ରୋନ ଅକାମୀ କରିଦିଆଯାଇଛି। ସାମ୍ବା ସେକ୍ଟରରେ ଡ୍ରୋନ ଠାବ ପରେ ସେନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ସୂଚନା ଦିଆଯାଇଛି। କିଛି ସମୟ ପୂର୍ବରୁ କମ୍ ସଂଖ୍ୟାରେ ଡ୍ରୋନ ଆସିଥିଲା ଏବଂ ସବୁ ଡ୍ରୋନ ନଷ୍ଟ କରିଦେଇଛୁ। ଆଦୌ ଚିନ୍ତିତ ହେବାର ନାହିଁ ବୋଲି ସେନା ପକ୍ଷରୁ କୁହାଯାଇଛି।

## ଟ୍ରମ୍ପ କମାଇବେ ଟାରିଫ: ବର୍ଦ୍ଧିତ ଟାରିଫ ଉପରେ ୯୦ ଦିନ ପାଇଁ ସ୍ଥଗିତାଦେଶ ଜାରି

ନୂଆଦିଲ୍ଲୀ : ଥମିଲା ଆମେରିକା ଚୀନ ଟ୍ରେଡ ୱାର। ବର୍ଦ୍ଧିତ ଟାରିଫ ଉପରେ ୯୦ ଦିନ ପାଇଁ ସ୍ଥଗିତାଦେଶ ଜାରି ହୋଇଛି । ଉଭୟ ଦେଶ ମଧ୍ୟରେ ଆଲୋଚନାରୁ ଏନେଇ ସହମତି ହୋଇଛି । ଏହି ୯୦ ଦିନ ଭିତରେ ଆମେରିକା ଚୀନ ଉପରେ ଟାରିଫ ୧୪୫ ପ୍ରତିଶତରୁ ୩୦ ପ୍ରତିଶତକୁ କମାଇବାକୁ ଓ ଚୀନ ଆମେରିକା ଉପରେ ଟାରିଫ ୧୨୫ ପ୍ରତିଶତରୁ ୧୦ ପ୍ରତିଶତକୁ କମାଇବାକୁ ରାଜି ହୋଇଛନ୍ତି । ଜେନେଭାରେ ଦୁଇ ଦିନ ଧରି ଆମେରିକା ଓ ଚୀନ ମଧ୍ୟରେ ଆଲୋଚନାରୁଏହି ସୁଫଳ ମିଳିଛି । ପୂର୍ବରୁ ଦୁଇ ଦେଶ ଭିତରେ ଘନେଇଥିଲା ଟାରିଫ ୱାର । ଆମେରିକା ଚୀନ ଉପରେ ବର୍ଦ୍ଧିତ ଟାରିଫ ଲାଗୁ କରିବା ପରେ ଚୀନ ମଧ୍ୟ ପଛଘୁଞ୍ଚା ଦେଇନଥିଲା । ଏହାପରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧ ଉପରେ ସାରା ବିଶ୍ୱର ନଜର ରହିଥିଲା ।

## ଥରିଲା ପାକିସ୍ତାନ, ୪.୦୬ ତୀବ୍ରତା ଭୂକମ୍ପ ଝଟକା ଅନୁଭୂତ

ନୂଆଦିଲ୍ଲୀ : ପାକିସ୍ତାନରେ ୪.୦୬ ତୀବ୍ରତା ଭୂକମ୍ପ ଅନୁଭୂତ। ଭୂକମ୍ପର ଗଭୀରତା ୧୦ କିଲୋମିଟର ଥିବା ଜଣାପଡ଼ିଛି । ଭୂକମ୍ପ ଝଟକାରେ କୌଣସି ପ୍ରକାର କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି। କିନ୍ତୁ ଭୂମିକମ୍ପ ପରେ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ନ୍ୟାସନାଲ ସେଣ୍ଟର ଫର ସିସମୋଲୋଜିର ସୂଚନା ଅନୁସାରେ ଶୁକ୍ରବାର-ଶନିବାର ବିଳମ୍ବିତ ରାତିରେ ପାକିସ୍ତାନରେ ଭୂକମ୍ପ ହୋଇଥିଲା। ଧୀର ଭୂକମ୍ପ ଗଭୀର ଭୂକମ୍ପ ତୁଳନାରେ ଅଧିକ କ୍ଷତି କରିଥାଏ । ୧୦ କିଲୋମିଟର ଗଭୀରତା ଭୂକମ୍ପ ଅଧିକ ପ୍ରଭାବିତ ହୋଇଥାଏ । ସୂଚନାଯୋଗ୍ୟ, ଗତ ଶୁକ୍ରବାର ରାତି ପାଖାପାଖି ୧ଟା ୪୪ ମିନିଟରେ ପାକିସ୍ତାନରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୦ ମ୍ୟାଗ୍ନିଚ୍ୟୁଡରେ ଥିଲା । ଏହାର କେନ୍ଦ୍ରସ୍ଥଳ ପାକିସ୍ତାନର ବଲୁଚିସ୍ତାନ ସହର ନିକଟ କ୍ୱେଟାରେ ଥିବା ଜଣାପଡିଥିଲା ।

## ଖୋଲିଲା ୩୨ ଏୟାରପୋର୍ଟ




ନୂଆଦିଲ୍ଲୀ : ଭାରତ-ପାକିସ୍ତାନ ଉତ୍ତେଜନାକୁ ଦେଖି ଭାରତର ୩୨ଟି ଏୟାରପୋର୍ଟକୁ ଆଗାମୀ ୧୫ ତାରିଖ ଯାଏଁ ବନ୍ଦ କରିଦିଆଯାଇଥିଲା । ଯାହା ଏବେ ଖୋଲିଛି । ପ୍ରେସ ରିଲିଜ ଜାରି କରି ସୂଚନା ଦେଇଛି ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ । ତେବେ ନାଗରିକ ଉଡ୍ଡୟନ ମନ୍ତ୍ରଣାଳୟ ସ୍ଥିତି ଉପରେ ନଜର ରଖିଛି । ଏହାସହିତ ୨୫ଟି ଏୟାରରୁଟସକୁ ଖୋଲାଯାଇଛି । ବନ୍ଦଥିବା ବିମାନବନ୍ଦରଗୁଡିକ ଅର୍ନ୍ତରାଷ୍ଟ୍ରୀୟ ସୀମାକୁ ଲାଗିରହିଥିଲା । ତେଣୁ ଏଗୁଡିକୁ ସୁରକ୍ଷା ଯୋଗୁଁ ବନ୍ଦ କରିଦିଆଯାଇଥିଲା । ବର୍ତ୍ତମାନ ଭାରତର ନଜର ଅସ୍ତ୍ରବିରତି ନିୟମ ଉଲ୍ଲଙ୍ଘନ ଉପରେ ରହିଛି । ରବିବାର ରାତିରେ ପାକିସ୍ତାନ କୌଣସି ଅସ୍ତ୍ରବିରତି ନିୟମ ଉଲ୍ଲଙ୍ଘନ କରିନାହିଁ । ଆଜି ଦୁଇ ଦେଶର ଡିଜିଏମଓ ମିଟିଂ ରହିଛି । ଅପରେସନ ସିନ୍ଦୂର ଯୋଗୁଁ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢୁଥିବାରୁ ଭାରତ ୩୨ଟି ଏୟାରପୋର୍ଟକୁ ବନ୍ଦ କରିଥିଲା । ଏହିସବୁ ବିମାନବନ୍ଦର ଅର୍ନ୍ତରାଷ୍ଟ୍ରୀୟ ସୀମାରେ ଥିବା ରାଜ୍ୟଗୁଡିକରେ ରହିଛି । ଅପରେସନ ସିନ୍ଦୂର ପରେ ଦେଶରେ ହାଇ ଆଲର୍ଟ ରହିଥିଲା । ପାକିସ୍ତାନ ଓ ପିଓକେରେ ଆତଙ୍କୀ ଠିକଣା ଉପରେ 'ଅପରେସନ ସିନ୍ଦୂର' ଜରିଆରେ ଭାରତୀୟ ସେନା ଏୟାର ଷ୍ଟ୍ରାଇକ କରିବା ପରେ ଉତ୍ତର ପଶ୍ଚିମ ଭାରତର ଅନେକ ବିମାନ ବନ୍ଦରକୁ ଆଗାମୀ ଆଦେଶ ପାଇଁ ବନ୍ଦ କରାଯାଇଥିଲା । ଶ୍ରୀନଗର, ଜମ୍ମୁ, ଲେହ, ଚଣ୍ଡିଗଡ଼, ଅମୃତସର, ଲୁଧିଆନା, ପଟିଆଲ, ଭଟିଣ୍ଡା, ହଲୱାରା, ପଠାନକୋଟ, ଭୁଣ୍ଟାର, ଶିମଲା, ଯୋଧପୁର, ଜୈସଲମେର, ଧର୍ମଶାଳା, ଜାମନଗର, କିଶନଗଡ, ବିକାନେର,ରାଜକୋଟ, ପୌରବନ୍ଦର, ଭୁଜ, ଗ୍ୱାଲିଅର ଆଦି ଏୟାରପୋର୍ଟ ବନ୍ଦ ରହିଥିଲା । ସୂଚନାଯୋଗ୍ୟ, ଭାରତ ପାକିସ୍ତାନ ଓ ପିଓକେର ୯ଟି ଆତଙ୍କବାଦୀ ଶିବିର ଉପରେ ଏୟାର ଷ୍ଟ୍ରାଇକ୍ କରିଥିଲା । ପାକ୍ ଅଧିକୃତ କାଶ୍ମୀରରେ ପଶି ଭାରତୀୟ ସେନା ୯ଟି ସ୍ଥାନରେ ଜୋରଦାର ଆକ୍ରମଣ କରିଥିଲା । ଏଥିରେ ଅନେକ ଆତଙ୍କବାଦୀ କ୍ୟାମ୍ପ ସହ ୩୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

# ମା' ଭଉଣୀଙ୍କ ସିନ୍ଦୁର ପୋଛିଥିଲେ, ମାଟିରେ ମିଶାଇ ଦେଲୁ: ମୋଦି



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, 'ଅପରେଶନ ସିନ୍ଦୂର' କେବଳ ଏକ ନାମ ନୁହେଁ, ବରଂ ଏହା କୋଟି କୋଟି ଭାରତୀୟଙ୍କ ଭାବନା ଓ ଆକ୍ରୋଶର ପ୍ରତିଫଳନ। ଏପ୍ରିଲ ୨୨ରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ୨୬ ଜଣ ନିରୀହ ନାଗରିକଙ୍କ ଜୀବନ ହରାଇଥିଲେ, ତାହାର ଜବାବରେ ଭାରତୀୟ ସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ଶିବିର ଉପରେ ମେ ୭ ତାରିଖ ପ୍ରଭାତରେ 'ଅପରେଶନ ସିନ୍ଦୂର' ଜରିଆରେ ଆକ୍ରମଣ କରିଥିଲା। ଏହି ଅପରେଶନରେ ୯ଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରାଯାଇଥିଲା। ଏହି ଅବସରରେ ସେ ଭାରତୀୟ ସେନାର ଅଦମ୍ୟ ସାହସ ଓ ବୀରତ୍ୱକୁ ସାଲ୍ୟୁଟ କରିଛନ୍ତି। ଅପରେଶନ ସିନ୍ଦୁର ପ୍ରଥମଥର ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଦେଶର ସୁରକ୍ଷା ଓ ସାର୍ବଭୌମତ୍ୱ ରକ୍ଷା ପାଇଁ ସେନାର ଅବଦାନକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, "ଆମ ସୈନିକମାନେ ଦେଶର ଗର୍ବ। ସୀମାରେ ଥାଇ ସେମାନେ ଆମକୁ ନିରାପଦ ରଖିଛନ୍ତି।" ଏହା ସହିତ ପ୍ରଧାନମନ୍ତ୍ରୀ ଗୋଇନ୍ଦା ସଂସ୍ଥା ଓ ଦେଶର ବୈଜ୍ଞାନିକମାନଙ୍କୁ ମଧ୍ୟ ସାଧୁବାଦ ଜଣାଇଛନ୍ତି। ସେମାନଙ୍କ ଅଭିନବ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ଦେଶର ପ୍ରତିରକ୍ଷା ଶକ୍ତିକୁ ଆହୁରି ସୁଦୃଢ ? କରିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, "ଆମ ବୈଜ୍ଞାନିକମାନଙ୍କ କାର୍ଯ୍ୟ ବିଶ୍ୱସ୍ତରୀୟ। ସେମାନଙ୍କ ଅବଦାନ ଭାରତକୁ ଆତ୍ମନିର୍ଭର କରିବାରେ ଗୁରୁତ୍ୱପୂର୍ଣ୍ଣ।" ଏହି ଅବସରରେ ଦେଶବାସୀଙ୍କୁ ଏକତା ଓ ସମର୍ପଣର ବାର୍ତ୍ତା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସମସ୍ତେ ମିଳିମିଶି ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଗଢିତୋଳିବା ଆମର ଲକ୍ଷ୍ୟ।

## ମିନି ଟ୍ରକ୍‌କୁ ଧକ୍କା ଦେଲା ଟ୍ରେଲର, ୧୩ ମୃତ

ନୂଆଦିଲ୍ଲୀ : ମର୍ମନ୍ତୁଦ ଦୁର୍ଘଟଣା । ମିନି ଟ୍ରକ୍ କୁ ଧକ୍କା ଦେଲା ଟ୍ରେଲର । ଘଟଣାସ୍ଥଳରେ ୯ ମହିଳାଙ୍କ ସମେତ ୧୩ ମୃତ, ୧୨ ଆହତ । ଛତିଶଗଡ଼ ରାୟପୁର ବାଲୋଦବଜାର ନିକଟରେ ମର୍ମନ୍ତୁଦ ଦୁର୍ଘଟଣା । ମୃତକମାନେ ଚଟାଉଦ ଗାଁର । ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସମସ୍ତେ ବନ ବନାରସୀକୁ ଯାଇଥିଲେ । ସେଠାରୁ ଫେରିବା ବାଟରେ ସରଗାଓଁ ନିକଟରେ ଏକ ଟ୍ରେଲର ସହ ଧକ୍କା ହୋଇଥିଲା । ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଡକ୍ଟର ବି.ଆର ଆମ୍ବେଦକର ମେମୋରିଆଲ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ଓଭରଲୋଡିଂ ଯୋଗୁଁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି ।

# ପରମାଣୁ ବ୍ଲାକମେଲ୍ ଖାତିର କରିବୁ ନାହିଁ



ନୂଆଦିଲ୍ଲୀ : ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ପ୍ରତି ହୋଇଥିବା ସାମରିକ ଗତିବିଧି ପରେ ଏକ ଅସ୍ଥାୟୀ ଯୁଦ୍ଧବିରାମ ଘୋଷଣା ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରକୁ ସମ୍ବୋଧିତ କରି କଡ଼ା ବାର୍ତ୍ତା ଦେଇଛନ୍ତି। ବୁଦ୍ଧ ପୂର୍ଣ୍ଣିମା ଅବସରରେ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, "ଆତଙ୍କବାଦ ଏବଂ ଆଲୋଚନା ଏକାଠି ଚ, ଆତଙ୍କବାଦ ଏବଂ ବାଣିଜ୍ୟ ଏକାଠି ଚାଲିପାରିବ ନାହିଁ। ପାଣି ଏବଂ ରକ୍ତ ମଧ୍ୟ ଏକାଠି ବହିପାରିବ ନାହିଁ।" ସେ ଆହୁରି ଜୋର ଦେଇ କହିଛନ୍ତି, "କୌଣସି ପରମାଣୁ ବ୍ଲାକମେଲ୍ ଭାରତ ସହ୍ୟ କରିବ ନାହିଁ। ଆତଙ୍କୀ ଆକ୍ରମଣର ଜବାବ ଭାରତ ନିଜ ସର୍ତ୍ତରେ ଦେବ ଏବଂ ଏହା ନିଶ୍ଚିତ ରୂପେ ସଠିକ୍ ଓ ନିର୍ଣ୍ଣାୟକ ହେବ।" ଏହି ସମ୍ବୋଧନରେ ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନକୁ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ ଆତଙ୍କବାଦକୁ ପୃଷ୍ଠପୋଷଣ କରୁଥିବା ସରକାର ଏବଂ ଆତଙ୍କୀ ସଂଗଠନମାନଙ୍କୁ ଭାରତ ଅଲଗା ଭାବେ ବିଚାର କରିବ ନାହିଁ। "ଆତଙ୍କୀ ଠିକଣାଗୁଡ଼ିକ ଉପରେ ଭାରତ ସଠିକ ଓ ନିର୍ଣ୍ଣାୟକ ପ୍ରହାର କରିବ," ବୋଲି ସେ ଘୋଷଣା କରିଛନ୍ତି। ଏହା ସହ ସେ ପାକିସ୍ତାନର ପରମାଣୁ ଅସ୍ତ୍ର ବ୍ୟବହାରର ଧମକକୁ "ବ୍ଲାକମେଲ୍" ବୋଲି ଅଭିହିତ କରି ଏହାକୁ ପୂର୍ଣ୍ଣତଃ ଅଗ୍ରାହ୍ୟ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ସପ୍ତାହରେ ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ବୃଦ୍ଧି ପାଇଥିଲା, ଯାହା ସାମରିକ କାର୍ଯ୍ୟାନୁଷ୍ଠାନରେ ପରିଣତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଏହି ବକ୍ତବ୍ୟକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ମଧ୍ୟ ଏହି ବକ୍ତବ୍ୟକୁ ନେଇ ବ୍ୟାପକ ଚର୍ଚ୍ଚା ହେଉଛି, ଯେଉଁଠାରେ ଅନେକ ବ୍ୟବହାରକାରୀ ପ୍ରଧାନମନ୍ତ୍ରୀଙ୍କ ଏହି କଡ଼ା ଅବସ୍ଥାନକୁ ସମର୍ଥନ କରିଛନ୍ତି।

## ଆଫଗାନିସ୍ତାନରେ ଚେସ୍ ବ୍ୟାନ୍ କଲା ତାଲିବାନ

ନୂଆଦିଲ୍ଲୀ : ତାଲିବାନ ଶାସନରେ ସବୁବେଳେ ଅଦ୍ଭୁତ ନିୟମ ରହିଥାଏ । ଆଉ ଏହାରି ମଧ୍ୟ ପୁଣି ଏକ ନୂଆ ନିୟମ ଆଫଗାନିସ୍ତାନରେ ଲାଗୁ ହୋଇଛି । ଆଫଗାନିସ୍ତାନରେ ତାଲିବାନ ସରକାର ଚେସ୍ ଖେଳ ଉପରେ ବ୍ୟାନ ଲଗାଇଛନ୍ତି । ଏହି ଖେଳ ଜୁଆ ଖେଳର ମାଧ୍ୟମ ସାଜିଛି ବୋଲି ଭୟ କରୁଛନ୍ତି ତାଲିବାନ ସରକାର । ବିବିସି ରିପୋର୍ଟ ମୁତାବକ, ଚେସ୍ ଖେଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ୟାନ କରାଯାଇଛି । ଇସଲାମ ଆଇନ ଅନୁଯାୟୀ, ଏହା ଠିକ୍ କିମ୍ବା ନୁହେଁ, ତାହା ପ୍ରଥମେ ଯାଂଚ କରାଯିବ । ଏହା ଆଧାରରେ ଚେସ୍ ଖେଳ ଉପରେ ବ୍ୟାନ ହଟାଯିବ । ତେବେ ଆଫଗାନିସ୍ତାନରେ ଚେସ୍ ଖେଳ ପ୍ରଥମେ ନୁହେଁ, ଯାହା ଉପରେ ବ୍ୟାନ ଲାଗିଛି । ସେଠାରେ ସବୁଠାରୁ ଖରାପ ଅବସ୍ଥା ମହିଳାଙ୍କର ରହିଛି । ମହିଳାମାନଙ୍କୁ କୌଣସି ପ୍ରକାରର ଖେଳରେ ଭାଗ ନେବାର ଅନୁମତି ନାହିଁ । ସେମାନଙ୍କୁ ସବୁ ଖେଳ ବ୍ୟାନ କରାଯାଇଛି । ତାଲିବାନ ସରକାର ୨୦୨୧ରେ ଶାସନ କରିବା ପରେ ଲଗାତାର ବିଭିନ୍ନ ପ୍ରକାରର ଅଜବ ନିୟମ କରୁଛି । ଗତବର୍ଷ ତାଲିବାସ ସରକାର ପେଶାଓ୍ୱର ପ୍ରତିଯୋଗିତା ମିକ୍ସଡ ମାର୍ଶଲ ଆର୍ଟ ଭଳି ଫ୍ରି ଷ୍ଟାଇଲ ଫାଇଟ ଉପରେ ପ୍ରତିବନ୍ଧକ ଲଗାଇଥିଲେ । ଏହା ହିଂସାତ୍ମକ ଏବଂ ଏଥିରେ ସମ' ବରବାଦ୍ କରି ଏହାକୁ ବ୍ୟାନ କରିଦେଇଥିଲେ ।

## କଳ୍ପନାଠାରୁ ମଧ୍ୟ ବଡ଼ ଦଣ୍ଡ ପାଇବେ ଆତଙ୍କବାଦୀ : ମୋଦି

ନୂଆଦିଲ୍ଲୀ : ଭାରତ ଓ ପାକିସ୍ତାନ ଉତ୍ତେଜନା ଭିତରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆତଙ୍କବାଦୀମାନେ କଳ୍ପନାଠାରୁ ମଧ୍ୟ ବଡ଼ ଦଣ୍ଡ ପାଇବେ। ମୋଦି ପ୍ରଥମେ ପହଲଗାମରେ ମୃତକଙ୍କୁ ହାତଯୋଡି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ତା'ପରେ ତାଙ୍କ ଭାଷଣ ଆରମ୍ଭ କରିଥିଲେ । ସେ ପ୍ରଥମେ ଭାରତର ପରାକ୍ରମୀ ସେନାର ବୀରତା, ସାହସକୁ ସ୍ୟାଲୁଟ୍ କରିଛନ୍ତି । ଗୁଇନ୍ଦା ଏଜେନ୍ସି ଓ ବୈଜ୍ଞାନିକଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି । ଯବାନଙ୍କ ପରାକ୍ରମକୁ ଦେଶର ମାତାଙ୍କ ପାଇଁ ସମର୍ପିତ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ୨୨ ଏପ୍ରିଲରେ ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ବର୍ବରକାଣ୍ଡ ଘଟଣାଇଥିଲେ । ଛୁଟି କାଟିବାକୁ ଯାଇଥିବା ନିର୍ଦ୍ଦୋଷ ପର୍ଯ୍ୟଟକଙ୍କୁ ପରିବାର ସାମ୍ନାରେ ଧର୍ମ ପଚାରି ହତ୍ୟା କରିଥିଲେ । ଏହା ସବୁଠୁ ବୀଭତ୍ସ ଓ କ୍ରୁର ଥିଲା । ଯାହାଫଳରେ ଆତଙ୍କୀଙ୍କ ବିରୋଧରେ ସାରା ଦେଶରେ ଆକ୍ରୋଶ ଦେଖିବାକୁ ମିଳିଥିଲା । ସରକାରଙ୍କଠାରୁ ବିରୋଧୀ ଓ ଦେଶବାସୀ ଏକ ହୋଇ ଆତଙ୍କବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ମା', ଭଉଣୀଙ୍କ ମଥାରୁ ଯେଉଁ ସିନ୍ଦୂର ଲିଭି ଥିଲା ତା'ର ପ୍ରତିଶୋଧ ପାଇଁ ସ୍ୱର ଉଠିଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

## ପାକିସ୍ତାନ ନୁରଖାନ୍ ଏୟାରବେସକୁ ଧ୍ୱଂସକୁ ନେଇ ଆମେରିକାର ଚିନ୍ତା

ନୂଆଦିଲ୍ଲୀ : ଭାରତ ଦ୍ୱାରା କରାଯାଇଥିବା ଆକ୍ରମଣରେ ପାକିସ୍ତାନର ୩ଟି ଏୟାରବେସ୍ ଧ୍ୱଂସ ହୋଇଯାଇଛି । ଯାହା ପରେ ଭୟଭୀତ ହୋଇପଡ଼ିଛି ପାକିସ୍ତାନ । ଏହି ଏୟାରବେସ୍ ମଧ୍ୟରୁ ରାୱଲପିଣ୍ଡିର ନୁର ଖାନ ଏୟାରବେସ୍ ପାକିସ୍ତାନ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଥିଲା । କାରଣ ରାୱଲପିଣ୍ଡିର ନୁର ଖାନ ଏୟାରବେସ ଠାରୁ ୧୦ କିଲୋମିଟର ଦୂରରେ ରହିଛି ପରମାଣୁ ଅସ୍ତ୍ରଶସ୍ତ୍ର ଭଣ୍ଡାର । ଭାରତର ଗୋଟିଏ ପରେ ଗୋଟିଏ ଆକ୍ରମଣକୁ ଦେଖି ଆଗାମୀ ଦିନରେ ପାକିସ୍ତାନର ପରମାଣୁ ମୁଖ୍ୟାଳୟ ଉପରେ ବି ଆକ୍ରମଣ ହୋଇପାରେ ବୋଲି ଅନୁମାନ କରୁଛି ପାକିସ୍ତାନ । ସୂଚନା ଅନୁଯାୟୀ, ମିସାଇଲ ଆକ୍ରମଣ କାରଣରୁ ଏୟାରବେସରେ ବଡ ବିସ୍ଫୋରଣ ହୋଇଥିଲା । ଆକ୍ରମଣରେ ଏୟାରବେସ୍ ୨ ଥର ବିସ୍ଫୋଟିତ ହୋଇଥିଲା । ଫଳରେ ଏୟାରବେସ୍ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇଥିଲା । ଯାହାଫଳରେ ପାକିସ୍ତାନ ସୈନ୍ୟ ସେହି ଅଞ୍ଚଳକୁ ତୁରନ୍ତ ସିଲ୍ କରିଦେଇଥିଲେ । ଏହା ବ୍ୟତୀତ ଲୋକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ସେହି ସ୍ଥାନକୁ ନଯିବାକୁ ବାରଣ କରାଯାଇଛି । ପାକିସ୍ତାନ ଉପରେ ଆକ୍ରମଣ କରି ଭାରତ ସେମାନଙ୍କୁ ଉଚିତ୍ ଜବାବ ଦେଇଛି । କିଛି ବି କ୍ଷତି କରିପାରେ ବୋଲି ପ୍ରମାଣିତ କରିଛି ଭାରତ । ଏନେଇ ଭୟରେ ଛାନିଆ ପାକିସ୍ତାନ । ଅନ୍ୟପଟେ ଆମେରିକୀୟ ଅଧିକାରୀ କହିଛନ୍ତି ଯେ, ପାକିସ୍ତାନ ନିଜର ପରମାଣୁ କମାଣ୍ଡ କର୍ତ୍ତୃପକ୍ଷଙ୍କ ମୁଣ୍ଡ କାଟି ଦିଆଯିବାକୁ ନେଇ ଭୟଭୀତ ଅଛି । ଏହାରି ମଧ୍ୟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ନ୍ୟାସନାଲ କମାଣ୍ଡ ଅଥରିଟିର ଏକ ବୈଠକ ଡକାଇଛନ୍ତି । ଏହି ବୈଠକରେ ପରମାଣୁ ଅସ୍ତ୍ରର ବ୍ୟବହାର କିପରି ଏବଂ କେବେ ହେବ ତାକୁ ନେଇ ନିଷ୍ପତି ନିଆଯାଇ ପାରେ । କିନ୍ତୁ ପାକିସ୍ତାନ ଏହି ବୈଠକ ଡକାଯାଇଥିବା କଥାକୁ ଅସ୍ୱୀକାର କରିଛି । ଏପଟେ ପାକିସ୍ତାନୀ ସାମରିକ ଘାଟିଗୁଡ଼ିକ ଉପରକୁ ଭାରତ ଯେଉଁ ସଫଳ ଟାର୍ଗେଟ କରୁଛି ସେଥିପାଇଁ ଆମେରିକା ମଧ୍ୟ ଚିନ୍ତିତ ହୋଇପଡିଛି । ତେଣୁ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଭାରତର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ୍ କରିଥିଲେ । ଯୁଦ୍ଧ ବିରତି ପାଇଁ ମୋଦିଙ୍କୁ ପ୍ରସ୍ତାବ ଦେଇଥିଲେ ଜେଡି ଭାନ୍ସ । କିନ୍ତୁ ମୋଦି ଏହି ବିଚାରକୁ ନେଇ କୌଣସି ସୂଚନା ଦେଇନଥିଲେ । ଏହା ବ୍ୟତୀତ ପାକିସ୍ତାନ ବିଦେଶ ମନ୍ତ୍ରୀ ଇଶାକ ଡାର ଏବଂ ଏସ୍.ଜୟଶଙ୍କରଙ୍କୁ ଆମେରିକା ତରଫରୁ ଫୋନ୍ କରାଯାଇଥିଲା । କିନ୍ତୁ ଯୁଦ୍ଧକୁ ନେଇ କୌଣସି ସ୍ପଷ୍ଟ ଉତ୍ତର ଆସିନଥିଲା । ଯାହା ପରେ ଶେଷ ପଦକ୍ଷେପ ନେଇଥିଲେ ଟ୍ରମ୍ପ ।

# ଚଳନ୍ତା କାରରେ ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ



ନୂଆଦିଲ୍ଲୀ : ଉତ୍ତରପ୍ରଦେଶରୁ ଆସିଲା ଏକ ନିନ୍ଦନୀୟ ଘଟଣା। ତିନି ଜଣ ଲୋକ ଜଣେ ନାବାଳିକାକୁ ଚଳନ୍ତା କାରରେ ଗଣଦୁଷ୍କର୍ମ କରିଥିଲେ । ଚାକିରି ଲୋଭ ଦେଖାଇ ୨ଜଣଙ୍କୁ ଆଣିଥିଲେ । ହେଲେ ସେଥିରୁ ଜଣଙ୍କ ସହ ଦୁଷ୍କର୍ମ କରିଥିଲେ । ଏପରି ଘଟଣା ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ବୁଲନ୍ଦସହର ମେରଟ ନ୍ୟାସନାଲ ହାଇୱେ ଏପରି ଲଜ୍ଜ୍ୟାଜନକ ଘଟଣା ଦେଖିବାକୁ ମିଳିଛି । ସୂଚନାନୁଯାୟୀ, ମେ ୬ ତାରିଖରେ ୨ ଯୁବତୀଙ୍କୁ ଚାକିରି ଲୋଭ ଦେଖାଇ ୩ ଜଣ ଲୋକ ଜଣଙ୍କ ସହ ଦୁଷ୍କର୍ମ କରିଥିଲେ । ଏଭଳି କୁକାର୍ଯ୍ୟକୁ ଅଭିଯୁକ୍ତଙ୍କୁ ଚାପୁଡା ମାରିଥିଲା । ତେଣୁ ସେମାନେ ଗାଡି ବାହାରକୁ ଫୋପାଡି ଦେଇଥିଲେ । ଫଳରେ ଅଜଣା ଗାଡି ଚଢି ଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ପୋଲିସକୁ ଝିଅର ମୃତ ଶରୀର ରାସ୍ତାରୁ ମିଳିଥିଲା ତେଣୁ ଏହାକୁ ଦୁର୍ଘଟଣା ଭାବିନେଇଥିଲେ ପୋଲିସ କିନ୍ତୁ ଏହାର କାରଣ ଖୋଜିବାକୁ ଚେଷ୍ଟା କରିନଥିଲା ମୃତ ଝିଅଟି ହେଲା ବିହାରର ବାସିନ୍ଦା ବୋଲି ଜଣାପଡୁଛି । ସେ ଗୌତମବୁଦ୍ଧ ନଗର ସୁରଜପୁରରେ ରହି ଏକ ହୋଟେଲରେ କାମ କରୁଥିଲେ । ଏପଟେ ପୀଡିତା ଝିଅଟି କାରରୁ ଡେଇଁ ନିଜ ଜୀବନକୁ ବଞ୍ଚାଇଥିଲା । ପରେ ଆସି ଥାନାରେ ଅଭିଯୁକ୍ତଙ୍କ ନାଁରେ ଅଭିଯୋଗ କରିଥିଲା । ପୀଡିତା ଜଣକ ହେଲେ ପ୍ରତାପଗଡ଼ ଜିଲ୍ଲାର ଚିଲଭିଲାର ବାସିନ୍ଦା। ପୀଡିତା ଜଣକ ମଧ୍ୟ ଗୌତମ ବୁଦ୍ଧ ନଗରର ସୁରଜପୁର ଅଞ୍ଚଳର ବାସିନ୍ଦା । ପୀଡିତା ପୋଲିସକୁ କହିଛି ଯେ,ମେ ୬ତାରିଖରେ ଅମିତ୍ ନାମକ ଜଣେ ଯୁବକ ଚାକିରି ପାଇଁ ତାଙ୍କୁ ପ୍ରସ୍ତାବ ଦେଇଥିଲେ । ସେ ତାଙ୍କର ମଧ୍ୟ ପରିଚିତ ଥିଲେ । ଅମିତ୍ ତାଙ୍କୁ କହିଥିଲେ ସେ ମଧ୍ୟ ଯିବେ । ତେଣୁ ଝିଅଟି ତା' ସାଙ୍ଗ ସହ ଅମିତ କହିଥିବା ସ୍ଥାନକୁ ଯାଇଥିଲେ । ଅମିତଙ୍କ ସହ ତାଙ୍କ ବନ୍ଧୁ ସନ୍ଦୀପ ମଧ୍ୟ ଥିଲେ । ବିଳମ୍ବିତ ରାତିରେ ଦୁହିଁଙ୍କୁ କାରରେ ନେଇଥିଲେ । ପରେ ତାଙ୍କୁ ଜୋରଜବରଦସ୍ତ କରି ମଦ ପିଆଇଥିଲେ । ତା ସହିତ ତାଙ୍କୁ ମାଡ ମାରିବା ସହ ଦୁଷ୍କର୍ମ କରିଥିଲେ । ତାଙ୍କ ସାଙ୍ଗ ପ୍ରତିବାଦ କରିବାରୁ ଗୋଇଠା ମାରି କାର୍ ବାହାରକୁ ଫୋପାଡି ଦେଇଥିଲେ । ଅନ୍ୟପଟେ ପୀଡିତା ଆହୁରି ମଧ୍ୟ କହିଛନ୍ତି କୌଣସି ଉପାୟରେ ଖୁର୍ଜାର ଅଭିଯୁକ୍ତଙ୍କ ପାଖରୁ ଖସି ଆସିବାରେ ସଫଳ ହୋଇଥିଲେ । ମୃତ ଝିଅର ପୋଷ୍ଟମର୍ଟମ କରାଯିବାରୁ ତାଙ୍କ ଶରୀରର ୧୨ ଟି ସ୍ଥାନରେ ଦାଗ ଚିହ୍ନଟ ହୋଇଥିଲା । ଯାହା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି । ହତ୍ୟା, ଅପହରଣ ଏବଂ ଗଣଦୁଷ୍କର୍ମ ଧାରା ଅନୁଯାୟୀ ଏହି ମାମଲା ରୁଜୁ କରାଯାଇଛି ।

# ଟେଷ୍ଟ କ୍ରିକେଟରୁ କୋହଲିଙ୍କ ଅବସର

**ନୂଆଦିଲ୍ଲୀ,୧୨।୫(ମହାଭାରତ):** ରୋହିତ ଶର୍ମାଙ୍କ ପରେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଶେଷରେ ଏକ ବଡ଼ ଘୋଷଣା କରିଛନ୍ତି କିଙ୍ଗ କୋହଲି। ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ବିରାଟ କୋହଲି। ଇନଷ୍ଟାଗ୍ରାମରେ ପୋଷ୍ଟ ଶେୟାର କରି ସେ ଏହି ସୂଚନା ଦେଇଛନ୍ତି।

ବିରାଟ କୋହଲି ଟେଷ୍ଟ ଜର୍ସି ପିନ୍ଧିଥିବା ନିଜର ଏକ ଫଟୋ ଶେୟାର କରି ଲେଖିଛନ୍ତି, ଟେଷ୍ଟ କ୍ରିକେଟରେ ମୁଁ ପ୍ରଥମ ଥର ପାଇଁ ବ୍ୟାଗି ବ୍ଲୁ ଜର୍ସି ପିନ୍ଧିବାର ୧୪ ବର୍ଷ ବିତିଗଲାଣି। ସତ କହିବାକୁ ଗଲେ, ଏହି ଫର୍ମାଟ ମୋତେ ଏତେ ଦୂରକୁ ନେଇଯିବ ତାହା ମୁଁ କେବେ କଳ୍ପନା କରି ନଥିଲି। ଏହା ମୋର ପରୀକ୍ଷା ନେଇଛି, ମୋତେ ଗଠନ କରିଛି ଏବଂ ମୋତେ ଏପରି ଶିକ୍ଷା ଦେଇଛି ଯାହାକୁ ମୁଁ ଜୀବନ ସାରା ମୋ ସହିତ ବହନ କରିବି।

କୋହଲି ଆହୁରି ଲେଖିଛନ୍ତି, ହ୍ୱାଇଟ ଜର୍ସି ପିନ୍ଧି ଖେଳିବା ଏକ ଅତ୍ୟନ୍ତ ବ୍ୟକ୍ତିଗତ ଅଭିଜ୍ଞତା ନୀରବ କଠିନ ପରିଶ୍ରମ, ଲମ୍ବା ଦିନ, ଛୋଟ ଛୋଟ ମୁହୂର୍ତ୍ତ କୁ କେହି ଦେଖନ୍ତି

## ଭାବୁକ ପୋଷ୍ଟ କରି ଘୋଷଣା

ନାହିଁ। କିନ୍ତୁ ଏହା ସବୁଦିନ ପାଇଁ ଆପଣଙ୍କ ସହିତ ରହିଥାଏ। ଯେତେବେଳେ ମୁଁ ଏହି ଫର୍ମାଟରୁ ଦୂରେଇ ଯାଉଛି, ଏହା ସହଜ ନୁହେଁ, କିନ୍ତୁ ଏହା ଠିକ ଅନୁଭବ ହୁଏ ମୁଁ ଏଥିରେ ମୋର ସର୍ବସ୍ୱ ଦେଇଛି ଏବଂ ଏହା ମୋତେ ଆଶାଠାରୁ ଅଧିକ ଦେଇଛି।ବିରାଟ କୋହଲି ୨୦ ଜୁନ ୨୦୧୧ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ତାଙ୍କର ଟେଷ୍ଟ ଡେବ୍ୟୁ ମ୍ୟାଚ ଖେଳିଥିଲେ। ସେ ତାଙ୍କର ଡେବ୍ୟୁ ଟେଷ୍ଟର ପ୍ରଥମ ଇନିଂସରେ ୪ ରନ ଏବଂ ଦ୍ୱିତୀୟ ଇନିଂସରେ ୧୫ ରନ କରିଥିଲେ। ବିରାଟ କୋହଲିଙ୍କ ଶେଷ ଟେଷ୍ଟ ମ୍ୟାଚ ଥିଲା ଜାନୁଆରୀ ୩ରୁ ଜାନୁଆରୀ ୫ ମଧ୍ୟରେ ଖେଳାଯାଇଥିବା ଏହି ଟେଷ୍ଟର ପ୍ରଥମ ଇନିଂସରେ କୋହଲି ୧୭ ରନ କରିଥିଲେ ସେ ତାଙ୍କ କ୍ୟାରିୟରର ଶେଷ ଟେଷ୍ଟ ଇନିଂସରେ ୬ରନ କରିଥିଲେ। ବିସିସିଆଇ ପୋଷ୍ଟରେ ଲେଖିଛି, ଧନ୍ୟବାଦ ବିରାଟ କୋହଲି।ଟେଷ୍ଟ କ୍ରିକେଟରେ ଏକ ଯୁଗ ଶେଷ ହୋଇଛି। କିନ୍ତୁ ଏହି ଐତିହ୍ୟ ସବୁଦିନ ପାଇଁ ଜାରି ରହିବ ! ପୂର୍ବତନ ଟିମ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି। ଟିମ ଇଣ୍ଡିଆ ପ୍ରତି ତାଙ୍କର ଅବଦାନ ସର୍ବଦା ମନେ ରହିବ !




### ଟେଷ୍ଟ କ୍ୟାରିଅର

| ମ୍ୟାଚ୍ | ଇନିଂସ | ଅପରାଜିତ | ରନ୍ | ଶ୍ରେଷ୍ଠ ବ୍ୟକ୍ତିଗତ ସ୍କୋର | ଆଭରେଜ | ଶତକ | ଅର୍ଦ୍ଧଶତକ |
|---|---|---|---|---|---|---|---|
| ୧୨୩ | ୨୧୦ | ୧୩ | ୯୨୩୦ | ୨୫୪ | ୪୬.୮୫ | ୩୦ | ୩୧ |

### ଅଧିନାୟକ ଭାବେ ରେକର୍ଡ

| ମ୍ୟାଚ୍ | ବିଜୟ | ପରାଜୟ | ଡ୍ର’ | ଦେଶ ବାହାରେ ବିଜୟ | ଦେଶ ଭିତରେ ବିଜୟ |
|---|---|---|---|---|---|
| ୬୮ | ୪୦ | ୧୭ | ୧୧ | ୧୬ | ୨୪ |

## ବିରାଟଙ୍କ ଆଶ୍ଚର୍ଯ୍ୟଜନକ ରେକର୍ଡ

ନୂଆଦିଲ୍ଲୀ,୧୨।୫: ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଛନ୍ତି ରୋହିତ ଶର୍ମାଙ୍କ ଅବସରର ମାତ୍ର କିଛି ଦିନ ପରେ, ସେ ଲାଲ ବଲ ଫର୍ମାଟକୁ ମଧ୍ୟ ଅଲବିଦା କହିଛନ୍ତି। ରୋହିତ ଏବଂ ବିରାଟଙ୍କ ଯୋଡ଼ି ଟି-୨୦ ଏବଂ ଟେଷ୍ଟ ଉଭୟ ଫର୍ମାଟରେ ଦେଖିବାକୁ ମିଳିବ ନାହିଁ। ୩୬ ବର୍ଷୀୟ କୋହଲି ଜୁନ ୨୦୧୧ରେ ତାଙ୍କର ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ ଏବଂ ତାଙ୍କର ୧୪ ବର୍ଷର ଲମ୍ବା ଟେଷ୍ଟ କ୍ୟାରିୟରରେ ସେ ଅନେକ ରେକର୍ଡ ଭାଙ୍ଗିଛନ୍ତି। ତେବେ ଆସନ୍ତୁ ଜାଣିବା ଲାଲ ବଲ କ୍ରିକେଟରେ ବିରାଟଙ୍କ କିଛି ଆଶ୍ଚର୍ଯ୍ୟଜନକ ରେକର୍ଡ ବିଷୟରେ।




**ଭାରତୀୟ ଅଧିନାୟକ ଭାବରେ ସର୍ବାଧିକ ଟେଷ୍ଟ ଶତକ-**
ବିରାଟ କୋହଲି ହେଉଛନ୍ତି ଟେଷ୍ଟ କ୍ରିକେଟରେ ଅଧିନାୟକ ଭାବରେ ସର୍ବାଧିକ ଶତକ ମାରିଥିବା ଖେଳାଳି। ବିରାଟ ୬୮ଟି ଟେଷ୍ଟ ମ୍ୟାଚରେ ଟିମ ଇଣ୍ଡିଆର ଅଧିନାୟକତ୍ୱ କରିଥିଲେ ଏଥିରୁ ସେ ୨୦ଟି ଇନିଂସରେ ଗୋଟିଏ ଶତକ ମାରିଥିଲେ। ଭାରତୀୟ ଅଧିନାୟକ ଭାବରେ ସର୍ବାଧିକ ଟେଷ୍ଟ ଶତକ ହାସଲ କରିଥିବା ଖେଳାଳିଙ୍କ ତାଲିକାରେ ସୁନୀଲ ଗାଭାସ୍କର ଦ୍ୱିତୀୟ ସ୍ଥାନରେ ଅଛନ୍ତି, ଯିଏ ଅଧିନାୟକ ଭାବରେ ୧୧ଟି ଶତକ ହାସଲ କରିଥିଲେ।

**ଜଣେ ଭାରତୀୟଙ୍କ ଦ୍ୱାରା ସର୍ବାଧିକ ଦ୍ୱିଶତକ-**
ବିରାଟ କୋହଲି ହେଉଛନ୍ତି ଜଣେ ଭାରତୀୟଙ୍କ ଦ୍ୱାରା ଟେଷ୍ଟ ଫର୍ମାଟରେ ସର୍ବାଧିକ ଦ୍ୱିଶତକ ହାସଲ କରିଥିବା ବ୍ୟାଟସମ୍ୟାନ ସେ ତାଙ୍କର ୧୪ ବର୍ଷର ଲାଲ ବଲ କ୍ୟାରିୟରରେ ୭ଟି ଦ୍ୱିଶତକ ହାସଲ କରିଥିଲେ। ତାଙ୍କର ଶେଷ ଦ୍ୱିଶତକ ୨୦୧୯ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆସିଥିଲା।ସଚିନ ତେନ୍ଦୁଲକର ଏବଂ ବୀରେନ୍ଦ୍ର ସେହ୍ୱାଗ ଉଭୟ ଟେଷ୍ଟରେ ୬ଟି ଦ୍ୱିଶତକ ମାରିଛନ୍ତି।

**ଟେଷ୍ଟରେ ଭାରତର ସବୁଠାରୁ ସଫଳ ଅଧିନାୟକ-**
ବିରାଟ କୋହଲି ତାଙ୍କ କ୍ୟାରିୟରରେ ସୌରଭ ଗାଙ୍ଗୁଲି, ମହମ୍ମଦ ଆଝାରୁଦ୍ଦିନ ଏବଂ ଏମଏସ ଧୋନୀଙ୍କ ପରି କିମ୍ବଦନ୍ତୀ ଅଧିନାୟକଙ୍କୁ ପଛରେ ପକାଇଛନ୍ତି। ବିରାଟ ଟେଷ୍ଟରେ ଭାରତର ସବୁଠାରୁ ସଫଳ ଅଧିନାୟକ ଥିଲେ। ତାଙ୍କ ନେତୃତ୍ୱରେ ଟିମ ଇଣ୍ଡିଆ ୬୮ଟି ଟେଷ୍ଟ ମ୍ୟାଚ ମଧ୍ୟରୁ ୪୦ଟି ଜିତିଥିଲା। ତାଙ୍କ ଅଧିନାୟକତ୍ୱରେ ଭାରତର ବିଜୟ ପ୍ରତିଶତ ୫୮.୮୨ ଥିଲା। ୧୦ରୁ ଅଧିକ ଟେଷ୍ଟ ମ୍ୟାଚ୍‌ରେ ଟିମ ଇଣ୍ଡିଆର ଅଧିନାୟକତ୍ୱ କରିଥିବା ଖେଳାଳିଙ୍କ ମଧ୍ୟରେ ବିରାଟଙ୍କ ବିଜୟ ପ୍ରତିଶତ ସର୍ବାଧିକ।

**ବିଦେଶୀ ଟେଷ୍ଟ ଗସ୍ତରେ ଚାରୋଟି ଶତକ ମାରିଥିବା ପ୍ରଥମ ଭାରତୀୟ**
ବିରାଟ କୋହଲି ପ୍ରଥମ ଭାରତୀୟ ଖେଳାଳି ଭାବେ ବିଦେଶ ଗସ୍ତରେ ୪ଟି ଶତକ ମାରିଛନ୍ତି। ସେ ୨୦୧୪-୧୫ ଅଷ୍ଟ୍ରେଲିଆ। ଗସ୍ତରେ ୪ଟି ଶତକ ମାରିଥିଲେ। ଏହା ବ୍ୟତୀତ ସେ ୨୦୧୬-୧୭ ଇଂଲଣ୍ଡ ସିରିଜରେ ମଧ୍ୟ ୪ଟି ଶତକୀୟ ଇନିଂସ ଖେଳିଥିଲେ।

**ଟେଷ୍ଟରେ ଭାରତ ପାଇଁ ଚତୁର୍ଥ ସର୍ବାଧିକ ରନ ସ୍କୋରର-**
ବିରାଟ କୋହଲି ଟେଷ୍ଟ କ୍ରିକେଟ ଇତିହାସରେ ଭାରତ ପାଇଁ ଚତୁର୍ଥ ସର୍ବାଧିକ ରନ ସ୍କୋରର। ସେ ତାଙ୍କର ୧୨୩ଟି ଟେଷ୍ଟ ମ୍ୟାଚ କ୍ୟାରିୟରରେ ୯,୨୩୦ ରନ କରିଥିଲେ ।ଏହି ତାଲିକାରେ ତାଙ୍କ ଉପରେ କେବଳ ସଚିନ ତେନ୍ଦୁଲକର, ରାହୁଲ ଦ୍ରାବିଡ ଏବଂ ସୁନୀଲ ଗାଭାସ୍କର ଥିଲେ।

## ଅଧା ରହିଗଲା ପିଲାଦିନର ସ୍ୱପ୍ନ

ନୂଆଦିଲ୍ଲୀ,୧୨।୫: ଭାରତୀୟ କ୍ରିକେଟ ଦଳର ଷ୍ଟାର ବ୍ୟାଟସମ୍ୟାନ ବିରାଟ କୋହଲି ସୋମବାର ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ସେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ ଶେୟାର କରି ଏହି ସୂଚନା ଦେଇଛନ୍ତି ଏବେ କିଙ୍ଗ କୋହଲି କେବଳ ରେ ମ୍ୟାଚ ଖେଳିବାର ଦେଖାଯିବେ।
୩୬ ବର୍ଷୀୟ ବିରାଟ ଚଳିତ ବର୍ଷ ଅଷ୍ଟ୍ରେଲିଆର ଗସ୍ତ ସମୟରେ ତାଙ୍କ ଟେଷ୍ଟ କ୍ୟାରିୟରର ଶେଷ ମ୍ୟାଚ ଖେଳିଥିଲେ, ଯେଉଁଠାରେ ଭାରତ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୧-୩ରେ ପରାସ୍ତ ହୋଇଥିଲା।
ଏହି ସିରିଜର ପ୍ରଥମ ମ୍ୟାଚ ଅର୍ଥାତ ପର୍ଥରେ କୋହଲି ୧୦୦ ରନର ଅପରାଜିତ ଇନିଂସ ଖେଳିଥିଲେ, କିନ୍ତୁ ଏହା ପରେ ତାଙ୍କୁ ରନ ସଂଗ୍ରହ କରିବାକୁ ସଂଘର୍ଷ କରୁଥିବା ଦେଖାଯାଇଥିଲା ଇଂଲଣ୍ଡ ଗସ୍ତ ପୂର୍ବରୁ କୋହଲି ଏବେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଆସନ୍ତୁ ଜାଣିବା କିଙ୍ଗ କୋହଲିଙ୍କ ସେହି ରେକର୍ଡ ବିଷୟରେ ଯାହା ସେ ଏହି ଫର୍ମାଟରେ କରିବାରୁ ବଞ୍ଚିତ ହୋଇଥିଲେ।
୧. ୧୦,୦୦୦ ଟେଷ୍ଟ ରନ କରିବାର ସ୍ୱପ୍ନ ଅଧା ରହିଗଲା
ବିରାଟ କୋହଲି ଟେଷ୍ଟ କ୍ରିକେଟରେ ଅନେକ ଆଶ୍ଚର୍ଯ୍ୟଜନକ ରେକର୍ଡ କରିଥିଲେ, କିନ୍ତୁ ସେ ତାଙ୍କ ପିଲାଦିନର ସ୍ୱପ୍ନ ପୂରଣ କରିପାରିଲେ ନାହିଁ କିଙ୍ଗ କୋହଲି। ଥରେ ଏକ ସାକ୍ଷାତକାରରେ ତାଙ୍କ ପିଲାଦିନର ସ୍ୱପ୍ନ ବିଷୟରେ କହିଥିଲେ ଏବଂ କହିଥିଲେ ଯେ ସେ ଟେଷ୍ଟରେ ୧୦ ହଜାର ରନ କରିବାକୁ ଚାହାଁନ୍ତି, ଯାହା ତାଙ୍କର ପିଲାଦିନର ସ୍ୱପ୍ନ।
ତଥାପି, କୋହଲି ୧୨୩ଟି ଟେଷ୍ଟ ମ୍ୟାଚ ଖେଳି ୯୨୩୦ ରନ କରିଥିଲେ। ତାଙ୍କୁ ୧୦,୦୦୦ ରନ କ୍ଲବରେ ସାମିଲ ହେବା ପାଇଁ ଟେଷ୍ଟରେ ଆହୁରି ୭୭୦ ରନ ଆବଶ୍ୟକ ଥିଲା, ଯେଉଁଥିରେ ମହାନ କ୍ରିକେଟର ସଚିନ ତେନ୍ଦୁଲକର, ରିକି ପଣ୍ଟିଂ ଏବଂ ଜ୍ୟାକ କାଲିସ ସାମିଲ ଅଛନ୍ତି।ଯଦି କୋହଲି ଇଂଲଣ୍ଡ ଗସ୍ତରେ ଯାଇଥାନ୍ତେ, ତେବେ ସେ ଏହି ସଫଳତା ହାସଲ କରିପାରିଥାନ୍ତେ।
୨. ରେ ଭାରତର ସର୍ବାଧିକ ସ୍କୋରର ହେବାର ରେକର୍ଡ କରିବାର ସୁଯୋଗ ହରାଇଲେ।ବିରାଟ କୋହଲି ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ଭାରତ ପାଇଁ ସର୍ବାଧିକ ସ୍କୋରର ହେବାର ସୁଯୋଗ ପାଇଥିଲେ। ଏହି ରେକର୍ଡ ତାଙ୍କ ସାଥୀ ଖେଳାଳି ଏବଂ ପୂର୍ବତନ ଭାରତୀୟ ଟେଷ୍ଟ ଅଧିନାୟକ ରୋହିତ ଶର୍ମାଙ୍କ ନାମରେ ଅଛି, ଯିଏ ବିଶ୍ୱକପରେ ୨୭୧୬ ରନ କରିଥିଲେ। ଯଦି କୋହଲି ଆଉ ୯୯ ରନ କରିଥାନ୍ତେ ତେବେ ତାଙ୍କ ଠାରୁ ଅଧିକ ରନ କରିବାର ସୁଯୋଗ ତାଙ୍କ ପାଖରେ ଥିଲା।

## କିଛି ଖେଳାଳିଙ୍କ ଚମକିବ ଭାଗ୍ୟ

ନୂଆଦିଲ୍ଲୀ,୧୨।୫: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏବଂ ଷ୍ଟାର ବ୍ୟାଟସମ୍ୟାନ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି। ସୋମବାର ବିରାଟ ଟେଷ୍ଟରୁ ଅବସର ଘୋଷଣା କରିଛନ୍ତି। ଏବେ ପ୍ରଶ୍ନ ହେଉଛି ଟେଷ୍ଟ ଦଳରେ ବିରାଟଙ୍କ ସ୍ଥାନ କିଏ ନେବେ? ବିରାଟଙ୍କ ସ୍ଥାନ ନେବା ପାଇଁ ଅନେକ ଦାବିଦାର ଅଛନ୍ତି ଏଥିରେ ପ୍ରତିଯୋଗୀମାନେ ଅଛନ୍ତି ରଜତ ପାଟିଦାର, ସରଫରାଜ ଖାନ ଏବଂ ଶ୍ରେୟାସ ଆୟର। କିନ୍ତୁ ଏହି ଖେଳାଳିମାନଙ୍କ ମଧ୍ୟରୁ ଜଣଙ୍କର ଭାଗ୍ୟ ଚମକିବାକୁ ଯାଉଛି ସେ ହେଉଛନ୍ତି ଆୟର। ବିରାଟ କୋହଲି ଟେଷ୍ଟ କ୍ରିକେଟରେ ପ୍ରାୟତଃ ଚତୁର୍ଥ ନମ୍ବରରେ ବ୍ୟାଟିଂ କରୁଥିଲେ। ଦଳ ଏବେ ଏପରି ଜଣେ ବ୍ୟାଟସମ୍ୟାନଙ୍କୁ ଖୋଜୁଛି ଯିଏ ଦୀର୍ଘ ସମୟ ପର୍ଯ୍ୟନ୍ତ ଚତୁର୍ଥ ନମ୍ବରରେ ଭଲ ପ୍ରଦର୍ଶନ କରିପାରିବେ। ଶ୍ରେୟସ ଆୟର ଚୟନକର୍ତ୍ତାଙ୍କ ପ୍ରଥମ ପସନ୍ଦ ହୋଇପାରନ୍ତି।ଆୟର ଦିନିକିଆରେ ଚତୁର୍ଥ ନମ୍ବରରେ ମଧ୍ୟ ବ୍ୟାଟିଂ କରନ୍ତି ଏବଂ ଏହି ସ୍ଥାନରେ ତାଙ୍କର ରେକର୍ଡ ମଧ୍ୟ ଭଲ।

ଭାରତକୁ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିବାରେ ଗୁରୁତ୍ୱର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଶ୍ରେୟସ ଆୟର ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ବିରାଟ କୋହଲିଙ୍କ ସ୍ଥାନରେ ଚତୁର୍ଥ ନମ୍ବରରେ ଖେଳିପାରନ୍ତି। ଆୟର ମଧ୍ୟ ବହୁତ ଭଲ ଫର୍ମରେ ଅଛନ୍ତି। ଆଇପିଏଲ ୨୦୨୫ରେ ଆୟରଙ୍କ ବ୍ୟାଟ ଏପର୍ଯ୍ୟନ୍ତ ୪୦୫ ରନ କରିଛି।ଆୟର ଭାରତ ପାଇଁ ୭୦ଟି ଦିନିକିଆ, ୫୧ଟି ଟି-୨୦ ଆନ୍ତର୍ଜାତୀୟ ଏବଂ ୧୪ଟି ଟେଷ୍ଟ ମ୍ୟାଚ ଖେଳିଛନ୍ତି।

ସେ ଦିନିକିଆରେ ଚତୁର୍ଥ ନମ୍ବରରେ ଚମତ୍କାର ପ୍ରଦର୍ଶନ କରନ୍ତି। ବିରାଟ କୋହଲି ଟେଷ୍ଟ କ୍ରିକେଟରେ ୩୦ଟି ଶତକ ହାସଲ କରିଛନ୍ତି। ବିରାଟ ଟେଷ୍ଟରେ ୭ଟି ଦ୍ୱିଶତକ ଏବଂ ୩୦ଟି ଶତକ ମାରିଥିଲେ ସେ ଭାରତ ପାଇଁ ଟେଷ୍ଟରେ ଚତୁର୍ଥ ସର୍ବାଧିକ ରନ ସ୍କୋରର ଟେଷ୍ଟରେ ବିରାଟଙ୍କ ତୁଳନାରେ କେବଳ ତିନି ଜଣ ଭାରତୀୟ ବ୍ୟାଟସମ୍ୟାନ ଅଧିକ ଶତକ ହାସଲ କରିପାରିଛନ୍ତି।

## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



କେନ୍ଦ୍ରାପଡା,୧୨।୫(ମହାଭାରତ): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ହାଇସ୍କୁଲ ପଡିଆ ଠାରେ ଯୁଥ ଭଲିବଲ ଏକାଡେମୀ ତରଫରୁ ଦିନିକିଆ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଚାରିଗୋଟି ଭଲି ଟିମ୍ ଅଂଶ ଗ୍ରହଣ କରିଥିଲେ। ଚାଲି ନଙ୍ଗଳ ର ଦୌଲତପୁର, ପାରାଦ୍ୱୀପ, କେନ୍ଦ୍ରାପଡା ଓ କଟକ ର ମଧୁପୁର ଟିମ୍ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଫାଇନାଲ ମ୍ୟାଚ୍ କେନ୍ଦ୍ରାପଡା ଓ ଦୌଲତପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡା କୁ ହରାଇ ଦୌଲତପୁର ମ୍ୟାଚରେ ବିଜୟୀ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମାଜସେବୀ ରଂଜିତ ସାହୁ, ବିଜେପି ନେତା ସମିଲ ଖାନ, କାଉନସିଲର ସେକ ଅସଲମ, ସେକ ଅତୋ, କ୍ରୀଡା ଶିକ୍ଷକ ଜ୍ୟୋର୍ତିମୟୀ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ଆଥଲେଟିକ୍ ସଂପାଦକ ସୟଦ ଆକମଲ ଅଲ୍ଲୀ ଓ ସେକ ନିଜାମ ପ୍ରମୁଖ ଯୋଗ ଦେଇ ବିଜେତା ହୋଇଥିବା ଦୌଲତପୁର ଟିମକୁ କପ ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ।

## ପାରାଦୀପରେ ପ୍ରେସିଡେଣ୍ଟ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ

ପାରାଦୀପ – ପାରାଦୀପ ଗଲ୍ଫ ପଡିଆ। ଠାରେ ରବିବାର ଦିନ ଏକ ଦିନିକିଆ। ପ୍ରେସିଡେଣ୍ଟ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ।ପାରାଦୀପ ଗଲ୍ଫ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ହାଣ୍ଡିକ୍ୟାପ -୧୮ ବର୍ଗରେ ଓସ୍କାର ତୁଙ୍ଗତୁଙ୍ଗ ଚମ୍ପିୟନ ହୋଇଥିବା ବେଳେ ରଞ୍ଜିତ କୁମାର ବୋମାଲୀ ବେଷ୍ଟ କ୍ରସର ଓ ଦୀପକ କୁମାର ଷଡଙ୍ଗୀ ରନର୍ସଅପ ହୋଇଥିଲେ ୧୯-୨୪ ବର୍ଗରେ ନୀଳାଦ୍ରି ଦାସଗୁପ୍ତା ଚମ୍ପିୟନ, ସୁବାସ ଆଚାର୍ଯ୍ୟ ରନର୍ସଅପ,ଲଙ୍ଗେଷ୍ଟ ଡ୍ରାଇଭ ରେ ଧର୍ମେନ୍ଦ୍ର ମିଶ୍ର ଓ ନିଅରେଷ୍ଟ ଟୁ ପିନ ରେ ବବଲୁ ସିକଦାର ବିଜେତା ହୋଇଥିଲେ। ସେହିପରି ମହିଳା ପୁଟିଙ୍ଗ ବିଭାଗରେ ମିସ ସାଗରିକା ଗୋପ ଚମ୍ପିୟନ,ପ୍ରଥମ ରନର୍ସଅପ ଭାବେ ଶ୍ରୀମତୀ ମଧୁସ୍ମିତା ସେଠୀ ଓ ଦ୍ୱିତୀୟ ରନର୍ସଅପ ଭାବେ ଅମ୍ବାଲିକା ସୁତାର ବିଜୟୀ ହୋଇଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଏବଂ ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଖେଳାଳି ମାନଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ସିଏମଇ ସୁଶୀଲ ଚନ୍ଦ୍ର ନାହାକ, ଡେପୁଟି ସିଏମଇ ମଣିପୁଷ୍ପକ



ସେଠୀ, ଡେପୁଟି ସିଇଇ ଚନ୍ଦନ ପାଣିଗ୍ରାହୀ,କୋଷ୍ଟଗାର୍ଡ ଡିଆଇଜି ସଞ୍ଜୟ ନେଗୀ, ସିଆଇଏସଏଫ କମାଣ୍ଡାଣ୍ଟ ସନତ ପଟେଲ, କେଆଇସିଟି କମ୍ପାନୀ ସିଇଓ ସୁଧୀର ମୁଲଗଡା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପାରାଦୀପ ଗଲ୍ଫ କ୍ଲବ ର ସଭାପତି ତଥା ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଧର୍ମେନ୍ଦ୍ର ନାଥ ସୋଢୀ, କ୍ଲବ ର କାର୍ଯ୍ୟକାରୀ ସଭାପତି ବବଲୁ ସିକଦାର, ଅଧିନାୟକ ଅକ୍ଷୟ ଚନ୍ଦ୍ର ସୁତାର, ଗୋପବନ୍ଧୁ କ୍ରୀଡା ସଂସଦ ର କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ ଓ ଉପସଭାପତି ସୁବାସ ଆଚାର୍ଯ୍ୟ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ ।

## ୧୭ରୁ ପୁଣି ଆରମ୍ଭ ହେବ ଆଇପିଏଲ୍

ନୂଆଦିଲ୍ଲୀ,୧୨।୫: ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଯୋଗୁଁ ମେ ୯ ତାରିଖରେ ଆଇପିଏଲ୍ ଏକ ସପ୍ତାହ ପାଇଁ ସ୍ଥଗିତ ହୋଇଥିଲା। ଧରମଶାଳାରେ ପଞ୍ଜାବ କିଙ୍ଗସ୍ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍ ସୁରକ୍ଷା କାରଣରୁ ମଝିରେ ବନ୍ଦ ହୋଇଯାଇଥିଲା। ତେବେ ଶନିବାର ଦିନ ଉଭୟ ଦେଶ ମଧ୍ୟରେ ଯୁଦ୍ଧବିରତି ଘୋଷଣା ପରେ ବିସିସିଆଇ ଟୁର୍ଣ୍ଣାମେଣ୍ଟକୁ ପୁନଃ ଆରମ୍ଭ କରିବା ପାଇଁ ଯୋଜନା କରିଛି।

ବିସିସିଆଇ ସୂଚନା ଅନୁଯାୟୀ, ବାକି ଥିବା ୧୭ଟି ମ୍ୟାଚ୍ ଛଅଟି ଭେନ୍ୟୁରେ ଖେଳାଯିବ। ମେ ୧୭ ତାରିଖରେ କୋଲକାତା ନାଇଟ ରାଇଡ଼ର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ସହିତ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ ପ୍ଲେ-ଅଫ ମ୍ୟାଚ୍‌ଗୁଡ଼ିକ ନିମ୍ନ ଅନୁସାରେ ଅନୁଷ୍ଠିତ ହେବ: କ୍ୱାଲିଫାୟର ୧ ମେ ୨୯, ଏଲିମିନେଟର ମେ ୩୦, କ୍ୱାଲିଫାୟର ୨ ଜୁନ୍ ୧, ଫାଇନାଲ ଜୁନ୍ ୩ ପ୍ଲେ-ଅଫ ଭେନ୍ୟୁ ସମ୍ପର୍କରେ ପରେ ଘୋଷଣା କରାଯିବ।



କୋଲକାତାର ଇଡେନ୍ ଗାର୍ଡେନ୍ସରେ ଫାଇନାଲ ମ୍ୟାଚ୍ ହେବାର ଯୋଜନା ଥିଲେ ମଧ୍ୟ, ଜୁନ୍ ପ୍ରଥମ ସପ୍ତାହରେ ବର୍ଷାର ସମ୍ଭାବନା ଯୋଗୁଁ ଏହା ଅହ୍ମଦାବାଦରେ ହୋଇପାରେ ବୋଲି ସୂଚନା ମିଳିଛି ବିସିସିଆଇ ସମସ୍ତ ଫ୍ରାଞ୍ଚାଇଜିକୁ ମେ ୧୩ ସୁଦ୍ଧା ସେମାନଙ୍କ ଖେଳାଳି ଓ ସହାୟକ କର୍ମଚାରୀଙ୍କୁ ଏକତ୍ର କରିବାକୁ ନିର୍ଦ୍ଦେଶ ଦେଇଛି।

ଏହି ନୂଆ। ସୂଚୀ ଅନୁଯାୟୀ, ବାକି ମ୍ୟାଚ୍‌ଗୁଡ଼ିକ ବେଙ୍ଗାଲୁରୁ, ଚେନ୍ନାଇ ଓ ହାଇଦ୍ରାବାଦ ଭଳି ସହରରେ ଖେଳାଯାଇପାରେ ବିସିସିଆଇ ସରକାରଙ୍କ ଅନୁମୋଦନ ଓ ସୁରକ୍ଷା ବ୍ୟବସ୍ଥା ପରେ ଚୂଡ଼ାନ୍ତ ସୂଚୀ ଘୋଷଣା କରିବ। ଏହା ସହିତ, ଆଇପିଏଲ୍ ୨୦୨୫ ପୁଣି ଥରେ କ୍ରିକେଟ୍ ପ୍ରେମୀଙ୍କ ମନରେ ଉତ୍ସାହ ଭରିବ ବୋଲି ଆଶା କରାଯାଉଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ